

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୧୬ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 16 December 2025
Vol.No. 36 ■ No.331 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଦିଲ୍ଲୀ ପ୍ରଦୂଷଣ ନେଇ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ : ନିୟମ ମାନୁନାହାନ୍ତି ଲୋକ, ଅଧିକ ପ୍ରଭାବିତ ଗରିବ ଶ୍ରେଣୀ



ନୂଆଦିଲ୍ଲୀ,୧୫/୧୨ : କେବେ ସୁଧୁରିବ ଦିଲ୍ଲୀ ସ୍ଥିତି ? ନିୟନ୍ତ୍ରଣକୁ ଆସୁନି ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ଓ ଏହା ଆଖପାଖ ଅଞ୍ଚଳର ବାୟୁ ପ୍ରଦୂଷଣ । ବାୟୁ ଗୁଣବତ୍ତା ଅତି ଖରାପରୁ ଆହୁରି ଖରାପ ବା ସିଭିୟର ପ୍ଲସ୍ ହେବାରେ ଲାଗିଛି। ଆଜି ସକାଳ ୬ଟା ସୁଦ୍ଧା ଦିଲ୍ଲୀ ଏକ୍ୟୁଆଇ ଥିଲା ୪୫୬ । ଚଳିତ ଋତୁର ଏହା ଦ୍ୱିତୀୟ ଖରାପ ଏକ୍ୟୁଆଇ ବୋଲି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କହିଛି । ଲୋକ ଶ୍ୱାସକ୍ରିୟାରେ ସମସ୍ୟା ଭୋଗୁଛନ୍ତି । ଲୋକ ଦିଲ୍ଲୀ ଛାଡ଼ି ଅନ୍ୟତ୍ର ପଳାଇବାକୁ ଚିନ୍ତା କଲେଣି । ଆଜି ସକାଳୁ ଦିଲ୍ଲୀ ଏନସିଆର୍ ଆକାଶ ଘନ କୁହୁଡ଼ିରେ ଘୋଡ଼ାଇ ହୋଇରହିଥିବାରୁ ଲୋକ ଅସୁବିଧାର ସାମ୍ନା କରୁଛନ୍ତି । ଖରାପ ପାଗ ସାଙ୍ଗକୁ ବାୟୁ ପ୍ରଦୂଷଣ ଯୋଗୁ ଚିନ୍ତା ବଢ଼ିଯାଇଛି । ଘନ କୁହୁଡ଼ି ଯୋଗୁ ଦୃଶ୍ୟମାନ ଦୂରତା କମିଯାଇଥିବାରୁ ବାଧାପ୍ରାପ୍ତ ହୋଇଛି ଗାଡ଼ି ଚଳାଚଳ । ଶତାଧିକ ବିମାନ ବାତିଲ ହୋଇଥିବା ବେଳେ ୩ ଶହ ବିମାନ ଚଳାଚଳରେ ବିଳମ୍ବ ହୋଇଛି । ଟ୍ରେନ୍ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଦିଲ୍ଲୀରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କଠୋର ପଦକ୍ଷେପ ନିଆଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ । ଖୋଲାରେ ଅଳିଆ ଆବର୍ଜନା ଜାଳିଲେ ୫ ହଜାର ଟଙ୍କା ଜରିମାନା ସହ ହୋଟେଲ ଓ ରେଷ୍ଟୁରାଣ୍ଟରେ କୋଇଲା ଏବଂ କାଠ ବ୍ୟବହାର ଉପରେ ଲାଗିଛି କଟକଣା। ଦିଲ୍ଲୀ ପାଖ ରାଜ୍ୟଗୁଡ଼ିକରେ କ୍ଷେତରେ ନଡ଼ା ଜାଳିବା ଉପରେ ମଧ୍ୟ କଟକଣା ଲାଗିଛି । ତଥାପି ସ୍ଥିତି ସୁଧୁରିନାହିଁ । ଦିଲ୍ଲୀ ବାୟୁ ପ୍ରଦୂଷଣ ନେଇ ଆସନ୍ତା ୧୭ ତାରିଖରେ ସୁପ୍ରିମକୋର୍ଟ ଶୁଣାଣି କରିବେ ।

## ପ୍ରିୟଙ୍କାଙ୍କୁ ଭେଟିଲେ ପିକେ: ପୁଣି କଂଗ୍ରେସ ସହ ନଜର ଆସିବେ କି ପ୍ରଶାନ୍ତ କିଶୋର ?

ନୂଆଦିଲ୍ଲୀ,୧୫/୧୨ : ବିହାର ବିଧାନସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପ୍ରଦର୍ଶନ ଏବଂ ପ୍ରଶାନ୍ତ କିଶୋରଙ୍କ ନୂଆ ଦଳ ଜନ ସୂରାଜ ପାର୍ଟି ଗୋଟିଏ ବି ସିଟ୍ ନ ଜିତିବା ପରେ ଏବେ ସାମ୍ନାକୁ ଆସିଛି ବଡ଼ ଖବର । ମିଳିଥିବା ସୂଚନା ଅନୁସାରେ କିଛି ଦିନ ତଳେ ନୂଆଦିଲ୍ଲୀରେ ପ୍ରଶାନ୍ତ କିଶୋର ଏବଂ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ପରସ୍ପରକୁ ଭେଟିଛନ୍ତି, ଆଉ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଛନ୍ତି । ପ୍ରଶାନ୍ତ କିଶୋର ଏବଂ ପ୍ରିୟଙ୍କା ଗାନ୍ଧୀଙ୍କ ଏହି ଭେଟଘାଟ ପରେ ଏବେ ଚର୍ଚ୍ଚା ହେଉଛି, ପୁଣିଥରେ କଣ କଂଗ୍ରେସ ସହ ନଜର ଆସିବେ ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋର ? ନା ଏହା କେବଳ ଏକ ସୌଜନ୍ୟମୂଳକ ସାକ୍ଷାତକାର ଥିଲା ? ମିଳିଥିବା ସୂଚନା ଅନୁସାରେ, ଦୁଇ ନେତାଙ୍କ ଭିତରେ



ହୋଇଥିବା ସାକ୍ଷାତକାର ସମୟରେ ଏହି ମିଟିଂରେ ଭୋଟ୍ କାଟିବା ପ୍ରସଙ୍ଗ ଉଠିଥିଲା। ପ୍ରଶାନ୍ତ କିଶୋରଙ୍କ ସହ ପ୍ରିୟଙ୍କା ଗାନ୍ଧୀ ଉଭୟ ଏହି ପ୍ରସଙ୍ଗ ଉଠାଇଥିଲେ । ଅନ୍ୟପଟେ ପ୍ରିୟଙ୍କା ଗାନ୍ଧୀ ଏହି ପ୍ରସଙ୍ଗରେ ନୀରବତା ବଜାୟ ରଖିବା ସହିତ ଏହି ସାକ୍ଷାତକାରକୁ ଅସ୍ୱୀକାର କରୁଛନ୍ତି । ଜାଣିରଖିବା ଉଚିତ ଯେ, ବିହାର ବିଧାନସଭା ନିର୍ବାଚନର ପ୍ରାୟ ଗୋଟିଏ ମାସ ପରେ ପ୍ରଶାନ୍ତ କିଶୋର ପ୍ରିୟଙ୍କା ଗାନ୍ଧୀଙ୍କୁ ଭେଟିଛନ୍ତି । ତେବେ ରାଜନୈତିକ ରଣନୀତିକାର ଭାବେ ପରିଚିତ ପ୍ରଶାନ୍ତ କିଶୋର ଏଥର ନିଜର ପାର୍ଟି ଜନ ସୂରାଜ ପାର୍ଟିକୁ ନେଇ ବିହାର ବିଧାନସଭା ନିର୍ବାଚନ ଲଢ଼ିଥିଲେ । ହେଲେ ତାଙ୍କ ଦଳ କିନ୍ତୁ ନିର୍ବାଚନରେ ଗୋଟିଏ ବି ସିଟ୍ ଜିତିପାରିନଥିଲା । ହେଲେ ଏବେ ପ୍ରଶାନ୍ତ କିଶୋର ଏବଂ ପ୍ରିୟଙ୍କା ଗାନ୍ଧୀଙ୍କ ଏହି ଭେଟଘାଟ ଚର୍ଚ୍ଚା ସୃଷ୍ଟି କରିଛି । ଆପଣ ଭଲ ଭାବେ ଜାଣିଥିବେ ଯେ, ପ୍ରଶାନ୍ତ କିଶୋର ଏବଂ ଗାନ୍ଧୀ ପରିବାର ଭିତରେ ପୂର୍ବରୁ ସମ୍ପର୍କ ରହିଛି ।

## ମୋକିମଙ୍କୁ ମହଙ୍ଗା ପଡ଼ିଲା ନେତୃତ୍ୱ ବିରୋଧରେ ଚିଠି: ଡାକିଲେନି ସୋନିଆ, ବିଦା କଲା କଂଗ୍ରେସ




ଭୁବନେଶ୍ୱର, ୧୫/୧୨ (ନି.ପ୍ର): ଚିଠି ଲେଖି ଦଳରୁ ବିଦା ହେଲେ ମୋକିମ । ହାତ ଛାଡିଦେଲା କଂଗ୍ରେସ । ନା କାରଣ ଦର୍ଶାଅ ନୋଟିସ ଆସିଲା ନା ଦିଲ୍ଲୀ ଡକରା ହେଲା । ପକ୍ଷ ରଖିବାକୁ ସୁଯୋଗ ନ ମିଳିବା ଭିତରେ ସିଧା ଆକ୍ସନ ନେଇଛନ୍ତି ଭକ୍ତ । ଏହା ଭିତରେ ମୋକିମଙ୍କ ପରବର୍ତ୍ତୀ ରାଜନୈତିକ ଗୋଟିଚାଳନା କଣ ହେବ ତାହା ଉପରେ ନଜର । କଂଗ୍ରେସର ଦିଲ୍ଲୀ ଓ ଓଡ଼ିଶା ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇ ଗତ ବୁଧବାର ସୋନିଆଙ୍କୁ ଚିଠି ଲେଖିଥିଲେ ମୋକିମ । ଭାବିଥିଲେ ଦିଲ୍ଲୀରୁ ଡାକରା ଆସିବ, ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ହେବ । ହେଲେ ସୋମବାର ସକାଳେ ଭକ୍ତଙ୍କ ଦସ୍ତଖତରେ ଆସିଥିବା ଚିଠିରେ ମୋକିମଙ୍କୁ ବହିଷ୍କାରର ରାସ୍ତା ଦେଖାଇଛି କଂଗ୍ରେସ । ଦଳ ବିରୋଧୀର ଟ୍ୟାଗ୍ ଲଗାଇଛି । ଦଳର ନିଷ୍ପତ୍ତିକୁ ନେଇ ମୁହଁ ଖୋଲିଛନ୍ତି ମୋକିମ । କହିଛନ୍ତି, କଂଗ୍ରେସର କର୍ମୀ ବାଘ ଛୁଆ ବୋଲି ରାହୁଲ କହିଥିଲେ । ନ ଡରିବାକୁ ଆହ୍ୱାନ ଦେଇଥିଲେ। ଯାହାକୁ ପାଳନ କରି ଦଳକୁ ଆଇନା ଦେଖାଇବାରୁ କଂଗ୍ରେସରୁ ବିଦା ହେଲି । ଦଳର ଭଲ ପାଇଁ କହିବା କ'ଣ ଦଳ ବିରୋଧୀ କାର୍ଯ୍ୟ କି ବୋଲି ପ୍ରଶ୍ନ କରିଛନ୍ତି । ମୋକିମଙ୍କୁ କଂଗ୍ରେସ ବହିଷ୍କାର କରିବା ପରେ ସମର୍ଥନରେ ବାହାରିଛନ୍ତି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ । କଂଗ୍ରେସରେ ମୋକିମଙ୍କ ଭଳି ଅନେକ ନେତାଙ୍କର ଆବଶ୍ୟକତା ଅଛି । ନେତାଙ୍କ ମନରୁ ଅସନ୍ତୋଷ ଦୂର କରିବା ଦଳର କର୍ତ୍ତବ୍ୟ । କଂଗ୍ରେସ ଏବେ ରାଜ୍ୟରେ ଦୁର୍ବଳ ଅଛି । ଶକ୍ତିଶାଳୀ କରିବାକୁ ଉଦ୍ୟମ କରନ୍ତୁ ନେତା । ଅନ୍ୟପଟେ କଂଗ୍ରେସ ମୁଖପାତ୍ର ଜବାବ ରଖି କହିଛନ୍ତି, ବିଜେପି ଆଳାପ କରୁଥିଲେ ମୋକିମ । କଂଗ୍ରେସକୁ ଗଢ଼ିବାକୁ ନୁହେଁ, ବିଗାଡ଼ିବାକୁ ଚେଷ୍ଟା କରୁଥିଲେ । ଭକ୍ତ ଓ ମୋକିମଙ୍କ ମଧ୍ୟରେ ତୁଳନାତ୍ମକ ଚିତ୍ର ରଖି କଡାଗଣ୍ଡା ହିସାବ ରଖିଛି କଂଗ୍ରେସ । ବହିଷ୍କାର ପରେ ମଧ୍ୟ ରାଜନୀତି ସରିନାହିଁ ବୋଲି କହିଛନ୍ତି ମୋକିମ । ତେଣୁ ମୋକିମଙ୍କ ପରବର୍ତ୍ତୀ ପଦକ୍ଷେପ କଣ ହେବ ? ନୂଆ ଦଳ ଗଢ଼ିବେ ନା ବିଜେପିକୁ ଢଳିବେ ତା ଉପରେ ନଜର ।

## ଧର୍ମଶାଳାରେ ଖଣ୍ଡଯୁଦ୍ଧ: କମ୍ପୁଛି ଭୁବନେଶ୍ୱରରୁ ଯାଜପୁର

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ୨୦୨୪ ନିର୍ବାଚନ ପରଠାରୁ ନେଇ ଚର୍ଚ୍ଚାରେ ରହି ଆସିଛି ଯାଜପୁରର ଧର୍ମଶାଳା ନିର୍ବାଚନମଣ୍ଡଳୀ । ବାରମ୍ବାର ମୁହାଁମୁହିଁ ହେଉଛନ୍ତି, ବର୍ତ୍ତମାନର ବିଧାୟକଙ୍କ ସମର୍ଥକ ଓ ପୂର୍ବତନ ବିଧାୟକଙ୍କ ସମର୍ଥକ । ଗତକାଲି ଧର୍ମଶାଳା ଜେନାପୁର ଥାନା ଅନ୍ତୁରୀଠାରେ ଉଭୟ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଉଗ୍ରରୂପ ନେବା ପରେ ଲାଗି ରହିଛି ଉତ୍ତେଜନା । ଧର୍ମଶାଳା ବିଧାୟକ ହିମାଂଶୁ ସାହୁ ଓ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ପରେ ରାଜନୀତି ଉଷ୍ମ ହୋଇଛି ।



ଭୁବନେଶ୍ୱର ଡିଜି କ୍ୟାମ୍ପ ଅଫିସ ସାମନାରେ ତମ୍ବୁ ଟାଣି ଗତ ରାତିରୁ ଧାରଣା ଦେଇଛନ୍ତି ବିଜେଡିର ନେତା ଓ କର୍ମୀ । ହିଂସାକାଣ୍ଡକୁ ନିନ୍ଦା କରିବା ସହ ହିମାଂଶୁ ସାହୁଙ୍କ ଶହେରୁ ଅଧିକ ସମର୍ଥକଙ୍କ ନାଁରେ ଏତଲା ଦେଇଛନ୍ତି । କେନ୍ଦ୍ରାଞ୍ଚଳ ଡିଆଇଜିଙ୍କୁ ଭେଟି ହିମାଂଶୁଙ୍କ ଗିରଫ ଦାବି କରିଛନ୍ତି । ଯାଜପୁର ଏସପିଙ୍କ ବିରୋଧରେ ପାତରଅନ୍ତର ଅଭିଯୋଗ ଆଣି ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ସେପଟେ ଜେନାପୁର ଥାନା ଆଗରେ ପ୍ରତିବାଦ କରିଛନ୍ତି ହିମାଂଶୁଙ୍କ ସମର୍ଥକ । ଗଣ୍ଡଗୋଳରେ ସମ୍ପୃକ୍ତ ପ୍ରଣବ ବଳବନ୍ତରାୟଙ୍କ ସମର୍ଥକଙ୍କୁ ଗିରଫ ଦାବି କରିଛନ୍ତି । ଗଣ୍ଡଗୋଳ ପରେ ଦୁଇ ନେତାଙ୍କ ମଧ୍ୟରେ ଜୋର ଧରିଛି ବୟାନବାଜି । ଧର୍ମଶାଳାର ଆଇନଶୃଙ୍ଖଳା ବିଗିଡିବା ପାଇଁ ପରସ୍ପର ପରସ୍ପରକୁ ଦାୟୀ କରିଛନ୍ତି। ଅନ୍ୟପଟେ ଆଇନମନ୍ତ୍ରୀ କହିଛନ୍ତି, ପୁଲିସ ସ୍ୱାଧୀନ ଭାବେ କୌଣସି ଚାପଗ୍ରସ୍ତ ନହୋଇ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଗତକାଲି ପ୍ରଣବ ବଳବନ୍ତରାୟଙ୍କ ଫାର୍ମ ହାଉସରେ ତୁମୁଳକାଣ୍ଡ ଘଟିଥିଲା । ସୋସିଆଲ ମିଡିଆ ପୋଷ୍ଟକୁ ନେଇ ହିମାଂଶୁ ଓ ପ୍ରଣବଙ୍କ ସମର୍ଥକ ମଧ୍ୟମରେ ଖଣ୍ଡଯୁଦ୍ଧ ହୋଇଥିଲା । ଯେଉଁଥରେ ଉଭୟ ପକ୍ଷର ବହୁ ଲୋକ ଆହତ ହେଇଥିଲେ ।

## ମେଘନାଦ ପାଚେରୀ ସମସ୍ୟା ନେଇ ଆଜି ବସିବ ବୈଠକ

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ମେଘନାଦ ପାଚେରୀ ସମସ୍ୟା ପୁରୁଣା । ତାହା ସମ୍ପୂର୍ଣ୍ଣ ରୂପେ ନିରାକରଣ ହୋଇନାହିଁ । ସେ ବାବଦରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଏସଆଇକୁ ଚିଠି ଲେଖାଯାଇଛି । ଆସନ୍ତାକାଲି ସେ ବାବଦରେ ବୈଠକ ବସିବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ, କଣ ପଦକ୍ଷେପ ନିଆଯାଇଛି ତାହା ଦେଖାଯିବ । ଆବଶ୍ୟକ ପଡିଲେ ଦିଲ୍ଲୀର ଏଏସଆଇର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରାଯିବ ।

## ରାଜଧାନୀରେ ନାବାଳିକାକୁ ଗଣଦୁଷ୍କର୍ମ !

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ନଈ ପଠାରେ ନାବାଳିକାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ । କମିସନରେଟ ପୁଲିସର ଆରମ୍ଭ ହେଲା ଛାନ୍‌ଭିନ୍ । ନିଜ ପୁରୁଷ ବନ୍ଧୁଙ୍କ ସହ ଯାଉଥିବା ବେଳେ ଅତର୍କିତ ଆକ୍ରମଣ କରିବା ସହ ନଈ ପଠାରେ ଦୁଷ୍କର୍ମ ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ । ପୂରା ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ୍, ଅନ୍ୟଜଣକୁ ଖୋଜୁଛି ପୁଲିସ । ତେବେ ଗତ ୧୨ ତାରିଖରେ ସାମନାକୁ ଆସିଥିବା ଦୁଷ୍କର୍ମ ମାମଲା ମନରୁ ନଯାଉଣୁ ପୁଣି ଥରେ ଘଟିଛି ଭୟଙ୍କର ଘଟଣା । ସୂଚନା ଅନୁସାରେ, ଅଶୋକନଗର ନାବାଳିକା ଦୁଷ୍କର୍ମ ଘଟଣା ମନରୁ ନଯାଉଣୁ ରାଜଧାନୀରେରେ ପୁଣି ଘଟିଛି ଛାତି ଥରାଇ ଦେବା ଭଳି ଘଟଣା । ଘରେ କେହି ନଥିବାର ସୁଯୋଗ ନେଇ ନରପିଶାଚ ବନିଯାଇଥିଲା ଘର ମାଲିକର ଭାଇ । ନିଷ୍ପାପ ନାବାଳିକାଙ୍କୁ ବାରମ୍ବାର ଦୁଷ୍କର୍ମ କରି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛାଡି ଦେଇଥିଲା ସଇତାନ । ହସ୍ପିଟାଲ ବେଡରେ ଜୀବନ ମରଣ ସହ ସଂଘର୍ଷ କରୁଛି କୁନି ଝିଅ । ଗଞ୍ଜାମରୁ ଆସି ଭୁବନେଶ୍ୱର କଳିଙ୍ଗନଗରରେ ରହୁଥିବା ଏକ ଗରିବ ନିରିହ ପରିବାର ସହ ଘଟିଥିଲା ଏହି ଘଟଣା । ଘରେ କେହି ନ ଥିବାର ସୁଯୋଗ ନେଇ, ଘର ମାଲିକଙ୍କ ଭାଇ ତାଙ୍କ

▶▶ପୃଷ୍ଠା ୭

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ନମନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପୁଣ୍ୟତିଥିରେ ତାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତର ଏକତା ଓ ଅଖଣ୍ଡତାର ମହାନ ସ୍ଥପତି, 'ଭାରତ ରତ୍ନ' ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପୁଣ୍ୟତିଥିରେ ବିନମ୍ର ଶ୍ରଦ୍ଧାଞ୍ଜଳି । ସ୍ୱାଧୀନତା ପରେ ସେ ଯେଉଁ ଦୃଢ଼ତା ଓ ଦୂରଦର୍ଶିତା ସହ ଶତାଧିକ ଦେଶୀୟ ରାଜ୍ୟକୁ ଭାରତ ସହ ମିଶାଇ ଏକ ସୁଦୃଢ଼ ରାଷ୍ଟ୍ରର ଭିତ୍ତି ସ୍ଥାପନ କଲେ, ତାହା ଭାରତୀୟ ଇତିହାସରେ ସର୍ବଦା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ତାଙ୍କର ଆଦର୍ଶ ଆମକୁ ସର୍ବଦା ରାଷ୍ଟ୍ର ସେବା ଏବଂ କର୍ତ୍ତବ୍ୟନିଷ୍ଠାର ପଥରେ ଅଗ୍ରସର ହେବା ପାଇଁ ଶିକ୍ଷା ଦେଉଥିବ।

## ପହଲଗାମ ନରସଂହାର: ଚାର୍ଜଶିଟରେ ପାକ୍ ଆତଙ୍କୀ ସଂଗଠନ ଓ ଆତଙ୍କବାଦୀଙ୍କ ନାଁ

ନୂଆଦିଲ୍ଲୀ,୧୫/୧୨ : ଦେଶକୁ ଦୋହଲାଇ ଦେଇଥିବା ପହଲଗାମ ନରସଂହାରର ପ୍ରାୟ ୮ ମାସ ପରେ ଜାତୀୟ ତଦନ୍ତକାରୀ ସଂସ୍ଥା ବା ଏନଆଇଏ ଆଜି ଚାର୍ଜଶିଟ ଦାଖଲ କରିଛି। ଏଥିରେ ୭ ଅଭିଯୁକ୍ତ, ୫ ସନ୍ଦିଗ୍ଧ ଓ ୨ ପାକିସ୍ତାନୀ ଭିତ୍ତିକ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତାଏବା ଓ ଦ ରେଜିଷ୍ଟାନ୍ସ ଫ୍ରଣ୍ଟ ବା ଟିଆରଏଫର ନାଁ ରହିଛି। ଏପ୍ରିଲ ୨୨ରେ ହୋଇଥିବା ପହଲଗାମ ନରସଂହାରରେ ୨୬ ଜଣଙ୍କ ଜୀବନ ଯାଇଥିଲା। ଚାର୍ଜଶିଟରେ ପାକିସ୍ତାନର ଷଡ଼ଯନ୍ତ୍ର, ଅଭିଯୁକ୍ତମାନଙ୍କ ଭୂମିକା ଓ ସହାୟତା, ଆକ୍ରମଣ ପାଇଁ ଲସ୍କର/ଟିଆରଏଫର ଯୋଜନା, ବ୍ୟବସ୍ଥା ଓ କେମିତି ପହଲଗାମ ହମଲାକୁ କାର୍ଯ୍ୟକାରୀ କରାଯାଇଥିଲା, ତା'ର ବିସ୍ତୃତ ତଥ୍ୟ ରହିଛି। ୧୫୯୭ ପୃଷ୍ଠାର ଚାର୍ଜଶିଟରେ ଲସ୍କର କମାଣ୍ଡରୁ



ସାଜିଦ ଜାଟ୍ଟକୁ ପହଲଗାମ ନରସଂହାରର ମୁଖ୍ୟ ହ୍ୟାଣ୍ଡେଲର ଭାବେ ଦର୍ଶାଯାଇଛି। ପାକିସ୍ତାନୀ ଆତଙ୍କବାଦୀ ସୁଲେମାନ ଶାହ, ହବୀବ ତାହିର ଓରଫ ଜିବ୍ରାନ ଓ ହମଜା ଆଫଗାନୀର ନାଁ ଚାର୍ଜଶିଟରେ ରହିଛି। ଏହି ୩ ଆତଙ୍କବାଦୀ ଜୁଲାଇ ମାସରେ ପୁଲିସ୍ ଶ୍ରୀନଗରରେ କରିଥିବା ହମଲାରେ ନିହତ ହୋଇ ସାରିଛନ୍ତି। ଲସ୍କର/ଟିଆରଏଫର ସମେତ ୪ ଅଭିଯୁକ୍ତଙ୍କ ବିରୋଧରେ ବିଏନଏସ, ଆର୍ମସ ଆକ୍ଟ, ୟୁଏପିଏର ବିଭିନ୍ନ ଦଫାରେ ଚାର୍ଜଫ୍ରେମ କରାଯାଇଛି। ଚାର୍ଜଶିଟରେ ଏନଆଇଏ ଅଭିଯୁକ୍ତମାନଙ୍କ ବିରୋଧରେ ଭାରତ ବିରୋଧୀ ଯୁଦ୍ଧଖୋର ମନୋଭାବ ଦଫା ମଧ୍ୟ ଲଗାଯାଇଛି। ପହଲଗାମ ହମଲାକାରୀଙ୍କୁ ଆଶ୍ରୟ ଦେଇଥିବା ଅଭିଯୋଗରେ ଏନଆଇଏ ଜୁନ ୨୨ରେ ପରଭେଜ ଅହମଦ ଓ ବଶିର ଅହମଦଙ୍କୁ ଗିରଫ କରିଥିଲା। ଚାର୍ଜଶିଟରେ ଏହି ୨ ଜଣଙ୍କ ନାଁ ବି ରହିଛି। ପରଭେଜ ଓ ବଶିରକୁ ଜେରା କରିବା ବେଳେ ସେମାନେ ହମଲାରେ ସାମିଲ ଥିବା ୩ ପାକିସ୍ତାନୀ ଆତଙ୍କୀଙ୍କ ପରିଚୟ ଦେଇଥିଲେ। ଲସ୍କର ଇସାରାରେ ଏମାନେ ପାକିସ୍ତାନୀରୁ ଆସି ଏଠାରେ ହମଲା କରିଥିବା ଉଭୟ ଏନଆଇଏକୁ କହିଥିଲେ। ଆଜି ଏନଆଇଏ ପକ୍ଷରୁ ଚାର୍ଜଶିଟକୁ ଜମ୍ମୁରେ ଥିବା ସ୍ୱତନ୍ତ୍ର ଏନଆଇଏ କୋର୍ଟରେ ଦାଖଲ କରାଯାଇଛି। ଏଥିରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାବେ ଲସ୍କର କମାଣ୍ଡର ସାଜିଦ ଜାଟ୍ଟକୁ ଚିତ୍ରଣ କରାଯାଇଛି। ସେହିପରି ସାଜିଦ ସମ୍ପର୍କରେ ସୂଚନା ଦେଲେ ୧୦ ଲକ୍ଷ ଟଙ୍କାର ପୁରସ୍କାର ମିଳିବ ବୋଲି ଏନଆଇଏ ଘୋଷଣା କରିଛି। ଚାର୍ଜଶିଟ ଦାଖଲ ପାଇଁ ଏନଆଇଏ ପାଖରେ ୧୮୦ ଦିନର ସମୟ ଥିଲା।

## ଭୁବନେଶ୍ୱରରେ 'ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର' ପ୍ରତିଷ୍ଠା ପାଇଁ ଅନୁମୋଦନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ଆଗରୁ ଓଡ଼ିଶା ଲୋକଙ୍କୁ ଭିସା ପାଇଁ ଆଉ କୋଲକାତା, ଦିଲ୍ଲୀ କିମ୍ବା ହାଇଦ୍ରାବାଦ ଯିବାକୁ ପଡୁଥିଲା। ହେଲେ ଆଉ ସେଭଳି ଅସୁବିଧାର ସମ୍ମୁଖୀନ ହେବେ ନାହିଁ ଓଡ଼ିଶାବାସୀ। ଏହାର ସମାଧାନ ଲାଗି ରାଜ୍ୟ ସରକାର ପ୍ରଚେଷ୍ଟା କରିଛନ୍ତି। ଓଡ଼ିଶା ସରକାର ଭୁବନେଶ୍ୱରରେ ପ୍ରତିଷ୍ଠା କରିବେ 'ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର'। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ 'ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର' ପ୍ରତିଷ୍ଠା ପାଇଁ ଅନୁମୋଦନ କରିଛନ୍ତି। ଏହି ପ୍ରସ୍ତାବିତ ଭିସା ସେଣ୍ଟର ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବାବାସାହେବ ଆମ୍ବେଦକର ବସ୍



ଟର୍ମିନାଲ୍ ବିଲ୍ଡିଂରେ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ଓଡ଼ିଶା ସରକାର ୩ ହଜାର ବର୍ଗଫୁଟର ଜାଗା ଯୋଗାଇଦେବେ। ଅନ୍ତର୍ଜାତୀୟ ଭିସା ପାଇବା ପାଇଁ ପୂର୍ବରୁ ରାଜ୍ୟବାସୀଙ୍କୁ କୋଲକତା, ନୂଆଦିଲ୍ଲୀ, ହାଇଦ୍ରାବାଦ ଭଳି ଦେଶର ଅନ୍ୟ ସହରକୁ ଯିବା ପାଇଁ ପଡୁଥିଲା । ଭୁବନେଶ୍ୱରରେ ଏକ ଭିସା ସେଣ୍ଟର ପ୍ରତିଷ୍ଠା କରିବା ପାଇଁ ରାଜ୍ୟବାସୀଙ୍କ ପକ୍ଷରୁ ବହୁ ଦିନରୁ ଦାବି ରହିଆସୁଥିଲା । ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି।

# ସୁବର୍ଣ୍ଣପୁରରେ ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ସୁବର୍ଣ୍ଣପୁର,୧୪/୧୨ (ନି.ପ୍ର): ସୁବର୍ଣ୍ଣପୁର ସ୍ଥିତ ରୟାଲ ପଡିଆ ଠାରେ ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା - ୨୦୨୫ ଜିଲ୍ଲାପାଳ, ସୁବର୍ଣ୍ଣପୁର ଡଃ. ନୃପରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ମେଳାରେ ବିଧାୟକ, ବୀରମହାରାଜପୁର, ଇଂ. ରଘୁନାଥ ଜଗଦଲା ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିବା ବେଳେ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର, ନାରାୟଣ ନାୟକ ଓ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀ ଦୁର୍ଗାଦତ ଦାଶ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ, ସୁବର୍ଣ୍ଣପୁର ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ସଭା ଶେଷରେ ଜିଲ୍ଲା ମତ୍ସ୍ୟ ଅଧିକାରୀ, ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।ଆଜି ସଭାରେ ଅନିବାର୍ଯ୍ୟ କାରଣରୁ ଯୋଗଦେଇ ପାରିନଥିବା ମନ୍ତ୍ରୀ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଓ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡ଼ିଶା, ଗୋକୁଳାନନ୍ଦ ମଲ୍ଲିକଙ୍କ ଦ୍ୱାରା ପ୍ରେରିତ ଭିଡିଓ ଶୁଭେଚ୍ଛା ବାର୍ତା ଓ ଅଭିଭାଷଣକୁ ଜନସାଧାରଣ ଅବଗତି ନିମନ୍ତେ ଏଲ୍.ଇ.ଡି ସ୍କ୍ରିନ ମାଧ୍ୟମରେ ପରିବେଷଣ କରାଯାଇଥିଲା । ଏହି ମେଳାରେ ଅତିଥି ମାନେ ପ୍ରକାଶ କରିଥିଲେ ଯେ, ସୁବର୍ଣ୍ଣପୁର ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ କ୍ଷେତ୍ରରେ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି । ତେଣୁ ଏହି ବିକାଶ ଧାରାକୁ ଜାରି ଓ ବଜାୟ ରଖିବା ପାଇଁ ଜିଲ୍ଲାର ମତ୍ସ୍ୟ ଓ ପ୍ରାଣୀ ପାଳନ କରୁଥିବା ଚାଷି ମାନଙ୍କୁ ପରାମର୍ଶ ଦେଇ ପ୍ରୋତ୍ସାହିତ କରିଥିଲେ। ଏହି ମେଳାରେ ସର୍ବମୋଟ ୩୦ ଗୋଟି ଷ୍ଟଲ ନିର୍ମାଣ କରାଯାଇଛି । ତନ୍ମଧ୍ୟରୁ ୮ ଗୋଟି ପ୍ରାଣୀସମ୍ପଦ ବିଭାଗ ଦ୍ୱାରା ବିଭିନ୍ନ ପ୍ରକାରର ଯନ୍ତ୍ରପାତି ଓବିଭିନ୍ନ ପ୍ରକାରର ଗାଈ, ମହିଶି, କୁକୁଡ଼ା, ଅନ୍ୟ ପ୍ରାଣୀସମ୍ପଦ ପ୍ରଦର୍ଶନ କରାଯାଇଥିବା ବେଳେ ମତ୍ସ୍ୟ ବିଭାଗ ଦ୍ୱାରା ୬ଟି ଷ୍ଟଲ ତାଙ୍କ ବିଭାଗର ବିଭିନ୍ନ କାର୍ଯ୍ୟକଳାପ ଉପରେ ପ୍ରଦର୍ଶନି ପାଇଁ ବ୍ୟବହୃତ ହୋଇଛି। ଅବଶିଷ୍ଟ ଷ୍ଟଲ ଗୁଡ଼ିକ ବିଭିନ୍ନ ବିଭାଗ ଦ୍ୱାରା ସଂପୃକ୍ତ ବିଭାଗର ଯୋଜନା ଓ କାର୍ଯ୍ୟକଳାପର ପ୍ରଦର୍ଶନ ନିମନ୍ତେ ବ୍ୟବହାର କରାଯାଇଛି । ଏହି ମେଳା ଆରମ୍ଭ ପୂର୍ବରୁ ଅତିଥିମାନେ ବିଭିନ୍ନ ଷ୍ଟଲ ଗୁଡ଼ିକ ପରିଦର୍ଶନ କରିଥିଲେ। ଏହି ଅବସରରେ ସଭାପତି ଓ ଅତିଥିମାନଙ୍କ ଦ୍ୱାରା ସଫଳ ଚାଷୀ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଗୋପାଳନ ଯୋଜନାରେ -ମୁକେଶ ପ୍ରଧାନ ବୀରମହାରାଜପୁର, ଘୁଷୁରୀ ପାଳନ ପାଇଁ ଗୀତାଞ୍ଜଳି ପାଣିଗ୍ରାହୀ ବିନିକାଙ୍କୁ ଏବଂ ମତ୍ସ୍ୟ ବିଭାଗର ମତ୍ସ୍ୟ ପୋଖରୀ ଯୋଜନା ପାଇଁ ତରଭାର ବିଲେଇ ନନ୍ଦ ସୋନପୁର ବ୍ଲକର ମା ଜଗତ ଜନନୀ ମହିଳା ସ୍ୱୟଂ ସହାୟକ ଦଳକୁ ପଂଚାୟତ ପୋଖରୀ ରେ ମତ୍ସ୍ୟ ଚାଷ ପାଇଁ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା। ସଭାକାର୍ଯ୍ୟ ଶେଷ ହେବାପରେ ବିନିକା ବ୍ଲକର ମା ମାହେଶ୍ୱରୀ ସାଂସ୍କୃତିକ ସାଂସଦ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପିଁପିଳିପାଲି ଓ ଅନ୍ୟାନ୍ୟ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାରେ ଜିଲ୍ଲା ୬ ଗୋଟି ପଂଚାୟତ ସମିତିରୁ ବହୁ ସଂଖ୍ୟାରେ ମତ୍ସ୍ୟ ଚାଷୀ ଓ ପ୍ରାଣୀସମ୍ପଦ ଚାଷୀମାନଙ୍କ ସହିତ ଜନସାଧାରଣ ଓ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀ ଅର୍ଜୁନ ମାଝୀ, ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ, ସୋନପୁର ସୁଶ୍ରୀ ପ୍ରୀତି ସୁନାଙ୍କ ସହିତ ବିଭିନ୍ନ ସମ୍ବାଦପତ୍ର ଗୁଡିକର ସାମ୍ବାଦିକ ଓ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମ ର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଏହି ମେଳା ଆୟୋଜନ ଓ ଅନୁଷ୍ଠିତ କରିବା ପାଇଁ ଉଭୟ ମୁଖ୍ୟ ଜିଲ୍ଲା ପ୍ରାଣୀ ସମ୍ପଦ, କାର୍ଯ୍ୟାଳୟ ଓ ଜିଲ୍ଲା ମତ୍ସ୍ୟ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ନୂଆପଡାରୁ ୭୪ ଜଣ ବରିଷ୍ଠ ନାଗରିକଙ୍କ ରାମେଶ୍ୱରମ୍ ଓ ମଦୁରାଇ ତୀର୍ଥଯାତ୍ରା

ନୂଆପଡା,୧୪/୧୨ (ନି.ପ୍ର): ନୂଆପଡା ଜିଲ୍ଲାରୁ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆଜି ୭୪ ଜଣ ସାମିଲ୍ ହୋଇ ଭାରତର ଚାରିଧାମ ମଧ୍ୟରୁ ଅନ୍ୟତମ ରାମେଶ୍ୱରମ୍ ଯାତ୍ରା କରିଛନ୍ତି। ଯେଉଁ ବରିଷ୍ଠ ନାଗରିକମାନଙ୍କୁ ଏହି ଯୋଜନାରେ ଚୟନ କରାଯାଇଥିଲା ସେମାନେ ଆଜି ଆସି ନୂଆପଡା ପର୍ଯ୍ୟଟନ କାଯ୍ୟାଳୟରେ ପହଂଚି ଥିଲେ । ସେଠାରେ ଡାକ୍ତର ମାନଙ୍କ ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ପ୍ରଦାନ କରାଇଥିଲା। ଏହି ତୀର୍ଥଯାତ୍ରୀ ମାନଙ୍କୁ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ ଗୋଲାପ ଫୁଲ ପ୍ରଦାନ କରି ଏକ ଆନନ୍ଦ ଦାୟକ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧନ କରି କହିଲେ ଯେ, ଏହି ସମସ୍ତ ତୀର୍ଥଯାତ୍ରୀ ଭାଗ୍ୟବାନ । କାରଣ ଓଡ଼ିଶା ସରକାରଙ୍କ ସମ୍ପୂର୍ଣ୍ଣ ନିଶୁଳ୍କ ସେବା ଯୋଜନାରେ ଏମାନେ ଭାରତବର୍ଷର ଦୁଇଟି ପ୍ରମୁଖ ତୀର୍ଥକ୍ଷେତ୍ର ରାମେଶ୍ୱର ଓ ମା ମିନାକ୍ଷୀ, ମଦୁରାଇ ପରିଦର୍ଶନର ସୁଯୋଗ ପାଇଛନ୍ତି । ଏହି ଗସ୍ତ ପଛରେ ଜିଲ୍ଲା ପ୍ରଶାସନର ସଂପୂର୍ଣ୍ଣ ସହଯୋଗ ଓ ଶୁଭେଚ୍ଛା ରହିଛି । ଏହି ଦଳରେ ୧୭ଟି ଦମ୍ପତି ଓ ୪୦ ଜଣ ଏକକ ଯାତ୍ରୀ ଅଛନ୍ତି । ଦୁଇ ଜଣ ସହାୟକ ଅଧିକାରୀଙ୍କ ସହିତ ଦୁଇଟି ସତନ୍ତ୍ର ବସ୍ ଯୋଗେ ସମସ୍ତେ ରାୟଗଡା ଯାତ୍ରା କରିଥିଲେ । ଆସନ୍ତାକାଲି ଅନ୍ୟ ଛଅଟି ଜିଲାର ତୀର୍ଥ ଯାତ୍ରୀ ମାନଙ୍କ ସହ ମିଶି ଏକ ସତନ୍ତ୍ର ରେଳ ଯୋଗେ ସମସ୍ତେ ରାମେଶ୍ୱରମ୍ ଅଭିମୁଖେ ଯାତ୍ରା କରିବେ । ମଦୁରାଇ ମଧ୍ୟ ପରିଭ୍ରମଣ କରି ଆସନ୍ତା ୨୦ ତାରିଖରେ ପ୍ରତ୍ୟାବର୍ତନ କରିବେ । ନୂଆପଡା ପର୍ଯ୍ୟଟନ କାର୍ଯ୍ୟାଳୟରେ ନୂଆପଡା ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଉତ, ଜିଲ୍ଲା କ୍ରିଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡାଇ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଘନଶ୍ୟାମ ମୁଣ୍ଡ ପ୍ରମୁଖ ଉପସ୍ଥିତ ରହି ବସ୍ କୁ ସବୁଜ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ।

## ବନଦୁର୍ଗା ଷ୍ଟାର୍ କ୍ଲବ ଆନୁକୂଲ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

କେନ୍ଦୁଝର,୧୪/୧୨ (ନି.ପ୍ର): ଆନନ୍ଦପୁର ମୁନିସିପାଲିଟି ଅନ୍ତର୍ଗତ ଘସିପୁରା ବନଦୁର୍ଗା ଷ୍ଟାର୍ କ୍ଲବ ଆନୁକୂଲ୍ୟରେ ଆଜି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମେ ବୃକ୍ଷ ରୋପଣ କରି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ପରେ ଅନ୍ୟ ସମସ୍ତ ସଦସ୍ୟ ମାନେ ଶତାଧିକ ବୃକ୍ଷ ରୋପଣ କରିଥିଲେ । ପରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଦିନକୁ ଦିନ ଜଙ୍ଗଲ ଦ୍ରୁତ ଅବକ୍ଷୟ, କଳ କାରଖାନା ବୃଦ୍ଧି ଓ ଯାନବାହାନର ଧୂଳି, ଧୂଆଁ ଫଳରେ ପରିବେଶ ଅତ୍ୟନ୍ତ ଦୂଷିତ ହେଉଛି । ଏଣୁ ପ୍ରକୃତିର ସନ୍ତୁଳନକୁ ରକ୍ଷା କରିବା ପାଇଁ ବ୍ୟାପକ ଭାବେ ବୃକ୍ଷ ରୋପଣ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ବନଦୁର୍ଗା ଷ୍ଟାର୍ କ୍ଲବ ର ସଭାପତି ଯଶୋବନ୍ତ ଦାଶ, ସଂପାଦକ ଶରତ ଚନ୍ଦ୍ର ପାତ୍ର, କାଉନସିଲର ଜ୍ୟୋସ୍ନାରାଣୀ ଖୁଂଟିଆ, ସରୋଜ କୁମାର ସାହୁ, ନାରାୟଣ ପାତ୍ର, ସମୀର ରଞ୍ଜନ ସାହୁ, ରଞ୍ଜନ କୁମାର ସାହୁ, ସୁଧାକର ପାତ୍ର, ଶିବାନନ୍ଦ ପାତ୍ର, ପିଂଟୁ ପାତ୍ର, ଦୀପକ କୁମାର ପାତ୍ର, ଅମୂଲ୍ୟ କୁମାର ମୁଖୀ, ଦେବଦତ ଜେନା, ରାଜେନ୍ଦ୍ର କୁମାର ଜେନା, ବିଶ୍ୱଜିତ୍ ଜେନା, ଦୀପୁ ପାତ୍ର, କୈଳାଶ ଚନ୍ଦ୍ର ପାତ୍ର, ଟୁକୁ ଦାଶ ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଯୋଗଦାନ କରିଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ପାଇଁ ଦିନିକିଆ ତାଲିମ୍ କାର୍ଯ୍ୟକ୍ରମ

ଜୟପୁର,୧୪/୧୨ (ନି.ପ୍ର): ଜୟପୁରସ୍ଥିତ ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଏବଂ ଗେଟ୍ସ ଫାଉଣ୍ଡେସନ ସମର୍ଥନରେ ଆଦିବାସୀଙ୍କ ନିରନ୍ତର ଉନ୍ନତ ସ୍ୱାସ୍ଥ୍ୟ ପାଇଁ ଗୋଷ୍ଠୀ ନେତୃତ୍ୱ ପ୍ରକଳ୍ପ ତରଫରୁ ଦିନିକିଆ ସ୍ୱାସ୍ଥ୍ୟ ତାଲିମ କାର୍ଯ୍ୟକ୍ରମ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଦଶମନ୍ତପୁରଠାରେ ସଫଳତାର ସହିତ ଆୟୋଜନ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକର ଚୟନ କରିଥିବା ୧୨ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରୁ ୫ ଜଣ ଗୋଷ୍ଠୀ ସ୍ୱାସ୍ଥ୍ୟଅଧିକାରୀ, ୫ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଏବଂ ୧୨ ଜଣ ମହିଳା ସ୍ୱାସ୍ଥ୍ୟ କର୍ମୀ ଅଂଶଗ୍ରହଣ କରିଥିଲେ । ଆଦିବାସୀ ବହୁଳ ଅଂଚଳରେ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂରୀକରଣ ପାଇଁ ଗେଟ୍ସ ଫାଉଣ୍ଡେସନ୍ ସହଯୋଗରେ ଏହି ପ୍ରକଳ୍ପଟି କାର୍ଯ୍ୟ କରୁଅଛି । ଏହି ଦିଗରେ ସମସ୍ତ ୧୨ ଟି ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ସେବା ଉପରେ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ପଦକ୍ଷେପ ମାଧ୍ୟମରେ, ଅଂଶଗ୍ରହଣକାରୀମାନେ ଗ୍ରାମ ସ୍ତରର ସମସ୍ୟାଗୁଡ଼ିକୁ ବୁଝିବା ସହିତ ଦୂରସ୍ଥିତ ଅଂଚଳରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ବ୍ୟବହାରିକ ସମାଧାନଗୁଡ଼ିକୁ ଖୋଜିବାକୁ ଚେଷ୍ଟା କରିଥିଲେ। ଦଶମନ୍ତପୁର ବ୍ଲକର ଆଦିବାସୀ ଏବଂ ସୀମାନ୍ତ ଜନସଂଖ୍ୟା ପର୍ଯ୍ୟନ୍ତ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପ୍ରଭାବଶାଳୀ ଭାବରେ ପହଂଚିବା ନିଶ୍ଚିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ।

ଏହି ତାଲିମ୍ ଶିବିରରେ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଦିପ୍ତିକାନ୍ତ ନାୟକ ଅଂଶଗ୍ରହଣକାରୀ ମାନଙ୍କୁ ଉତ୍ସାହିତ କରିଥିଲେ ତଥା ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ଅସିତ ମାନସିଂହ, ରାଜ୍ୟ ପ୍ରକଳ୍ପ ସଂଯୋଜକ ଏଂ ଜେ. ସୁନିଲ୍ କୁମାର, ବ୍ଲକ୍ ସମନ୍ୱୟକ ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷିତ କରିଥିଲେ। ଏହି ତାଲିମରେ ସମସ୍ତ ଅଂଶଗ୍ରହଣକାରୀମାନଙ୍କର ଉତ୍ସାହୀ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏବଂ ସେମାନେ ପ୍ରକାଶ କରିଥିଲେ ଯେ, ଏପରି ତାଲିମ ଅତ୍ୟନ୍ତ ଜରୁରୀ ଏବଂ ନିୟମିତ ବ୍ୟବଧାନରେ କରାଯିବା ଉଚିତ । ସ୍ୱାସ୍ଥ୍ୟ କର୍ମୀମାନେ ଗ୍ରାମ ସ୍ତରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଗୁଡ଼ିକ ସକ୍ରିୟ ଭାବରେ ଆଲୋଚନା କରିଥିଲେ ଏବଂ ପ୍ରତିଥର ନୂତନ କୌଶଳ ଶିଖିବାର ସୁଯୋଗ ପାଇ ଆଭାର ପ୍ରକାଶ କରିଥିଲେ ଏବଂ ବାରମ୍ବାର ତାଲିମ ସେମାନଙ୍କର ଆତ୍ମବିଶ୍ୱାସ, ପ୍ରେରଣା ଏବଂ ସ୍ୱାସ୍ଥ୍ୟ ପ୍ରୋତ୍ସାହନ କାର୍ଯ୍ୟକଳାପ ଏବଂ ନିୟମିତ ସେବାକୁ ଅଧିକ ପ୍ରଭାବଶାଳୀ ଭାବରେ ପ୍ରଦାନ କରିବାର କ୍ଷମତାକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ । ଏପରି ପ୍ରୟାସଗୁଡ଼ିକ ସ୍ଥାନୀୟ ସ୍ୱାସ୍ଥ୍ୟ ପ୍ରଣାଳୀକୁ ସୁଦୃଢ଼ କରିବା ଏବଂ ସମୁଦାୟ ସ୍ତରରେ ଚାହିଦା ସୃଷ୍ଟିରେ ଥିବା ବ୍ୟବଧାନକୁ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଜିଲ୍ଲା ଅଧିକାରୀମାନେ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଦୃଢ଼ ସମର୍ଥନ ପ୍ରଦାନ କରିଥିଲେ। ଉପନିର୍ଦ୍ଦେଶକ ଡକ୍ଟର ସୂର୍ଯ୍ୟକାନ୍ତ ବେହେରାଙ୍କ ନେତୃତ୍ୱରେ, ପ୍ରକଳ୍ପ ଅଧୀନରେ ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ଉନ୍ନତ କରିବା ପାଇଁ ଦଶମନ୍ତପୁର ଏବଂ ଲମତାପୁଟ ବ୍ଲକରେ ପୂର୍ବରୁ ଅନେକ ପଦକ୍ଷେପ ଆରମ୍ଭ କରାଯାଇଅଛି। ଏପରି ନିରନ୍ତର ପ୍ରୟାସ ଏବଂ ସହଯୋଗ ଜାରି ରହିଲେ, ଆଶା କରାଯାଉଛି ଯେ, ଆଦିବାସୀ ବହୁଳ କୋରାପୁଟ ଜିଲ୍ଲା ଓଡ଼ିଶାରେ ପ୍ରାଥମିକ ସ୍ୱାସ୍ଥ୍ୟ ପ୍ରଣାଳୀ ସୁଦୃଢ଼ୀକରଣର ଏକ ଆଦର୍ଶ ଜିଲ୍ଲା ଭାବେ ପରିଗଣିତ ହେବ। ଆୟୋଜକମାନେ ଏବଂ ଅଂଶଗ୍ରହଣକାରୀମାନେ ଏହି ପ୍ରକାରର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭବିଷ୍ୟତରେ ମଧ୍ୟ ଜାରି ରହିବ ବୋଲି ଆଶା ବ୍ୟକ୍ତ କରିଥିଲେ।

# ବୋଷଛକରେ ଭୂତକୋଠି, ସରୀସୃପ ଓ ମଦୁଆଙ୍କ ଆଡ୍ଡାସ୍ଥଳୀ

ପୁରୀ,୧୪/୧୨ (ନି.ପ୍ର): ପ୍ରଗତି କରୁଛି ପୁରୀ । ଭାଟିକାନ ସିଟିର ସ୍ୱପ୍ନ ଦେଖାଇ ଦିଆଯାଉଛି । ପୁରୀ ହେବ ମହାନଗର କଥାଟି କାନକୁ ଭଲ ଶୁଭୁଛି । ବିଧିବଦ୍ଧ ଭାବେ ଘୋଷଣା କରାଯାଉନାହିଁ । ପୁରୀରେ ଅଧିକାଂଶ ଉନ୍ନତିମୂଳକ କାର୍ଯ୍ୟ ଅଧାଗଡାରେ ପଡି ରହିଛି । ଖୋଦ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାଖରେ ଦୀପତଳ ଅନ୍ଧାର ପରି ବୋଷଛକର ବାମ ପାର୍ଶ୍ୱରେ ଭୂତକୋଠି ପରି ପାଚେରୀ ନଥିବା ଏକ ଭଗ୍ନ କୋଠାଘର ବହୁବର୍ଷ ଧରି ପଡି ରହିଲାଣି । ରାତିରେ ଚିଁ ଚାଁ ଓ ଫଁଅଁ ଫଁଅଁ ଶବ୍ଦ ଶୁଭୁଥିବା ଅଂଚଳବାସୀ କହୁଛନ୍ତି । କିଛିବର୍ଷ ପୂର୍ବେ ଏହି ଗୃହଟିକୁ ଅକ୍ତିଆର କରିବା ଉଦ୍ଦେଶ୍ୟରେ ଜନୈକ ହୋଟେଲ ମାଲିକ ତା'ର ଶ୍ରମିକ ରଖି ସେଠାରେ ବେଡସିଟ୍, ଲୁଗା ସଫାକରି ସୁଖା ଯାଉଥିବା ଦେଖିବାକୁ ମିଳିଥିଲା । ଏହି ଘରଟି କାହିଁ ଏପରି ପଡି ରହିଛି । କିଏ ତା'ର ମାଲିକ । ମାଲିମୋକଦ୍ଦମା କ'ଣ ଚାଲିଛି । ତା'ର ବଂଶାନୁକ୍ରମିକ ଲିଗାଲ ହେୟାର କିଏ । ଏହି ମୂଲ୍ୟବାନ ସମ୍ପତିକୁ ହାତେଇବା ପାଇଁ କିଏ ଚକ୍ରାନ୍ତ କରୁଛି । ଏ ସମ୍ପର୍କରେ ଅଂଚଳବାସୀ କୌଣସି ସୁରାକ ପାଇ ପାରୁନାହାନ୍ତି । ଫରେଷ୍ଟ ଲୋକେସନ ମ୍ୟାପରେ ଏହି ଘରଟି ପୁରୀ ପୌରସଂସ୍ଥା ୱାର୍ଡ ନମ୍ବର ୧୯, ଖାତା ନମ୍ବର ୧୦, ପ୍ଲଟ ନମ୍ବର ୧୦୧ ପ୍ରଦର୍ଶିତ ହେଉଛି । ଏହାର ମାଲିକ ଅଜିତ କୁମାର ମିତ୍ର, ରଣଜିତ କୁମାର ମିତ୍ର ପିତା ସଚିନାଥ ମିତ୍ର, ଜାତି ବଙ୍ଗାଳି ବାସସ୍ଥାନ ହୁଗୁଳି କଲିକତା ବୋଲି ପ୍ରଦର୍ଶିତ ହେଉଛି । ଏହା ଘରବାଡି ୧ ଓ ୬୮ ଡିସିମିଲ ବୋଲି ଜଣାପଡିଛି । ଏହି ଘରର ସମ୍ମୁଖ ଓ ବାମପଟେ ଉଠାଦୋକାନୀ, ଜଳଖିଆ ଦୋକାନୀ, ଟୁରିଷ୍ଟ କାଉଣ୍ଟର ଆବଦ୍ଧ କରି ରଖିଛନ୍ତି । ବାମ ପାର୍ଶ୍ୱରେ ବାଉଁଶ ଓ କଳା ଜରିପାଲ ପକାଇ କିଛି ବ୍ୟକ୍ତି ଅକ୍ତିଆର କରି ରଖିଛନ୍ତି । ଘର ଚାରିପଟେ ପାଚେରୀ ନଥିବାରୁ ରାତିରେ ପର୍ଯ୍ୟଟକ ଡରି ଯାଉଥିବା କୁହାଯାଉଛି । ଅଳିଆ ଗଦା କରି ନିଆଁ ଲଗାଇବା ଯୋଗୁ କିଛି ଗଛ ପୋଡି ଯାଇଥିବା ଦେଖିବାକୁ ମିଳିଛି । ସେଠାରେ କିଛି ପ୍ରଚାର ବୋର୍ଡ ଫ୍ଲେକ୍ସ ଓ ଲୁହାଖୁଂଟ ପୋତାଯାଇଛି । ସେହି ଘରର ବାମପାର୍ଶ୍ୱ ସମ୍ମୁଖ ପଟେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ରହିଛି । ପ୍ରଶାସନ ପକ୍ଷରୁ ଅସୁରକ୍ଷିତ କୋଠା ଘୋଷଣା ଓ ସଫା କରି ପାଚେରୀ ନିର୍ମାଣ କରାଯାଉନାହିଁ । ରାଜକୀୟ ଢାଂଚାରେ ନିର୍ମିତ ଏହି ଗୃହ ଭିତରେ ଶହ ଶହ ମଦ ବୋତଲ, ପଲିଥିନ, ପ୍ଲାଷ୍ଟିକ ପାଣି ବୋତଲ, ମହିଳାଙ୍କ ଚିରାଲୁଗା ଓ ବ୍ଲାଉଜ ଆପତିଜନକ ସାମଗ୍ରୀ ପଡି ରହିଥିବା ଦେଖିବାକୁ ମିଳିଛି । ଗାଈ ଗୋବର ଓ ମଣିଷ ମଳତ୍ୟାଗ କରୁଥିବା ଦେଖିବାକୁ ମିଳୁଛି । ଏହାକୁ ଦେଖିଲେ ସ୍ୱଚ୍ଛ ପୁରୀ ଗର୍ବ ଆମରି କେହି କହିବେ ନାହିଁ । ସେହି ଭଙ୍ଗା ଘରକୁ ନେତାଜୀ ସୁବାଷ ବୋଷଙ୍କ ପ୍ରତିମୂର୍ତି ଚାହିଁ ରହିଛି । ଲୁଣି ପବନରେ ଇଟା ସବୁ ଖସି ପଡିଲାଣି । ଛାତ ଫାଟିବା ସହ କାନ୍ଥରେ ଫାଟ ସୃଷ୍ଟି ହୋଇଛି । ସଞ୍ଜ ନଇଁଲେ ଅସଜ୍ଞତ ହେଉଛି ଏହି ସ୍ଥାନ । ମଦୁଆଙ୍କ ଆଡ୍ଡା ସହ ମଦ ବୋତଲ ଗଡୁଛି । ବେଳେ ବେଳେ ସେଠାରେ ତ୍ରିନାଥ ମେଳା କରି କିଛି ନିଶାଖୋର ଚିଲମଧୂଆଁ ଉଡାଉଛନ୍ତି । କାନ୍ଥ ଫାଟରେ ଚିତି ସାପ କାତି ଛଡାଇଛି । ଚାରି-ପାଂଚଟି ନାଗସାପ ବୁଲୁଥିବା, ବଡ ବଡ ମୂଷା, ଚନ୍ଦ୍ରବୋଡା ସାପ, ଲାଉଡକିଁଆ ସାପ, କଙ୍କଡା ବିଛାଙ୍କ ଅଭୟାରଣ୍ୟ ପାଲଟିଛି । ଅନେକ ସରକାରୀ କାର୍ଯ୍ୟାଳୟ ଭଡାରେ ଚାଲୁଥିବା ବେଳେ ଏଠାରେ ସମସ୍ତଙ୍କ ଆଖି ଜଳକା କରିବାପରି ବହୁ ମୂଲ୍ୟବାନ ସମ୍ପତି ପଡି ରହିଛି । ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାପାଇଁ ଅଂଚଳବାସୀ, ପୁରୀବାସୀ ଓ ପର୍ଯ୍ୟଟକମାନେ ଚିନ୍ତାପ୍ରକଟ କରିଛନ୍ତି ।

## ସପ୍ତ ଶକ୍ତି ସଂଗମ କାର୍ଯ୍ୟକ୍ରମ

କେନ୍ଦୁଝର,୧୪/୧୨ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସ୍ୱର୍ଣ୍ଣକ୍ଷେତ୍ର ଗଦଗଦିରେ ସପ୍ତ ଶକ୍ତି ସଂଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସମାଜ ସେବୀ ପ୍ରତିମା ସିଂ ଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସଭାରେ ସଭାପତିତ୍ୱ କରିଥିଲେ ପରିଚାଳନା ସମିତି ସଦସ୍ୟା ସ୍ନେହଲତା ନାଏକ। ଉକ୍ତ ଅବସରରେ ସମାଜ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ହେମଲତା ମହାନ୍ତ ଓ ପ୍ରତିମା ସିଂଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଗୁରୁମା ନମିତା ତ୍ରିପାଠୀ ସପ୍ତ ଶକ୍ତି ସଂଗମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମନିଷା ସାହୁ ସମାଜ ଗଠନରେ ମା ମାନଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ପଙ୍କଜିନୀ ମହାନ୍ତ ପର୍ଯ୍ୟାବରଣ ସୁରକ୍ଷା ଓ କୁଟୁମ୍ବ ପ୍ରବୋଧନ ଦ୍ୱାରା ଭାରତୀୟ ସଂସ୍କୃତିର ପୁନରୁତ୍ଥାନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଓଡିଶା ରେଡକ୍ରସ ଶାଖା ପକ୍ଷରୁ ଏମଭି ୨୬ ପୀଡ଼ିତଙ୍କୁ ରିଲିଫ୍ ସାମଗ୍ରୀ ବଂଟନ

ମାଲକାନଗିରି,୧୪/୧୨ (ନି.ପ୍ର): ଓଡିଶା ରେଡକ୍ରସ ଶାଖା ପକ୍ଷରୁ ଏମଭି ୨୬ ଗ୍ରାମର ପୀଡ଼ିତଙ୍କୁ ରିଲିଫ୍ ସାମଗ୍ରୀ ବଂଟନ କରାଯାଇଛି। ଆଜି ଏକ ସ୍ୱତନ୍ତ୍ର ଟ୍ରକ୍ ଯୋଗେ ଭୁବନେଶ୍ୱରରୁ ରିଲିଫ୍ ସାମଗ୍ରୀ ବୋଝେଇ ଏକ ଟ୍ରକ୍ ଏମଭି ୨୬ ଗ୍ରାମରେ ପହଂଚିଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ରହି ଏମଭି ୨୬ ଗ୍ରାମର ପୀଡିତ ମାନଙ୍କୁ ବିଭିନ୍ନ ରିଲିଫ୍ ସାମଗ୍ରୀ ବଂଟନ କରିଛନ୍ତି। ଆଜି ଏମଭି ୨୬ ଗ୍ରାମର ସମୁଦାୟ ୧୯୮ ପରିବାରଙ୍କୁ ଏହି ରିଲିଫ୍ ସାମଗ୍ରୀ ବଂଟନ କରାଯାଇଛି। ଆଜି କମ୍ବଳ, କିଚେନ୍ ସେଟ୍, ଟାରପଲିନ୍, ଶାଢ଼ୀ, ଗାମୁଛା, ଲୁଙ୍ଗି, ବାଲ୍ଟି, ମଗ୍, ଜାରକିନ୍ ସମେତ ୨ ରୁ ୩୦ ବର୍ଷୀୟଙ୍କ ପାଇଁ ପୋଷାକ ବଂଟନ କରାଯାଇଛି। କୋରକୁଣ୍ଡା ବିଡିଓ ଓ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୁନା ତୁରୁକ୍ ଉପସ୍ଥିତ ରହି ସମସ୍ତ ରିଲିଫ୍ ବଂଟନ କାର୍ଯ୍ୟ ତଦାରଖ କରିଥିଲେ। ଜିଲ୍ଲା ରେଡକ୍ରସ ଶାଖା ସଦସ୍ୟ ମାନେ ମଧ୍ୟ ଉପସ୍ଥିତ ରହି ରିଲିଫ୍ ସାମଗ୍ରୀ ବଂଟନରେ ସହାୟତା କରିଥିଲେ। ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପୀଡିତ ମାନଙ୍କୁ କମ୍ବଳ, ଶାଢ଼ୀ, ଲୁଙ୍ଗି, ଗାମୁଛା, ବିଛଣା ଓ ପଲିଥିନ ଯୋଗାଇ ଦିଆଯାଇଥିଲା। ଆଜି ମଧ୍ୟ ସମସ୍ତଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ସେହିପରି ଆରଏଫ୍ ବାହିନୀ ପକ୍ଷରୁ ଏମଭି ୨୬ ରେ ଫ୍ଲାଗ ମାର୍ଚ୍ଚ କରାଯାଇଛି । ଗ୍ରାମରେ ଶାନ୍ତି ଫେରିଛି। ଗ୍ରାମବାସୀ ନିଜ ନିଜ ଘରକୁ ଫେରିଛନ୍ତି। ଆଜି ଲୋକସଭା ସାଂସଦ ବଳଭଦ୍ର ମାଝୀ ମାଲକାନଗିରି ଗସ୍ତ କରିଛନ୍ତି । ସର୍କିଟ ହାଉସ୍ ଠାରେ ଜିଲ୍ଲାପାଳ ଓ ଏସପିଙ୍କ ଉପସ୍ଥିତିରେ ଏମପି ଆଦିବାସୀ ସମାଜ ଓ ବଙ୍ଗାଳୀ ସମାଜ ସହ ପୃଥକ୍ ପୃଥକ୍ ଭାବେ ଆଲୋଚନା କରିଛନ୍ତି। ବର୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଧାନ କିଣାକୁ ୭ ଦିନ ପାଇଁ ସ୍ଥଗିତ ରଖାଯାଇଛି। ଡ଼ିସେମ୍ବର ୨୪ ରୁ ଜିଲ୍ଲାରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

# କ୍ରସ କଂଟ୍ରି ରନ୍ କୋରାପୁଟ ଆୟୋଜିତ

ଜୟପୁର,୧୪/୧୨ (ନି.ପ୍ର): ପରବ ୨୦୨୫ ଉପଲକ୍ଷେ ବିଏସଏଫ ଓ ଜିଲ୍ଲା ପ୍ରଶାସନର ମିଳିତ ସହଭାଗିତାରେ କ୍ରସ କଂଟ୍ରି ରନ୍ କୋରାପୁଟ ଆୟୋଜିତ ହୋଇଯାଇଛି ଓ ପୋଲିସ ପଡିଆ କୋରାପୁଟରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସଂଖ୍ୟାରେ ଯୁଗ ବର୍ଗ ଏଥିରେ ଯୋଗଦାନ କରିଥିଲେ ଓ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଏସପି ରହିତ ବର୍ମା, ବିଏସଏଫ ଡି ଆଇ ଜି ସତ୍ୟବାନ ଖାନ ସିଂ ଅତିଥି ଭାବରେ ଯୋଗ ଦେଇଥିଲେ ଓ ଦୌଡରେ ପ୍ରାୟ ୯୦୦ ଜଣ ଯୁବକ ଯୁବତୀ ଯୋଗ ଦେଇଥିଲେ ଓ ୫ କିମି ର ଏହି ଦୌଡ ନିମନ୍ତେ ବିଏସଏଫ ତରଫରୁ ସମସ୍ତ ପ୍ରକାର ଆୟୋଜନ କରାଯାଇଥିଲା ଓ ଏହି କ୍ରସ କଂଟ୍ରି ରନ କୋରାପୁଟର ବିଶେଷ ଆକର୍ଷଣ ଥିଲା ପୁରସ୍କାର ରାଶି, ପ୍ରଥମ ପୁରସ୍କାର ୧୦,୦୦୦ ଟଙ୍କା, ଦ୍ୱିତୀୟ ପୁରସ୍କାର ୮,୦୦୦ ଟଙ୍କା, ତୃତୀୟ ପୁରସ୍କାର ୫୦୦୦ ଟଙ୍କା ର ଚେକ ସହ ମେଡାଲ ଓ ମାନପତ୍ର ଓ ଏହି ଦୌଡ଼ରେ ପୁରୁଷ ବର୍ଗରେ ଦଳମଣି ଚିରଗୁଣ (ବଲାଙ୍ଗୀର ) ପ୍ରଥମ, ରବି ମୁଦୁଲି (କୋରାପୁଟ ) ଦ୍ୱିତୀୟ, ସିଦ୍ଧାର୍ଥ ଗୌତମ ଜେନା (କୋରାପୁଟ )ତୃତୀୟ ସ୍ଥାନ ହାସଲ କରିକରିଛନ୍ତି ଓ ସେହିପରି ମହିଳା ବର୍ଗରେ ରେ ଦୟାମଣି ହରିଜନ (ଜୟପୁର )ଓ ଦୀପ୍ତି ରାଣୀ ସାହୁ (ଭୁବନେଶ୍ୱର ) ଯୁଗ୍ମ ପ୍ରଥମ, ପୂର୍ଣ୍ଣିମା ସଦିଆଲ (ଭୁବନେଶ୍ୱର ) ଦ୍ୱିତୀୟ, ଅଞ୍ଜନା ଗରଡ଼ା (ଭୁବନେଶ୍ୱର )ତୃତୀୟ ସ୍ଥାନ ଗ୍ରହଣ ହାସଲ କରିଛନ୍ତି ଓ ଏହି ସଫଳ ପ୍ରତିଯୋଗୀଙ୍କୁ ମଂଚରେ ମେଡାଲ, ମାନପତ୍ର ତଥା ଚେକ ପ୍ରଦାନ କରି ପୁରସ୍କୃତ କରାଯାଇଛି ଓ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ନିମନ୍ତେ ମାନପତ୍ର ପ୍ରଦାନ କରାଯାଇଥିଲା ଓ ଏହା ସହ ଦୌଡରେ ଉତ୍ସାହିତ କରିବା ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀ ଦାୟିତ୍ୱ ରେ ଥିବା ସୂର୍ଯ୍ୟକାନ୍ତ ବେହେରା, କୋମାଣ୍ଡ ରବୀନ୍ଦ୍ର ସିଂ ଭଣ୍ଡାରୀ, କୋମାଣ୍ଡ ୧୦୮ ବାଟାଲିୟନ ଶ୍ରୀ ସଂଜୟ ଦାସ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧା ରାଣୀ ସରକାର ଯୋଗ ଦେଇଥିଲେ ଓ ଏଥିରେ ଏନସି, ଅଗ୍ନିଶମ ବିଭାଗ ତଥା ଡାକ୍ତରୀ ଦଳ ଉପସ୍ଥିତ ରହି ସହଯୋଗ କରିଥିଲେ ।

# କେନ୍ଦ୍ର ସରକାରଙ୍କ 'ଜଳ ଶକ୍ତି ହାକାଥନ୍-୨୦୨୫' : ଏକ ଜାତୀୟ ଜଳ ଆନ୍ଦୋଳନ

ଭୁବନେଶ୍ୱର,୧୪/୧୨ (ନି.ପ୍ର): ଭାରତ ସରକାରଙ୍କ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଶ୍ରୀ ସି.ଆର୍. ପାଟିଲ୍, ଜଳ ଶକ୍ତି ହାକାଥନ୍-୨୦୨୫ ଶୁଭାରମ୍ଭ କରି ଏହାକୁ ଦେଶ ପାଇଁ ଏକ ସୁରକ୍ଷିତ, ସମନ୍ୱିତ ଏବଂ ପ୍ରଯୁକ୍ତି ବିଦ୍ୟାଭିତ୍ତିକ ଜଳ ଭବିଷ୍ୟତ ନିର୍ମାଣ କରିବା ଲାଗି ଭାରତର ସାମୂହିକ ଉଦ୍ଭାବନ କ୍ଷମତାକୁ ଉପଯୋଗ କରିବାର ଲକ୍ଷ୍ୟ ରଖିଥିବା ଏକ ଜାତୀୟ ଆନ୍ଦୋଳନ ଭାବରେ ବର୍ଣ୍ଣନା କରିଛନ୍ତି। ଜଳ ହେଉଛି ସମସ୍ତ କ୍ଷେତ୍ର ପାଇଁ ଏକ ଅପରିହାର୍ଯ୍ୟ ସମ୍ବଳ, ଏବଂ ଭାରତର ଜଳ କ୍ଷେତ୍ର 'ବିକଶିତ ଭାରତ ଅ୨୦୪୭' ଦୃଷ୍ଟିକୋଣ ହାସଲ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଭାରତ ସରକାର ଦୃଢ଼ ଭାବରେ ବିଶ୍ୱାସ କରନ୍ତି ଯେ ଜଳ ସୁରକ୍ଷା କୌଣସି ଗୋଟିଏ ବିଭାଗ କିମ୍ବା ମନ୍ତ୍ରଣାଳୟର ଦାୟିତ୍ୱ ନୁହେଁ, ବରଂ ଜନସାଧାରଣଙ୍କ ଅଂଶଗ୍ରହଣ, ସାମୂହିକ ପଦକ୍ଷେପ, ନୀତି ଏବଂ ବିଜ୍ଞାନକୁ ଜଡିତ କରି ସମନ୍ୱିତ ଉଦ୍ୟମ ମାଧ୍ୟମରେ ଏହାକୁ ଦୃଢ଼ କରାଯାଇପାରିବ। "ଜଳ ଦୃଷ୍ଟିକୋଣ ଅ୨୦୪୭"କୁ ସାକାର କରିବା ପାଇଁ, ଭାରତ ସରକାର ଦେଶର ଜଳ ସମ୍ବଳ ପରିଚାଳନାକୁ ମଜବୁତ କରିବା ନିମନ୍ତେ ନାଗରିକଙ୍କ ଠାରୁ ପ୍ରଯୁକ୍ତିଗତ ଉଦ୍ଭାବନ ଏବଂ ବ୍ୟାବହାରିକ ସମାଧାନକୁ ପ୍ରାଥମିକତା ଦେଉଛନ୍ତି। ଏହି ଦିଗରେ ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ଜଳ ସମ୍ବଳ, ନଦୀ ବିକାଶ ଏବଂ ଗଙ୍ଗା ପୁନରୁଦ୍ଧାର ବିଭାଗ ଏକ ଦୂରଦୃଷ୍ଟିସମ୍ପନ୍ନ ଜାତୀୟ ପଦକ୍ଷେପ ଭାବରେ "ଜଳ ଶକ୍ତି ହାକାଥନ୍-୨୦୨୫" ଶୁଭାରମ୍ଭ କରିଛି। କାର୍ଯ୍ୟକ୍ରମର ଉଦ୍ଘାଟନ କରି କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଶ୍ରୀ ସି.ଆର୍. ପାଟିଲ୍ ଜଳ ଶକ୍ତି ହାକାଥନ୍-୨୦୨୫କୁ କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଭାରତ ପାଇଁ ଏକ ସୁରକ୍ଷିତ, ସମନ୍ୱିତ ଏବଂ ପ୍ରଯୁକ୍ତି ବିଦ୍ୟା ଭିତ୍ତିକ ଜଳ ଭବିଷ୍ୟତ ନିର୍ମାଣ କରିବା ଲାଗି ଦେଶର ସାମୂହିକ ପ୍ରତିଭାକୁ ସଂଗଠିତ କରିବା ଉଦ୍ଦେଶ୍ୟରେ ଏକ ଜାତୀୟ ଆନ୍ଦୋଳନ ଭାବରେ ଜଣାଇଛନ୍ତି। ଏହି ହାକାଥନ୍ ଜଳ କ୍ଷେତ୍ରରେ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ଏବଂ ସମସ୍ତ ଅଂଶୀଦାରଙ୍କ ପାଇଁ ଜଳର ଉପଲବ୍ଧତାକୁ ସୁନିଶ୍ଚିତ କରି ଏହାକୁ ଏକ ଜନସ୍ୱାର୍ଥର ବିଷୟ ଭାବରେ ସ୍ଥାନିତ କରିବାକୁ ଚାହୁଁଛି। ଏହି ପଦକ୍ଷେପ ନାଗରିକ, ଗବେଷକ, ଶିଳ୍ପ ଏବଂ ଉଦ୍ଭାବକଙ୍କ ଠାରୁ ବ୍ୟାପକ ଅଂଶଗ୍ରହଣକୁ ଉତ୍ସାହିତ କରି ଏକ ସମଗ୍ର ସରକାର ଏବଂ ସମଗ୍ର ସମାଜର ଦୃଷ୍ଟିକୋଣ ଗ୍ରହଣ କରେ। ଏହି ପଦକ୍ଷେପ ଜଳ-କ୍ଷେତ୍ର ଗବେଷଣାର ପରିସରକୁ ପାରମ୍ପରିକ ଅନୁଷ୍ଠାନ ବାହାରକୁ ବିସ୍ତାର କରେ ଏବଂ ଷ୍ଟାର୍ଟ-ଅପ୍, ଶିଳ୍ପ, ବୈଜ୍ଞାନିକ, ଶିକ୍ଷାବିତ୍, ପରୀକ୍ଷାଗାର, ଇନକୁବେଟର, ଯୁବ ଉଦ୍ଭାବକ, ଗ୍ରାମୀଣ ମହିଳା ତଥା ଯୁବକ, ବେସରକାରୀ କ୍ଷେତ୍ର, ଏବଂ ବିଶ୍ୱସ୍ତରୀୟ ଅନୁଷ୍ଠାନଗୁଡ଼ିକର ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରେ।

# ଇଂଟରନ୍ୟାସନାଲ କନଫରେନ୍ସ ପୂର୍ବୋଦ୍ୟୋୟ ପରସ୍ପେକ୍ଟିଭ ୨୦୨୫ର ଦ୍ୱିତୀୟ ଦିନ

ଭୁବନେଶ୍ୱର,୧୪/୧୨ (ନି.ପ୍ର): ଇଂଟରନ୍ୟାସନାଲ କନ୍ଫରେନ୍ସ ପୂର୍ବୋଦ୍ୟୋୟ ପରସ୍ପେକ୍ଟିଭ ୨୦୨୫ର ଦ୍ୱିତୀୟ ଦିନ । ଏନର୍ଜି ଫୋରମ୍, କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ସିଆଇଆଇର ମିଳିତ ସହଯୋଗରେ ଆୟୋଜିତ ହୋଇଛି ଏହି ପୂର୍ବଦ୍ୟୋୟ ସମ୍ମିଳନୀର ତୃତୀୟ ସଂସ୍କରଣର ଆଜି ଦ୍ୱିତୀୟ ଦିନରେ ଆଜି ଦୁଇଟି ସେଶନ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଡ. ଅଜୟ ପ୍ରଧାନ, ସିଇଓ ଆଣ୍ଡ ପ୍ରେସିଡେଂଟ ସି୨ଏସ୨ ନୂଆଦିଲ୍ଲୀ, ସୁବ୍ରତ ତ୍ରିପାଠୀ, ସିଇଓ ଏସଇଜେଡ୍, ଆଦାନୀ ପୋର୍ଟ, ଡ. ସତିଶ ଚନ୍ଦ୍ର ମିଶ୍ର,ସିଇଓ, ଅର୍ଥ ଶାସ୍ତ୍ର ଇନଷ୍ଟିଚ୍ୟୁଟ ଇଣ୍ଡୋନେସିଆ, ରିକେଶ ଗୁରୁଙ୍ଗ,ପ୍ରତିଷ୍ଠାତା ଓ ସିଇଓ ଗ୍ରିନ ରୋଡର ମାନ୍ୟ ଗଣ୍ୟ ଅତିଥି ମାନେ ଯୋଗ ଦେଇଥିଲେ। ବିଶେଷ ଭାବେ ଆଜି ଅନ୍ତିମ ଦିନରେ ବ୍ଲୁ ଇକୋନୋମି ଓ ଅର୍ନ୍ତଜାତୀୟ ଜଳ ପଥର ବ୍ୟବହାର ଓ ବ୍ୟବସାୟ ଠୁ ନେଇ ବିଦେଶର ଟ୍ରେଡ ପଲିସି ଓ ପୂର୍ବୋଦୟର ବିକାଶ ଯାଏଁ ଅନେକ ପ୍ରସଙ୍ଗରେ ଆଲୋଚନା କରାଯାଇଛି । ଏହା ସହ ବିଦେଶରେ ସମୟ ବିତେଇଥିବା ଛାତ୍ର ଛାତ୍ରୀ ମାନେ ସେମାନଙ୍କର ଅଭିଜ୍ଞତା ଓ ଭାରତର ଦିଶା ଓ ଯୁବପିଢୀଙ୍କ ଆଶା ସମ୍ପର୍କରେ ବିଭିନ୍ନ ଆଲୋଚନା କରିଛନ୍ତି। ସୁଦୀର୍ଘ ବେଳାଭୂମି, ସାମୁଦ୍ରିକ ଭିତ୍ତିଭୂମି ବିକାଶ, ଶିଳ୍ପ କ୍ଷେତ୍ରରେ ବିକାଶ ଉପରେ ଗୁରୁତ୍ୱ ଦେଲେ ପୂର୍ବୋଦ୍ୟାୟର ବିକାଶ ବିକଶିତ ହେବ । ପୂର୍ବୋଦୟ ରାଜ୍ୟ ଗୁଡ଼ିକର ବିକାଶ ହେଲେ ତାହା ଦେଶ ବିକାଶରେ ସହଭାଗୀ ହୋଇପାରିବ । ଯାହାଦ୍ୱାରା ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଦିଗରେ ବେଶ୍ ସହାୟକ ହୋଇପାରିବ ବୋଲି କୁହାଯାଉଛି। ଓଡ଼ିଶା ଆଜି 'ପୂର୍ବୋଦୟର ଗେଟୱେ' ଭାବେ ଛିଡ଼ା ହୋଇଛି । ଶକ୍ତି ନିରାପତ୍ତାର ପ୍ରବେଶପଥ ପାଲଟିବ ପୂର୍ବ ଭାରତ । ବନ୍ଦର ଭିତ୍ତିକ ବିକାଶ ଏବଂ ବ୍ଲୁ ଇକୋନୋମିକୁ ସରକାର ପ୍ରାଥମିକତା ଦେବାର ଆବଶ୍ୟକତା ଅଛି ବୋଲି ଅତିଥି ମାନେ କହିଛନ୍ତି।

# ଓଜନ କମାନ୍ତୁ, ବଦଳାନ୍ତୁ ଜୀବନଶୈଳୀ



**ପଲିସିଷ୍ଟିକ ଓଭାରିଆନ୍ ସିଣ୍ଡ୍ରୋମ କ'ଣ ?:**

ହରମୋନ ହେଉଛି ରାସାୟନିକ ବାର୍ତ୍ତାବହ ଯାହା ଶରୀରର ଅଭିବୃଦ୍ଧି ପ୍ରକ୍ରିୟାରେ ସହାୟକ ହୋଇଥାଏ। ହରମୋନରେ ଅସନ୍ତୁଳନ ଫଳରେ ପଲିସିଷ୍ଟିକ ଓଭାରିଆନ ସିଣ୍ଡ୍ରୋମ ଦେଖାଯାଏ। ଗୋଟିଏ ହରମୋନର ପରିବର୍ତ୍ତନ ଘଟିଲେ ତାହା ଅନ୍ୟ ହରମୋନ କ୍ଷରଣକୁ ମଧ୍ୟ ପ୍ରଭାବିତ କରିଥାଏ। ଉଦଦାହରଣସ୍ୱରୂପ ବୟଃସନ୍ଧି କିଶୋରୀ ଏବଂ ସନ୍ତାନକ୍ଷମ ମହିଳାଙ୍କ ଶରୀରରେ ପୁରୁଷ ହରମୋନ ଆଣ୍ଡ୍ରୋଜେନର ପରିମାଣ ରକ୍ତରେ ଅଧିକ ବୃଦ୍ଧି ପାଇବା ଦ୍ୱାରା ଇଷ୍ଟ୍ରୋଜେନ ଓ ପ୍ରୋଜେଷ୍ଟେରନ ହରମୋନରେ ମଧ୍ୟ ଅସମାନତା ସୃଷ୍ଟିହୁଏ। ଫଳରେ ଗର୍ଭାଶୟ ଚତୁଃପାର୍ଶ୍ୱରେ ଛୋଟ ଛୋଟ ସିଷ୍ଟ ମୋତି ମାଳି ପରି ଦୃଶ୍ୟମାନ ହୋଇଥାଏ। ଏହି ସିଷ୍ଟଗୁଡ଼ିକ ସଂଖ୍ୟାରେ ୬ରୁ ୮ଟି ମଧ୍ୟ ଦେଖାଯାଏ। ଗର୍ଭାଶୟରେ ସିଷ୍ଟ କାରଣରୁ ଓଭୁଲେସନ ଠିକ୍ ଭାବେ ହୋଇପାରେ ନାହିଁ। ଫଳରେ ଋତୁସ୍ରାବରେ ଅନିୟମିତତା ଏବଂ ଗର୍ଭ ଧାରଣରେ ମଧ୍ୟ ବହୁ ଅସୁବିଧା ପରିଲକ୍ଷିତ ହୁଏ। ପିସିଓଡି ପାଇଁ ୩୦ ପ୍ରତିଶତ ମହିଳା ସନ୍ତାନ ଧାରଣରେ ବାଧା ସୃଷ୍ଟି ହେବା ଭଳି ସମସ୍ୟା ଦେଖାଯାଉଥିବା ଜଣାପଡ଼ିଛି।

**ପଲିଷ୍ଟିକ ଓଭାରିଆନ ସିଣ୍ଡ୍ରୋମର କାରଣ:** ଏହାର ମୁଖ୍ୟ କାରଣ ହେଉଛି ଅନିୟମିତ ଜୀବନଶୈଳୀ। ଖାଦ୍ୟପେୟରେ ପରିବର୍ତ୍ତନ, ମାନସିକ ଚିନ୍ତା, ଶାରୀରିକ ପରିଶ୍ରମରେ ଅଭାବ,ଫାଷ୍ଟଫୁଡ଼ ଓ ତେଲଭାଜି ଖାଦ୍ୟ ଖାଇବା ଦ୍ୱାରା ଏଭଳି ସମସ୍ୟା ଅଧିକ ଦେଖାଯାଉଛି। ଏହା ବଂଶାନୁକ୍ରମିକ ନୁହେଁ। କୈଶୋରାବସ୍ଥାରୁ ନେଇ ଋତୁସ୍ରାବ ବନ୍ଦ ହେବା ପର୍ଯ୍ୟନ୍ତ ଏହି ସମସ୍ୟା ଦେଖାଯାଏ।

**ଏହାର ଲକ୍ଷଣ କ'ଣ ? :** ଅନିୟମିତ ଋତୁସ୍ରାବ (ଓଲିଗୋମେନୋରିଆ), ଆଦୌ ଋତୁସ୍ରାବ ନହେବା (ସେକେଣ୍ଡାରୀ ଆମନୋରିଆ), ଅନିୟମିତ ଋତୁସ୍ରାବ ପରେ ଅତ୍ୟଧିକ ଋତୁସ୍ରାବ ହେବା (ଓଲିଗୋମେନୋରେଜିଆ), ମୁହଁ ଓ ଦେହରେ ଅଧିକ କେଶ ଉଠିବା (ହର୍ସୁଟିଜିମ୍) ଓବେସିଟି (ମେଦବହୁଳତା) ଭଳି ଲକ୍ଷଣ ଦେଖାଯାଏ। ଏହାବ୍ୟତୀତ ମୁହଁ ବ୍ରଣ, ଶରୀରର ଓଜନ ବୃଦ୍ଧି ଏବଂ ତାହା ହ୍ରାସ ନପାଇବା, ବେଳେବେଳେ ମହିଳାଙ୍କ ମୁହଁର କେଶ ଘଞ୍ଚ ଓ ଗାଢ଼ କଳା ଦେଖାଯାଏ ଏବଂ କେଶ ପତଳା ହୋଇଯାଏ। ସନ୍ତାନ ନହେଲେ ଅନେକ ମହିଳା ମାନସିକ ଅବସାଦ ମଧ୍ୟରେ ଗତି କରନ୍ତି। ପିସିଓଡି ମହିଳାଙ୍କ କ୍ଷେତ୍ରରେ ମଧୁମେହ, ଉଚ୍ଚରକ୍ତଚାପ, ଜରାୟୁ କର୍କଟ, ହୃଦରୋଗ ଦେଖାଦେବାର ଆଶଙ୍କା ରହିଛି। ଅତ୍ୟଧିକ ମୋଟା ମହିଳାମାନଙ୍କ କ୍ଷେତ୍ରରେ ଶରୀରର ଇନସୁଲିନ କ୍ଷରଣ ନେଇ ସମସ୍ୟା ଦେଖାଯାଏ। ତାହାକୁ ଇନସୁଲିନ 'ରେଜିଷ୍ଟାନ୍ସ ବା ପ୍ରତିରୋଧୀ ବୋଲି କୁହାଯାଏ। ଇନସୁଲିନ ଶରୀରର ରକ୍ତ ସର୍କରା ପରିମାଣକୁ ଠିକ୍ ରଖେ। ଶରୀରରୁ ଇନସୁଲିନକୁ ଠିକ ଭାବରେକ୍ଷରଣ ନହୋଇ ପାରିଲେ ରକ୍ତରେ ଶର୍କରା ଅଂଶ ବୃଦ୍ଧିପାଏ। ସମୟକ୍ରମେ ଏହାଦ୍ୱାରା ମଧୁମେହ ଆଶଙ୍କା ବୃଦ୍ଧିପାଏ।





**କିଭଳି ଚିହ୍ନଟ କରାଯାଏ ?:** ଜଣକର ସ୍ୱାସ୍ଥ୍ୟ ସମ୍ପର୍କରେ ତାଙ୍କର ଅତୀତ, ଲକ୍ଷଣ ଏବଂ ମାସିକ ଋତୁସ୍ରାବ ଆଦିରୁ ଏହି ରୋଗ ଚିହ୍ନଟ କରାଯାଇପାରିବ। ଶରୀରର ଅଧିକ କେଶ ଅଛି କି ନାହିଁ, ଉଚ୍ଚ ରକ୍ତଚାପରେ ରହୁଛି କି ନାହିଁ ତାହାକୁ ମଧ୍ୟ ପରୀକ୍ଷା କରିବାକୁ ହେବ। ତାହାଛଡ଼ା ଡାକ୍ତର ଜଣକର ଉଚ୍ଚତା ଓ ଶରୀର ଓଜନ ମଧ୍ୟ ମାପିବେ। ରକ୍ତ ଶର୍କରା, ଇନସୁଲିନ ଏବଂ ଅନ୍ୟ ହରମୋନ ସ୍ତର ମାପିବା ପରୀକ୍ଷା କରାଯିବ। ହରମୋନ ପରୀକ୍ଷାରୁ ଥାଇରଏଡ଼ ଏବଂ ଅନ୍ୟ ଗ୍ରନ୍ଥି ସମସ୍ୟା ମଧ୍ୟ ଠାବ କରାଯାଇପାରିବ। ତାହାଛଡ଼ା ପେଲଭି ଅଲଟ୍ରାସାଉଣ୍ଡ କରି ଗର୍ଭାଶୟରେ ସିଷ୍ଟ ଅଛି କି ନାହିଁ ତାହା ଜାଣିହେବ। ଅଲଟ୍ରାସାଉଣ୍ଡ ନକରି ମଧ୍ୟ ଅନ୍ୟାନ୍ୟ ପରୀକ୍ଷାରୁ ଜଣକ ଠାରେ ଗର୍ଭାଶୟରେ ସିଷ୍ଟ ଅଛି କି ନାହିଁ ତାହା ଡାକ୍ତର କହିପାରିବେ।

**ଚିକିତ୍ସା କିଭଳି କରାଯିବ ?:** ଓଜନକୁ ନିୟନ୍ତ୍ରଣ ରଖିବା, ଶରୀରର ବିଏମଆଇ ବା (ବଡି ମାସ୍ ଇନଡେକ୍ସ) ୨୫ରୁ କମ ରହିଲେ ମାସିକ ଋତୁସ୍ରାବ ଠିକ୍ ହୋଇଥାଏ। ନିୟମିତ ବ୍ୟାୟାମ, ସ୍ୱାସ୍ଥ୍ୟକର ଖାଦ୍ୟ, ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିବା ହେଉଛି ପଲିସିଷ୍ଟିକ ଓଭରିଆନ ସିଣ୍ଡ୍ରୋମ ଚିକିତ୍ସାର ମୁଖ୍ୟ ମାଧ୍ୟମ। ଚିକିତ୍ସା ଦ୍ୱାରା ଏହି ସସବୁ ଲକ୍ଷଣକୁ ଦୂର କରାଯିବା ସହିତ ଦୀର୍ଘକାଳୀନ ସ୍ୱାସ୍ଥ୍ୟଗତ ସମସ୍ୟାକୁ ମଧ୍ୟ ରୋକାଯାଇପାରିବ। ନିୟମିତ ଋତୁସ୍ରାବ ପାଇଁ ଇଷ୍ଟ୍ରୋଜେନ ଓ ପ୍ରୋଜେଷ୍ଟେରନ ବଟିକା ଖାଇବା ପାଇଁ ମଧ୍ୟ ପରାମର୍ଶ ଦିଆଯାଏ। ଏଥିସହିତ ଜଣେ ନିଜକୁ ମଧ୍ୟମ ଧରଣର ଶାରୀରିକ କାର୍ଯ୍ୟକଳାପରେ ନିୟୋଜିତ ରଖିପାରିବେ। ଚାଲିବା ବା ଏରୋବିକ୍ସ ଉଚ୍ଛି ସର୍ବୋତମ ବ୍ୟାୟାମ ଏବଂ ଅଧିକାଂଶ ଲୋକ ତାହା କରୁଛନ୍ତି। ହୃତପିଣ୍ଡ ପାଇଁ ଯେଉଁ ଖାଦ୍ୟ ଉତମ ତାହା ଖାଇବା ଉଚିତ୍। ସେଥିରେ ପ୍ରଚୁର ପନିପରିବା, ଫଳ, ସ୍ପ୍ରାଉଟ୍ (ଗଜାମୁଗ, ବୁଟ) ସାଲାଡ଼, କୋଳି, ବିନ୍ସ ଏବଂ ଚୋପାଲଗା ଶସ୍ୟ ଆଦି ଅନ୍ତର୍ଭୁକ୍ତ।





ତେଲଜାତୀୟ ଖାଦ୍ୟ ଓ ଫାଷ୍ଟଫୁଡ଼ରୁ ଦୂରେଇ ରହିବା ସହିତ ଖାଦ୍ୟରେ ଲୁଣର ବ୍ୟବହାରକୁ କମ କରିବା ଦରକାର। ବିଶେକେରି ଶରୀର ଓଜନ ହ୍ରାସ ପାଇଲେ ଏହାଦ୍ୱାରା ଅନେକ ଉପକାର ମିଳିଥାଏ। ଓଜନ କମିଲେ ହରମୋନ ସନ୍ତୁଳିତ ହେବା ସହିତ ମାସିକ ଋତୁଚକ୍ର ନିୟମିତ ହୋଇଥାଏ। ଯଦି ଜଣେ ଧୂମପାନ କରୁଥାନ୍ତି ତେବେ ସେମାନଙ୍କ ଠାରେ ପଲିସିଷ୍ଟକ ଇଭାରିଆନ ସିଣ୍ଡ୍ରୋମ ହେବା ଆଶଙ୍କା ଅଧିକ ରହିଥାଏ। ବିବାହିତ ମହିଳାଙ୍କ କ୍ଷେତ୍ରରେ ଡାକ୍ତର ଜନ୍ମ ନିୟନ୍ତ୍ରଣ ଔଷଧ ଖାଇବାକୁ ପରାମର୍ଶ ଦେଇଥାନ୍ତି, ଯଦ୍ୱାରା ମାସିକ ଋତୁସ୍ରାବ ନିୟମିତ ହୋଇପାରିବ। ଅଥବା ସନ୍ତାନ ହେଉନଥିଲେଏ ଫର୍ଟିଲିଟି ଔଷଧ ଖାଇବା ପାଇଁ କହିଥାନ୍ତି। ତେଣୁ ଏଥିପାଇଁ ନିୟମିତ ଭାବେ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ। ତାହାସହିତ ମଧୁମେହ ଓ ଉଚ୍ଚ ରକ୍ତଚାପର ପରୀକ୍ଷା ମଧ୍ୟ କରାଇବାକୁ ହେବ।

**ଏହାସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ କି ? :** ହଁ, ପଲିସିଷ୍ଟିକ ଓଭାରିଆନ ସିଣ୍ଡ୍ରୋମ ସମ୍ପୁର୍ଣ୍ଣ ଆରୋଗ୍ୟସାଧ୍ୟ। ପ୍ରାରମ୍ଭିକ ଅବସ୍ଥାରୁ ଏହାକୁ ଚିହ୍ନଟ କରି ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ଖାଇବା ସହ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ଦରକାର।

## ଦିନକୁ କେତେ ଥର ପିଉଛନ୍ତି ଚା' ? ଓ ସାଥିରେ ବିସ୍କୁଟ୍, ପକୋଡ଼ା ଖାଉଥିଲେ ସାବଧାନ !



ପରମ୍ପରା ଏବଂ ସଂସ୍କୃତିର ଦେଶ ଭାରତ ନା' କେବଳ ନିଜ ଇତିହାସକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚିତ ବରଂ ଖାଦ୍ୟପେୟରେ ମଧ ଚର୍ଚ୍ଚା ସାଉଁଟେ ଏ ଦେଶ । ପରମ୍ପରାକୁ ଭାରତୀୟ ଯେମିତି ଅକ୍ଷରେ ଅକ୍ଷରେ ପାଳନ କରନ୍ତି । ଠିକ୍ ସେମିତି ଖାଦ୍ୟପେୟରେ ମଧ ଭାରତୀୟଙ୍କୁ କେହି ମାତ୍ ଦେଇ ପାରିବେନି । ବର୍ତ୍ତମାନ ସମୟ ଏମିତି ଆସିଛି ଯେ ଭାରତ ଭ୍ରମଣରେ ଆସୁଥିବା ବିଦେଶୀ ମଧ ଝାଲମୁଢ଼ି ଖାଇ ଲଣ୍ଡନରେ ଦୋକାନ ଖୋଲିଲେଣି ଆଉ ଗରମ ଚା' ପିଇ ୱାଃ କହିଲେଣି ।

ଚା'.. ଅନେକ ଭାରତୀୟଙ୍କ ସକାଳର ଆରମ୍ଭ । ଶୁଭସକାଳର ସନ୍ଦେଶ ନେଇ ଆସୁଥିବା ଏହି ଚା' ନ ପିଇଲେ ସକାଳଟା ଯେମିତି ମାନ୍ଦା ମାନ୍ଦା ଲାଗେ । ଖଟିରୁ ଆରମ୍ଭ କରି ବେଡରୁମ୍ ଖଟ ପର୍ଯ୍ୟନ୍ତ ସବୁଠି ଛାପ ଛାଡୁଥିବା ଗରମ ଚା'ର ଚର୍ଚ୍ଚା ଯେତେ କଲେ ବି କମ୍ । କିନ୍ତୁ ବେଳେବେଳେ ଚା'ର ମାତ୍ରା ଜୀବନରେ ଏତେ ଅଧିକ ହୋଇଯାଏ ଯେ ଅଖା ଧୋଉଥିବ ଗୁଣ ଗାଉଥିବ ଭଳି ସମସ୍ୟା ଉପୁଜେ । ଚା'ରେ ଥିବା କେଫିନ୍ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ଡାକ୍ତର ମଧ ଉପଦେଶ ଦିଅନ୍ତି । କିନ୍ତୁ ଚା'ଅଭ୍ୟାସରେ ପଡ଼ିଥିବା ଲୋକ ଦୈନିକ ୧୦ ରୁ ୧୫ ଥର ଚା' ନ ପିଇଲେ ତାଙ୍କ ମନ ଶାନ୍ତି ହୁଏନାହିଁ । ଏହି ଅଭ୍ୟାସ ମଣିଷର ସ୍ୱାସ୍ଥ୍ୟ ପାଇଁ କେତେ ଠିକ୍ ଏନେଇ କ'ଣ କୁହନ୍ତି ଏକ୍ସପର୍ଟ ଆସନ୍ତୁ ଜାଣିବା ।

ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦ (ଆଇସିଏମଆର) ଅନୁସାରେ , ଚା'ଏବଂ କଫି ଉଭୟରେ କେଫିନର ମାତ୍ରା ଥାଏ । ଯାହା ସେଣ୍ଟ୍ରଲ୍ ନର୍ଭସ ସିଷ୍ଟମ୍ କୁ ଷ୍ଟିମୁଲେଟ୍ କରି ଅଭ୍ୟାସରେ ପରିଣତ କରାଇଥାଏ। ୧୫୦ ମିଲି କପ୍ ଚା'ରେ ୩୦ ରୁ ୬୫ ମିଲିଗ୍ରାମ୍ କେଫିନ୍ ଥାଏ ତେଣୁ ବିଶେଷଜ୍ଞ ଦୈନିକ ୨ କପରୁ ଅଧିକ ଚା' ନ ପିଇବା ପାଇଁ ପରାମର୍ଶ ଦେଇଥାନ୍ତି । ଦିନକୁ ଏକ କପ୍ ଚା' ପିଇବା ସ୍ୱାସ୍ଥ୍ୟ ପ୍ରତି ଅହିତକର ନୁହଁ କିନ୍ତୁ ଚା'ସହ ଯଦି ସ୍ନାକ୍ସ ଖାଉଛନ୍ତି ଏହା ରୋଗ ଜନ୍ମାଇବାର ଏକ ବଡ଼ କାରଣ ହୋଇପାରେ । ଅନେକ ଲୋକ ଚା' ସହ ବିସ୍କୁଟ୍ , ଟୋଷ୍ଟ୍ ଏବଂ ପକୋଡା ଭଳି ସ୍ନାକ୍ସ ଖାଇଥାନ୍ତି। ଏହି ସ୍ନାକ୍ସରେ ଥିବା କ୍ୟାଲୋରୀ କେଫିନ୍ ସହ ମିଶି ଶରୀରକୁ ଆହୁରି ଖରାପ ହେବା ଦିଗରେ ନେଇଯାନ୍ତି । ନ୍ୟୁଟ୍ରିସନ୍ ଦୀପଶିଖା ଜୈନ୍ କୁହନ୍ତି, ଚା' ସହ ୪ ରୁ ୫ ଟି ବିସ୍କୁଟ୍ ଖାଇବା ଯାହା ସାରାଦିନର କ୍ୟାଲୋରୀ ବଢାଇବା ତାହା । ଏହି ସ୍ନାକ୍ସରେ ୩୦୦ ରୁ ୪୦୦ କ୍ୟାଲୋରୀ ଥାଏ ଯାହା ବ୍ଲଡ୍ ସୁଗାର ବଢାଇବାର କାମ କରେ । ଡାଏବେଟିସ୍ , ଓଜନ ବୃଦ୍ଧି ଭଳି ସମସ୍ୟାକୁ ଡ଼ାକିଆଣେ ଚା' ସହ ସ୍ନାକ୍ସ ସେବନ ।

ଆୟୁର୍ବେଦିକ ବିଶେଷଜ୍ଞ ଡା.ଦିକ୍ସା ଭାବସାର ସାବଲିୟା କେଉଁ ସମୟରେ ଚା' ପିଇବା ହାନିକାରକ ସେ ବିଷୟରେ ମଧ ସୂଚିତ କରାଇଛନ୍ତି । ସକାଳୁ ସକାଳୁ ଖାଲିପେଟରେ ଚା' ପିଇବା ଶରୀର ପ୍ରତି ଆଦୌ ଠିକ୍ ନୁହେଁ । ଖାଲିପେଟରେ କେଫିନ୍‌ର ସେବନ ଆପଣଙ୍କ ଶରୀରର କୋର୍ଟିସୋଲ୍ ରେ ବାଧା ଉପୁଜାଏ ଏବଂ ଦିନ ଆରମ୍ଭରୁ ହିଁ ସ୍ୱାସ୍ଥ୍ୟ ବିଗିଡ଼ିଲା ଭଳି ଲାଗେ । ଭୋଜନ କିମ୍ବା ଜଳଖିଆ ଖାଇବା ସମୟରେ ଚା'ପିଇବା ଆପଣଙ୍କ ପାଚନତନ୍ତ୍ରକୁ ଦୁର୍ବଳ କରିଥାଏ । ଚା' ଏସିଡିକ୍ ହୋଇଥାଏ ଏବଂ ଏଥିରେ ଟେନିନ୍ ରହିଥାଏ ଯାହା ଭୋଜନ ସରିବାର ସଙ୍ଗେ ସଙ୍ଗେ ସେବନ କଲେ ଆୟରନ୍ ଅବଶୋଷଣରେ ବାଧା ଉପୁଜାଇଥାଏ ।

## ଗ୍ରୀନ୍ ଟି'ରେ ମିଶାଇ ପିଅନ୍ତୁ ଏହିସବୁ ଜିନିଷ: କ୍ୟାନ୍ସର୍ ପରି ରୋଗରୁ ମିଳିବ ମୁକ୍ତି



ଆଜିକାଲିର ବ୍ୟସ୍ତବହୁଳ ଜୀବନ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟଶୈଳୀ କାରଣକୁ ଅଧିକାଂଶ ଲୋକଙ୍କୁ ବିଭିନ୍ନ ପ୍ରକାର ରୋଗ ହୋଇଥାଏ । ଯାହାକି ତାଙ୍କୁ ଅନେକ କଷ୍ଟ ଦେବା ସହ କିଛି ଲୋକଙ୍କର ମୃତ୍ୟୁ ମଧ ହୋଇଥାଏ । ତେବେ ବର୍ତ୍ତମାନର ସମୟରେ ମଧୁମେହ, ବେଦବହୁଳତା ହୃଦଘାତ ଏବଂ କ୍ୟାନ୍,ର ପରି ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାର ଲାଗିଛି । ଯାହାକି ଶରୀର ପ୍ରତି ବହୁତ କ୍ଷତିକାରକ ହୋଇଥାଏ । ତେଣୁ ଏହିସବୁ ସମସ୍ୟା ଖାସ୍ କରି କ୍ୟାନ୍ସର ପରି ରୋଗଠାରୁ ଦୂରେଇ ରହିବା ପାଇଁ ଏପରି କିଛି ଜିନିଷ ଅଛି ଯାହାକୁ ସେବନ କରିବା ଉଚିତ୍ । ଫଳରେ ଏହା ଆମକୁ ସୁସ୍ଥ ରଖିବା ସହ ରୋଗମୁକ୍ତ ମଧ ରଖିଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଗ୍ରୀନଟିରେ କଣ ସବୁ ମିଶାଇ ସେବନ କରିବା ଉଚିତ୍ । ଯାହାଦ୍ୱାରା କ୍ୟାନ୍ସର ପରି ସମସ୍ୟାରୁ ମଧ ମୁକ୍ତି ମିଳିପାରିବ।

ଅଦା: ଅଦା ଓଏପରି ଏକ ଜିନିଷ , ଯାହାର ବ୍ୟବହାର ଖାଦ୍ୟର ସ୍ୱାଦ ବଢାଇବା ପାଇଁ କରାଯାଇଥାଏ । କିନ୍ତୁ ଆପଣ ଜାଣନ୍ତି କି ଯଦି ଏହା ଗ୍ରୀନ୍ ଟି ସହିତ ମିଶ୍ରିତ ହୁଏ, ତେବେ ଏହା ଅନେକ ଉପାୟରେ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇପାରେ । ଫଳରେ ଆପଣ ଅନେକ କିଛି ସମସ୍ୟାରୁ ମୁକ୍ତି ପାଇ ପାରନ୍ତି । ଏହାର ସାହାଯ୍ୟରେ କେବଳ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ ନାହିଁ, ବରଂ ଏହା କର୍କଟ ଭଳି ବିପଜ୍ଜନକ ଏବଂ ମାରାତ୍ମକ ରୋଗକୁ ମଧ ରୋକିଥାଏ । ତେଣୁ ଗ୍ରୀନଟିରେ ଅଦା ମିଶାଇ ସେବନ କରିବା ଉଚିତ୍ ।

୨. ପୁଦିନା ପତ୍ର ଏବଂ ଡାଲଚିନି: କିଛି ଲୋକ ଗ୍ରୀନ୍ ଟିରେ ପୁଦିନା ପତ୍ର ଏବଂ ଡାଲଚିନି ମିଶ୍ରମ କରିଥାନ୍ତି। କାରଣ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଏଥିସହିତ ହଜମ ପ୍ରକ୍ରିୟାରେ ମଧ ଉନ୍ନତି କରିଥାଏ । ତେଣୁ ଏହାକୁ ଗ୍ରୀନଟିରେ ମିଶାଇ ସେବନ କରିବା ଦ୍ୱାରା ଏହା ବିଭିନ୍ନ ପ୍ରକାର ରୋଗରୁ ମୁକ୍ତି ଦେବା ସହ ଓଜନ ହ୍ରାସରେ ମଧ ସାହାର୍ଯ୍ୟ କରେ ।

୩. ଲେମ୍ବୁ : ଯଦି ଲେମ୍ବୁକୁ ଗ୍ରୀନ୍ ଟି ସହିତ ମିଶାଯାଏ ତେବେ ଏହାର ତିକ୍ତ ସ୍ୱାଦ ସାମାନ୍ୟ କମିଯାଏ ଏବଂ ଏହା ଆଣ୍ଟିଅକ୍ସିଡାଣ୍ଟ ବୃଦ୍ଧିରେ ମଧ ସାହାଯ୍ୟ କରିଥାଏ । ଯାହା ଆମ ଶରୀର ପାଇଁ ଲାଭଦାୟକ ହୋଇଥାଏ । ଯଦି ଆପଣ ଅଧିକ ପ୍ରଭାବ ଚାହୁଁଛନ୍ତି ତେବେ ଗ୍ରୀନ ଟି କରିସାରିବା ପରେ ଶେଷରେ ଲେମ୍ବୁ ରସ ମିଶାନ୍ତୁ ।







## ନଭେମ୍ବର ୨୦୨୫ରେ ଭାରତର ବାଣିଜ୍ୟ ନିଅଣ୍ଟରେ ହ୍ରାସ

ଭାରତୀୟ ଅର୍ଥନୀତି ପାଇଁ ନଭେମ୍ବର ୨୦୨୫ ଏକ ଅତ୍ୟନ୍ତ ଉତ୍ସାହଜନକ ମାସ ସାବ୍ୟସ୍ତ ହୋଇଛି । ଦେଶର ବାଣିଜ୍ୟ କ୍ଷେତ୍ରରେ ଏକ ବଡ଼ ଧରଣର ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଛି, ଯାହା ଅର୍ଥନୈତିକ ସ୍ଥିରତା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସଦ୍ୟ ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ନଭେମ୍ବର ମାସରେ ଭାରତର ବାଣିଜ୍ୟ ନିଅଣ୍ଟ (Trade Deficit) ଉଲ୍ଲେଖନୀୟ ଭାବରେ ହ୍ରାସ ପାଇ ୬.୬ ବିଲିୟନ ଡଲାରରେ ପହଞ୍ଚିଛି । ଅକ୍ଟୋବର ମାସରେ ବାଣିଜ୍ୟ ନିଅଣ୍ଟ ରେକର୍ଡ ସ୍ତରରେ ପହଞ୍ଚିଥିବା ବେଳେ, ମାତ୍ର ଗୋଟିଏ ମାସ ମଧ୍ୟରେ ଏଥିରେ ପ୍ରାୟ ୬୧% ହ୍ରାସ ଘଟିବା ନିଶ୍ଚିତ ଭାବରେ ଏକ ବଡ଼ ଆଶ୍ୱସ୍ତିର ବିଷୟ । ଏହି ତଥ୍ୟ କେବଳ ଏହା ବିଶ୍ୱ ବଜାରରେ ଭାରତୀୟ ସାମଗ୍ରୀର ବର୍ଦ୍ଧିତ ଚାହିଦା ଏବଂ ଘରୋଇ ଉତ୍ପାଦନ କ୍ଷେତ୍ରର ଦକ୍ଷତାକୁ ପ୍ରମାଣିତ କରୁଛି । ବିଶେଷକରି ପଣ୍ୟ ରପ୍ତାନିରେ ବୃଦ୍ଧି ଏବଂ ଆମଦାନିରେ ନିୟନ୍ତ୍ରଣ ଯୋଗୁଁ ଏହି ସନ୍ତୁଳନ ସମ୍ଭବ ହୋଇପାରିଛି ।

ଏହି ସଫଳତାର ମୁଖ୍ୟ କାରଣ ହେଉଛି ପଣ୍ୟ ରପ୍ତାନି (Merchandise Exports) ରେ ଘଟିଥିବା ବ୍ୟାପକ ବୃଦ୍ଧି । ତଥ୍ୟ ଅନୁଯାୟୀ, ନଭେମ୍ବର ୨୦୨୫ରେ ଭାରତର ପଣ୍ୟ ରପ୍ତାନି ୧୯.୩୭% ବୃଦ୍ଧି ପାଇ ୩୮.୧୩ ବିଲିୟନ ଡଲାରରେ ପହଞ୍ଚିଛି । ଗତ ଦଶ ବର୍ଷ ମଧ୍ୟରେ କୌଣସି ନଭେମ୍ବର ମାସ ପାଇଁ ଏହା ହେଉଛି ସର୍ବୋଚ୍ଚ ରପ୍ତାନି ପରିମାଣ । ଅକ୍ଟୋବର ମାସରେ ରପ୍ତାନି କ୍ଷେତ୍ରରେ କିଛିଟା ମନ୍ଥରତା ଦେଖାଦେଇଥିଲା, କିନ୍ତୁ ନଭେମ୍ବର ମାସର ଏହି ତଥ୍ୟ ସମସ୍ତ ଆଶଙ୍କାକୁ ଦୂର କରିଦେଇଛି । ବିଶ୍ୱ ଅର୍ଥନୀତିରେ ଚାଲିଥିବା ଅନିଶ୍ଚିତତା ସତ୍ତ୍ୱେ ଭାରତୀୟ ରପ୍ତାନିକାରୀମାନେ ନିଜର ଦକ୍ଷତା ପ୍ରତିପାଦିତ କରିପାରିଛନ୍ତି । ଏହି ବୃଦ୍ଧି କେବଳ ଗୋଟିଏ କ୍ଷେତ୍ରରେ ସୀମିତ ନୁହେଁ, ବରଂ ବିଭିନ୍ନ କ୍ଷେତ୍ରରେ ଭାରତୀୟ ସାମଗ୍ରୀର ଚାହିଦା ବଢିଥିବା ଲକ୍ଷ୍ୟ କରାଯାଇଛି । ରପ୍ତାନି ବୃଦ୍ଧିର ଗଭୀର ବିଶ୍ଳେଷଣ କଲେ ଜଣାପଡେ ଯେ, ଇଞ୍ଜିନିୟରିଂ ସାମଗ୍ରୀ, ଇଲେକ୍ଟ୍ରୋନିକ୍ସ, ଔଷଧ ଏବଂ ରତ୍ନ ଓ ଅଳଙ୍କାର କ୍ଷେତ୍ର ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ଇଞ୍ଜିନିୟରିଂ ସାମଗ୍ରୀର ରପ୍ତାନିରେ ପ୍ରାୟ ୨୪% ବୃଦ୍ଧି ଘଟିଛି, ଯାହା ଭାରତର ଉତ୍ପାଦନ କ୍ଷେତ୍ରର ବୈଷୟିକ ଦକ୍ଷତାକୁ ସୂଚାଉଛି । ସେହିପରି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ରପ୍ତାନିରେ ପ୍ରାୟ ୩୯% ର ଆଶ୍ଚର୍ଯ୍ୟଜନକ ବୃଦ୍ଧି ଦେଖିବାକୁ ମିଳିଛି । ସରକାରଙ୍କ ଦ୍ୱାରା ପ୍ରଣୀତ 'ପ୍ରଡକ୍ସନ ଲିଙ୍କଡ୍ ଇନସେଣ୍ଟିଭ୍' (PLI) ଯୋଜନା ଏହି କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିଛି । ବିଶେଷକରି ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଉପକରଣ ଉତ୍ପାଦନରେ ଭାରତ ଏକ ପ୍ରମୁଖ କେନ୍ଦ୍ର ଭାବରେ ଉଭା ହେଉଛି । ଏହା ବ୍ୟତୀତ ଭାରତୀୟ ଫାର୍ମାସ୍ୟୁଟିକାଲ୍ ବା ଔଷଧ ଶିଳ୍ପ ମଧ୍ୟ ବିଶ୍ୱ ବଜାରରେ ନିଜର ସ୍ଥିତି ସୁଦୃଢ଼ କରିପାରିଛି, ଯାହା ୨୧% ଅଭିବୃଦ୍ଧିରୁ ସ୍ପଷ୍ଟ ବାରି ହୋଇପଡୁଛି । ରପ୍ତାନି ବୃଦ୍ଧି ସହିତ ଆମଦାନି (Imports) ରେ ହ୍ରାସ ଘଟିବା ବାଣିଜ୍ୟ ନିଅଣ୍ଟ କମିବାର ଅନ୍ୟତମ ପ୍ରମୁଖ କାରଣ । ନଭେମ୍ବର ମାସରେ ପଣ୍ୟ ଆମଦାନି ୧.୮୮% ହ୍ରାସ ପାଇ ୬୨.୬୬ ବିଲିୟନ ଡଲାର ରହିଛି । ଅକ୍ଟୋବର ମାସରେ ପାର୍ବଣ ଋତୁ ହେତୁ ସୁନା ଏବଂ ରୁପା ଆମଦାନିରେ ଅତ୍ୟଧିକ ବୃଦ୍ଧି ଘଟିଥିଲା, ଯାହା ବାଣିଜ୍ୟ ନିଅଣ୍ଟକୁ ବଢାଇ ଦେଇଥିଲା । କିନ୍ତୁ ନଭେମ୍ବର ମାସରେ ସୁନା ଆମଦାନିରେ ପ୍ରାୟ ୬୦% ହ୍ରାସ ଘଟିଛି । ଏହା ସହିତ ଅଶୋଧିତ ତୈଳ ଏବଂ କୋଇଲା ଆମଦାନିରେ ମଧ୍ୟ ହ୍ରାସ ପରିଲକ୍ଷିତ ହୋଇଛି । ଆନ୍ତର୍ଜାତିକ ବଜାରରେ ତୈଳ ଦରରେ ହ୍ରାସ ଏବଂ ଘରୋଇ ବଜାରରେ ଚାହିଦାର ସ୍ୱାଭାବିକୀକରଣ ଯୋଗୁଁ ଆମଦାନି ବିଲ୍ ନିୟନ୍ତ୍ରଣ ମଧ୍ୟରେ ରହିପାରିଛି । ରପ୍ତାନି ବୃଦ୍ଧି ଏବଂ ଆମଦାନି ହ୍ରାସର ଏହି ଯୁଗଳବନ୍ଦୀ ବାଣିଜ୍ୟିକ ସନ୍ତୁଳନ ରକ୍ଷା କରିବାରେ ସହାୟକ ହୋଇଛି । କେବଳ ପଣ୍ୟ ବାଣିଜ୍ୟ ନୁହେଁ, ସେବା କ୍ଷେତ୍ର (Services Sector) ମଧ୍ୟ ଭାରତର ବାଣିଜ୍ୟିକ ସ୍ଥିତିକୁ ମଜଭୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ନଭେମ୍ବର ମାସରେ ସେବା ରପ୍ତାନି ଆନୁମାନିକ ୩୫.୮୬ ବିଲିୟନ ଡଲାର ରହିଛି । ସାଧାରଣତଃ ଭାରତ ସେବା କ୍ଷେତ୍ରରେ ବଳକା (Surplus) ରହିଥାଏ, ଅର୍ଥାତ୍ ଆମେ ଯେତିକି ସେବା ଆମଦାନି କରୁ, ତା'ଠାରୁ ଅଧିକ ରପ୍ତାନି କରୁ । ପଣ୍ୟ ବାଣିଜ୍ୟରେ ଯେଉଁ ନିଅଣ୍ଟ ରହୁଛି, ତାହାକୁ ଭରଣା କରିବାରେ ସେବା କ୍ଷେତ୍ରର ବଳକା ଅର୍ଥ ବିଶେଷ ସହାୟକ ହେଉଛି । ତେଣୁ ସାମଗ୍ରିକ ଭାବରେ ଦେଖିଲେ, ପଣ୍ୟ ଏବଂ ସେବା କ୍ଷେତ୍ରର ମିଳିତ ପ୍ରଦର୍ଶନ ଯୋଗୁଁ ଦେଶର ବାଣିଜ୍ୟିକ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେଉଛି । ଏହି ତଥ୍ୟର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଆମେରିକା ସହିତ ଭାରତର ବାଣିଜ୍ୟିକ ସମ୍ପର୍କ । ନିକଟରେ ଆମେରିକା କିଛି ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି କରିଥିବା ସତ୍ତ୍ୱେ, ନଭେମ୍ବର ମାସରେ ଆମେରିକାକୁ ଭାରତର ରପ୍ତାନି ବୃଦ୍ଧି ପାଇଛି । ଏହା ପ୍ରମାଣ କରୁଛି ଯେ ଭାରତୀୟ ସାମଗ୍ରୀର ଗୁଣବତ୍ତା ଏବଂ ମୂଲ୍ୟ ଆନ୍ତର୍ଜାତିକ ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସକ୍ଷମ । ଚୀନ୍ ସହିତ ମଧ୍ୟ ରପ୍ତାନି ବାଣିଜ୍ୟରେ ଉନ୍ନତି ଦେଖାଦେଇଛି । ଅର୍ଥନୈତିକ ଦୃଷ୍ଟିକୋଣରୁ ବିଚାର କଲେ, ବାଣିଜ୍ୟ ନିଅଣ୍ଟରେ ହ୍ରାସ ଦେଶର ଚଳନ୍ତି ହିସାବ ନିଅଣ୍ଟ (Current Account Deficit - CAD) କୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିବ । ଯେତେବେଳେ ଦେଶର ଆମଦାନି ରପ୍ତାନି ଠାରୁ ଅଧିକ ହୁଏ, ସେତେବେଳେ ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ ପଡେ ଏବଂ ଟଙ୍କାର ମୂଲ୍ୟ ହ୍ରାସ ପାଏ । କିନ୍ତୁ ବର୍ତ୍ତମାନର ଏହି ଧାରା ବଜାୟ ରହିଲେ ଭାରତୀୟ ମୁଦ୍ରା 'ଟଙ୍କା'ର ବିନିମୟ ମୂଲ୍ୟ ସ୍ଥିର ରହିବ । ନିବେଶକମାନଙ୍କ ପାଇଁ ମଧ୍ୟ ଏହା ଏକ ଭଲ ଖବର, କାରଣ ଏହା ଦେଶର ମାକ୍ରୋ-ଇକୋନୋମିକ ସ୍ଥିରତାକୁ ଦର୍ଶାଉଛି ।

ତେବେ, ଗୋଟିଏ ମାସର ତଥ୍ୟକୁ ନେଇ ଅତ୍ୟଧିକ ଆତ୍ମସନ୍ତୋଷ ଲାଭ କରିବା ଉଚିତ ନୁହେଁ । ବିଶ୍ୱସ୍ତରୀୟ ଭୂ-ରାଜନୈତିକ ପରିସ୍ଥିତି ଏବେ ବି ଜଟିଳ ରହିଛି । ବିଭିନ୍ନ ଦେଶରେ ଯୁଦ୍ଧ ପରିସ୍ଥିତି ଏବଂ ବାଣିଜ୍ୟିକ କଟକଣା ଭବିଷ୍ୟତରେ ଆହ୍ୱାନ ସୃଷ୍ଟି କରିପାରେ । ତେଣୁ ରପ୍ତାନି ବୃଦ୍ଧିର ଏହି ଧାରାକୁ ବଜାୟ ରଖିବା ପାଇଁ ନିରନ୍ତର ପ୍ରୟାସ ଜରୁରୀ । ସରକାରଙ୍କୁ ଭିତ୍ତିଭୂମି ବିକାଶ, ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ ଏବଂ ନୂତନ ବଜାର ଅନୁସନ୍ଧାନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡିବ । କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକୁ ପ୍ରୋତ୍ସାହନ ଦେଲେ ରପ୍ତାନିର ଭିତ୍ତିଭୂମି ଆହୁରି ମଜଭୁତ ହୋଇପାରିବ । ନଭେମ୍ବର ୨୦୨୫ର ବାଣିଜ୍ୟିକ ତଥ୍ୟ ଭାରତୀୟ ଅର୍ଥନୀତିର ସହନଶୀଳତା ଏବଂ ସାମର୍ଥ୍ୟର ପ୍ରତୀକ । ଯଦି ଆଗାମୀ ମାସଗୁଡ଼ିକରେ ମଧ୍ୟ ଏହି ଧାରା ଅବ୍ୟାହତ ରହେ, ତେବେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଭାରତ ଏକ ସୁଦୃଢ଼ ବାଣିଜ୍ୟିକ ସ୍ଥିତିରେ ପହଞ୍ଚିପାରିବ ।

## ପର୍ଜନ୍ୟ ଅର୍ଥାତ୍ ପ୍ରାଣବର୍ଷା

ଡାକ୍ତର ଉମେଶ ଚନ୍ଦ୍ର



ଗୀତାର ଭଗବାନ କୃଷ୍ଣ କହନ୍ତି, 'ଯଜ୍ଞାଦ ଭବତି ପର୍ଜନ୍ୟଃ' ଅର୍ଥାତ୍ ଯଜ୍ଞ ଦ୍ୱାରା ପର୍ଜନ୍ୟ ବର୍ଷା ହୁଏ। ଲୋକେ ବର୍ଷାର ଅର୍ଥ ପାଣିବର୍ଷାକୁ ବୁଝନ୍ତି, ଏହା ଯଦି ସତ ହୋଇଥାନ୍ତା ତେବେ ପାଣିବର୍ଷା ମନୁଷ୍ୟ ହାତରେ ଥାନ୍ତା, କଦାପି ପାଣିର ଅଭାବ ପଡ଼ନ୍ତା ନାହିଁ। ଯେତେବେଳେ ଯେତିକି ବର୍ଷାର ଆବଶ୍ୟକତା ହୁଅନ୍ତା ସେତେବେଳେ ସେତିକି ବର୍ଷା କରାଯାଇ ପାରନ୍ତା। ବନ୍ୟା ହେବାର ସଙ୍କଟ ରହନ୍ତା ନାହିଁ ଏବଂ ବର୍ଷା ଅଭାବରେ ଦୁର୍ଭିକ୍ଷ ପଡ଼ିବାର ଦେଖାଯାନ୍ତା ନାହିଁ। ମନ ହେବାମାତ୍ରେ ବର୍ଷା କରାଯାଇ ପାରନ୍ତା। ତାର ମାତ୍ରା ନିୟନ୍ତ୍ରଣ ମଧ୍ୟ ମନୁଷ୍ୟ ହାତରେ ଥାନ୍ତା। ପର୍ଜନ୍ୟ ବର୍ଷା କଥା ସତ ଅଟେ କିନ୍ତୁ ପାଣି ବର୍ଷା ନୁହେଁ। ତେବେ ପାଣି ବ୍ୟତୀତ ଆଉ କୌଣସି ବସ୍ତୁ ମଧ୍ୟ ବର୍ଷା ହୁଏ କି? ଏହାର ଉତ୍ତର 'ହଁ'ରେ ଦିଆଯାଇପାରେ ଏବଂ ଉକ୍ତ ବର୍ଷା ହେବା ବସ୍ତୁକୁ ହିଁ ପର୍ଜନ୍ୟ କୁହାଯାଏ। ଏହାପାଣି ନୁହେଁ, 'ପ୍ରାଣ' ଅଟେ। ପ୍ରାଣ କହନ୍ତି ଜୀବନୀ ଶକ୍ତିକୁ। ଯେଉଁ ବସ୍ତୁ ବଳ, ସାମର୍ଥ୍ୟ ପ୍ରଦାନ କରେ, ତାହା ହିଁ ଜୀବନୀ ଶକ୍ତି ଅଟେ। ଯାହାଙ୍କ ଶରୀରରେ ଜୀବନୀ ଶକ୍ତି ଥାଏ ସେମାନେ କ୍ଷୀଣକାୟ ହେଲେ ସୁଦ୍ଧା ବଳବାନ ଥାନ୍ତି। ଗାନ୍ଧୀଙ୍କୁ ମୃତ୍ୟୁ ବେଳକୁ ଅଶୀବର୍ଷ ବୟସ ହୋଇଥିଲା। ସେ କହୁଥିଲେ ମୁଁ ୧୨୦ ବର୍ଷ ବଞ୍ଚିବାକୁ ଚାହେଁ। ଯଦି ଦୁର୍ଘଟଣା ହୋଇନଥାନ୍ତା ତେବେ ସମ୍ଭବତଃ ତାଙ୍କୁ ଇଚ୍ଛାମୃତ୍ୟୁ ମିଳିଥାନ୍ତା। ଜୀବନୀ ଶକ୍ତି ଶରୀରକୁ ବଳବାନ, ନିରୋଗ ଏବଂ ଦୀର୍ଘଜୀବୀ କରିବା ସହିତ ମନୋବଳ ବୃଦ୍ଧି କରେ। ଏହାଦ୍ୱାରା ଓଜସ୍ ଏବଂ ବର୍ଚ୍ଚସର ବିଭୂତି ପ୍ରାପ୍ତ ହୁଏ। ଏହାକୁ ପ୍ରତିଭା ମଧ୍ୟ କୁହାଯାଏ। ପ୍ରତିଭାର ସ୍ରୋତ ଅନ୍ତରୀକ୍ଷ ଅଟେ। ଅନ୍ତରୀକ୍ଷରୁ କିରଣ ମଧ୍ୟ ବର୍ଷା ହୁଏ। ସୂର୍ଯ୍ୟ କିରଣକୁ ଜୀବନଦାତ୍ରୀ ବୋଲି କୁହାଯାଏ। ତଦ୍ୱାରା ବର୍ଷା ମଧ୍ୟ ହୁଏ। ବୈଜ୍ଞାନିକମାନେ ଜାଣିଛନ୍ତି ଯେ ତଦ୍ୱାରା ବର୍ଷା ଅତିରିକ୍ତ ଆଉ ବହୁତ କିଛି ବର୍ଷା ହୁଏ। ବର୍ଷା ପାଣିରେ ଉତ୍ପାଦକଶକ୍ତି ଥାଏ। ସମୟ ସମୟରେ ତାର ନ୍ୟୁନତା ମଧ୍ୟ ଦେଖାଦେଇ ଥାଏ। ଏପରି ପରିସ୍ଥିତିରେ ଯେଉଁ ବନସ୍ପତି ଉତ୍ପନ୍ନ ହୁଅନ୍ତି ସେମାନେ ନିର୍ଜୀବ ହୁଅନ୍ତି। ବିଶ୍ଳେଷଣ କର୍ତ୍ତାଙ୍କ ଅନୁସାରେ ସେମାନଙ୍କ ଠାରେ ରାସାୟନିକ ପଦାର୍ଥ ସ୍ୱଳ୍ପ ମାତ୍ରାରେ ଥାଏ। ଫଳରେ ସେମାନଙ୍କର ପତ୍ର ଫୁଲ ଫଳ ସ୍ୱଳ୍ପମାତ୍ରାରେ ହୁଏ। ସେମାନଙ୍କୁ ଖାଉଥିବା ପଶୁପକ୍ଷୀ ମଧ୍ୟ ଦୁର୍ବଳ ହୁଅନ୍ତି, ଦୁଧ ଅଳ୍ପ ଦିଅନ୍ତି, ଶିଶୁମାନେ ଦୁର୍ବଳ ହୁଅନ୍ତି।

ପର୍ଜନ୍ୟ ଅର୍ଥ ଅନ୍ୟ ପ୍ରକାରେ ଜୀବନୀଶକ୍ତି ଅଟେ। ତାହା ବର୍ଷା ସହିତ ବରଷିପାରେ ଏବଂ ପ୍ରାଣବାୟୁରେ ମଧ୍ୟ ଦ୍ରବିତ ହୋଇ ରହିପାରେ। ବାୟୁରେ ପ୍ରାଣବାୟୁ ଯଦି କମ ଥାଏ ତେବେ ଶ୍ୱାସ ଗ୍ରହଣ ତ କରାଯାଇପାରେ କିନ୍ତୁ ଯେଉଁ ବିଶିଷ୍ଟତା ପାଇଁ ଲୋକେ ଜଳବାୟୁ ପରିବର୍ତ୍ତନ କରନ୍ତି ଏବଂ ସ୍ୱାସ୍ଥ୍ୟୋନ୍ନୋତି ପାଇଁ ଅନ୍ୟ ସ୍ଥାନକୁ ଯାଆନ୍ତି, ସେ ବିଶିଷ୍ଟତା ତହିଁରେ ନଥାଏ। ବନସ୍ପତିର ପ୍ରଖରତା ପ୍ରାଣବାନ ଜଳ ଉପରେ ନିର୍ଭରକରେ। ପ୍ରାଣୀର ଜୀବନ ପ୍ରାଣ ଉପରେ ନିର୍ଭର କରେ। ପ୍ରାଣ ଉପରେ ପରମାୟୁ ନିର୍ଭର କରେ।

ଏ ସମ୍ବନ୍ଧରେ ଶୀର୍ଷ ସ୍ଥାନୀୟ ବୈଜ୍ଞାନିକମାନେ ଅନୁସନ୍ଧାନ କରିଛନ୍ତି ଯେ - ସାଧାରଣତଃ ଲୋକେ ଆହାର ବିହାରକୁ ହିଁ ଦୀର୍ଘ ଜୀବନର କାରଣ ମନେ କରନ୍ତି। କିନ୍ତୁ ସେଥିରେ ଏହି ପ୍ରକାର ବିଶିଷ୍ଟତା ନଥାଏ। ଅନ୍ୱେଷଣରୁ ଜଣାପଡ଼ିଛି ଯେ ଯେଉଁଠି ବନସ୍ପତିରେ ପ୍ରାଣଶକ୍ତିର ବାହୁଲ୍ୟ ଥାଏ, ସେ ସ୍ଥାନର ପ୍ରାଣବାୟୁର ଆଧିକ୍ୟ ଯୋଗୁଁ ଏହି ପ୍ରାଣ ମିଳେ। ଖାଦ୍ୟ ପଦାର୍ଥ ଦେଖିବାକୁ ଅନ୍ୟ ସ୍ଥାନର ଖାଦ୍ୟ ପଦାର୍ଥ ସଦୃଶ ହେଲେ ମଧ୍ୟ ତହିଁରେ ପୁଷ୍ଟିକର ତତ୍ତ୍ୱର ମାତ୍ରା ଅଧିକ ଥାଏ ଏବଂ ଏହି ଶକ୍ତି ଜଳ ସହିତ ଆକାଶରୁ ବୃଷ୍ଟି ହୁଏ। ଯେଉଁ ସ୍ଥାନରେ ଅନ୍ନଜଳ ପ୍ରାଣବାୟୁ ଦୃଷ୍ଟିରୁ ଦୁର୍ବଳ ଥାଏ। ସେଠାକାର ନିବାସୀ ଅନାୟାସ ଦୁର୍ବଳ ଥାନ୍ତି। ସନ୍ତସନ୍ତିଆ ସ୍ଥାନର ଲୋକେ ଯୌବନ ଆସୁ ଆସୁ ବୃଦ୍ଧ ହୋଇଯାଆନ୍ତି। ମେଲେରିଆ, ଫାଇଲେରିଆ ରୋଗଗ୍ରସ୍ତ ହୁଅନ୍ତି ଏବଂ ଅକାଳ ମୃତ୍ୟୁ ବରଣ କରନ୍ତି। ବାସ୍ତବରେ ପ୍ରାଣ ରୂପରେ ଜୀବନୀ ଶକ୍ତି ସେ ସ୍ଥାନରେ କମ ବର୍ଷା ହୁଏ। ଏହି ଅଭାବ ଯଜ୍ଞ ବ୍ୟତୀତ ଅନ୍ୟ କୌଣସି ପ୍ରକାରେ ପୂରଣ ହେବା ସମ୍ଭବ ନୁହେଁ। ଯଜ୍ଞ ଅନ୍ତରୀକ୍ଷର ଉର୍ବରତା ବଢ଼ାଇବାର ଏକ ସାଧନ ଅଟେ। ଭୂମିରେ ଖତ ପକାଇଲେ ଫସଲ ଉତ୍ପାଦନ ଅଧିକ ହୁଏ। ଯଜ୍ଞର ବିଶିଷ୍ଟତା ହେଉଛି ଯେ ଏହାର ଶକ୍ତି ଅନ୍ତରୀକ୍ଷରେ ପ୍ରଚୁର ମାତ୍ରାରେ ପୋଷକ ତତ୍ତ୍ୱ ପରିପୂର୍ଣ୍ଣ କରିଦିଏ ଏବଂ ତାହା ହିଁ ପ୍ରାଣୀ, ମନୁଷ୍ୟ ବନସ୍ପତି ସମସ୍ତଙ୍କୁ ଏହି ପୋଷକ ତତ୍ତ୍ୱ ପ୍ରଦାନ କରେ। ଏହି ପୋଷଣ ହିଁ ପର୍ଜନ୍ୟ। ବର୍ଷାର ଯେଉଁ ଉଲ୍ଲେଖ ଅଛି ତାହାର ତାତ୍ପର୍ଯ୍ୟ ହେଉଛି ଯେ ଅଗ୍ନିହୋତ୍ର ଦ୍ୱାରା ଅନ୍ତରୀକ୍ଷରେ ବିଶେଷ କ୍ରିୟାଶୀଳତା ଉତ୍ପନ୍ନ ହୁଏ ଏବଂ ତାହା ସମସ୍ତ ପ୍ରାଣୀଙ୍କୁ ପୋଷଣ ପ୍ରଦାନ କରେ।


ପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭


## ଧନୁ ସଂକ୍ରାନ୍ତି



ବିକ୍ରମ କେଶରୀ ବିଶ୍ୱାଳ

''ଧନୁ ମାସ ହେଲା ହନୁ ନଚଳିଲା ପୌଷ ମାସର ଶୀତ ଦିନରେ ଧନୁ ସଂକ୍ରାନ୍ତିର ଅବସରରେ ଧନୁ ମୁଆଁର ଆଦର ଓଡ଼ିଆଙ୍କ ଘରେ ଘରେ ରହିଥାଏ। କେବଳ ଗୁଡ଼ିଆ ଘର ପ୍ରସ୍ତୁତ ଖଇ ଓ ଗୁଡ଼ର ଧନୁ ମୁଆଁ ନୁହେଁ ଆଜିକାଲି ଗୁଡ଼ ବା ଚିନି ପ୍ରସ୍ତୁତ ଧନୁ ମୁଆଁ ସମସ୍ତଙ୍କର ପସନ୍ଦ। ଧନୁ ସଂକ୍ରାନ୍ତିର ପବିତ୍ର ଅବସରରେ ଓଡ଼ିଆ ଚଳଣୀର ଘରେ ଘରେ ବେଶ ଆଦର ଥିବା ମୁଆଁର ଶ୍ରଦ୍ଧା ବେଶ୍ ନିଆରା। କୃଷିଭିତ୍ତିକ ଉତ୍କଳୀୟ ସଭ୍ୟତାରେ ପର୍ବପର୍ବାଣୀର ସ୍ଥାନ ସ୍ୱତନ୍ତ୍ର । ମାର୍ଗଶୀର ମାସରେ ଲକ୍ଷ୍ମୀପୂଜା ବା ମାଣବସା ଅବସରପରେ ପୌଷମାସର ଆରମ୍ଭରେ ଚାଷୀମାନେ ପରମ ଆନନ୍ଦରେ ମା'ଲକ୍ଷ୍ମୀ ଠାକୁରାଣୀଙ୍କୁ ଖଳାବାଡ଼ିରୁ ଆଦରକରି ଗୃହ ପ୍ରାଙ୍ଗଣକୁ ନେଇଥାନ୍ତି । ସଂଯୋଗ ବଶତଃ ଏହି ସମୟରେ ଆଖୁ ଅମଳ ମଧ୍ୟ ସରିଥାଏ । ତେଣୁ ସର୍କରାଯୁକ୍ତ ମିଶ୍ରିତ ପ୍ରସାଦରେ ତିଆରି ହୋଇଥିବା ମୁଆଁ ବା ଉଖୁଡ଼ା ଗୃହର ଆରାଧଦେବତା ଓ ଧନଲକ୍ଷ୍ମୀଙ୍କ ପାଖରେ ନୈବେଦ୍ୟ ଅର୍ପଣ କରାଯାଇଥାଏ । ଅମାବାସ୍ୟା ଓ ପୂର୍ଣ୍ଣମାକୁ ଧରି ଚନ୍ଦ୍ରଙ୍କ କଳାର କ୍ଷୟ ବୃଦ୍ଧି ସହିତ ଚାନ୍ଦ୍ରମାନ ଓ ସଂକ୍ରାନ୍ତି କଳାରେ ଓ ସୌରମାନ ମାସ ଆମର ପଞ୍ଜିକାରେ ଅନ୍ତର୍ଭୁକ୍ତ । ''ଧନୁ ମାସ ହେଲା ହନୁ ନଚଳିଲା କହିବାକୁ ବଡ଼ ଲାଜ, ମୁଁ ଆଁ କରିଅଛି, ମୁଆଁ ଖାଇବାକୁ ଆଜ୍ଞା ହେଉ ମହାରାଜ ।'' ଉତ୍କଳଘଣ୍ଟ ହାସ୍ୟରସିକ କବି ଯଦୁମଣିଙ୍କର ରାଜନଙ୍କୁ ଏ ଉକ୍ତି ସୂଚୀତ କରେ, ଧନୁ ବା ପୌଷ ମାସରେ ଧନୁ ମୁଆଁ ଖାଇବା ସତେ ଯେପରି ଏକ ବୈଧାନିକ ବ୍ୟବସ୍ଥା, ଏବଂ ତହିଁରେ ବ୍ୟତିକ୍ରମ ହେତୁ କବିଙ୍କର ଏ ଖେଦ ! ପୁଷ ମାସରେ ଧାନ ଅମଳ ପରେ 'ଉଖୁଡ଼ା' ବା 'ମୁଆଁ'ର ପ୍ରସ୍ତୁତି ଓଡ଼ିଶୀ ଚଳଣିର ଏକ ବିଶେଷତ୍ୱ ଧନୁ ସଂକ୍ରାନ୍ତୀର ପ୍ରସିଦ୍ଧ ମୁଆଁ ଭୋଗ ପାଇଁ ।

ସୂର୍ଯ୍ୟ ଧନୁ ରାଶିକୁ ଚଳିଲେ ଧନୁସଂକ୍ରାନ୍ତି ପାଳନ ହୁଏ। ଓଡ଼ିଆ ସଂସ୍କୃତିରେ ସଂକ୍ରାନ୍ତିର ବିଶେଷ ମହତ୍ତ୍ୱ ରହିଛି। କେତେକ ସଂକ୍ରାନ୍ତିର ଭୋଗ ଓ ପୂଜା ବିଧି ବି ସ୍ୱତନ୍ତ୍ର। ଏଇ ଯେମିତି ମକର ସଂକ୍ରାନ୍ତିରେ ମକରଚାଉଳ, ପଣା, ସଂକ୍ରାନ୍ତିରେ ପଣା, ଠିକ ସେମିତି ଧନୁ ସଂକ୍ରାନ୍ତିରେ ଦିଅଁଙ୍କ ପାଖରେ ମୁଆଁ ଭୋଗ ଅର୍ପଣ କରାଯାଏ। ଧନୁ ସଂକ୍ରାନ୍ତି ଦିନଠୁ ଶ୍ରୀଜଗନ୍ନାଥଙ୍କ ପହିଲି ଭୋଗ ଆରମ୍ଭ ହୋଇ ମକର ସଂକ୍ରାନ୍ତି ଯାଏ ଚାଲେ। ପୌଷ ମାସରେ ନୂଆ ଧାନ ଅମଳ ହୁଏ ଏବଂ ସେହି ଧାନରୁ ପ୍ରସ୍ତୁତ ଖଇରେ ଉଖୁଡ଼ା ଓ ମୁଆଁ ତିଆରି କରାଯାଇ ପ୍ରଥମେ ଆରାଧଙ୍କୁ ଅର୍ପଣ କରାଯିବାର ପରମ୍ପରା କାହିଁ କେତେ କାଳରୁ ଓଡ଼ିଶାରେ ପ୍ରଚଳିତ ହୋଇଛି। ଧନୁ ସଂକ୍ରାନ୍ତିରେ ପୂଜା ହେଲାପରେ ବିକ୍ରି ପାଇଁ ମୁଆଁ ବଜାରକୁ ଆସେ ଏବଂ ମକର ଓ କୁମ୍ଭ ସଂକ୍ରାନ୍ତି ଯାଏ ବଜାରରେ ମୁଆଁ ମିଳିଥାଏ। ମୁଆଁ ଓଡ଼ିଶାରେ ଅନ୍ୟତମ ପାରମ୍ପରିକ ମିଷ୍ଟାନ୍ନ ଭାବେ ପରିଗଣିତ।

ପାରମ୍ପରିକ ଢ଼ଙ୍ଗରେ ଖଇ । ଲିଆକୁ ଆଖୁଗୁଡ଼ରେ ପାଗକରି ମୁଆଁ ପ୍ରସ୍ତୁତ ହୋଇଥାଏ। ସାଧାରଣ ଭାବେ ଓଡ଼ିଶାର ଗୁଡ଼ିଆ ବର୍ଗର ଲୋକେ ମୁଆଁ ପ୍ରସ୍ତୁତ କରିଥାଆନ୍ତି। ପରମ୍ପରା ଅନୁଯାୟୀ ଆଗକାଳରେ ଗାଁ ମାନଙ୍କରେ ଗୁଡ଼ିଆଘରେ ମୁଆଁ ତିଆରି ହୋଇ ବେତାରେ ରଖାହୋଇ ମନ୍ଦିରକୁ ଆସିଥାଏ। ଏହାବାଦ ଗାଁର ପ୍ରତିଘରେ ପ୍ରଥମ ଭୋଗ ଲାଗି ପାଇଁ ପୁଞ୍ଜାଏ ଲେଖାଏଁ ମୁଆଁ ଗୁଡ଼ିଆ କି ଗୁଡ଼ିଆଣୀ ପହଞ୍ଚାଇବା ପରମ୍ପରା ବି ପ୍ରଚଳିତ ଥିଲା। ଆଉ ଏହାର ପାଉଣା ବାବଦକୁ ଧାନ, ଚାଉଳ କିମ୍ବା ବାଡ଼ିର ପନିପରିବା ନେବା ଧାରା ବି ମଫସଲରେ ଥିଲା। ଏବେ ଯଦିଓ ଏସବୁ ହଜିଗଲାଣି, ତଥାପି କେତେକ ଗାଁରେ ଆଜି ବି ଏହିଧାରା ଅଳ୍ପବହୁତେ ସାଙ୍କେତିକ ଭାବେ ବଞ୍ଚିଛି।

ଏହି କ୍ରମରେ ଧୁନସଂକ୍ରାନ୍ତି ଡିସେମ୍ବର ୧୫ ବା ୧୬ ତାରିଖରେ ପଡୁଥିବାରୁ ଏହା ସୂର୍ଯ୍ୟଙ୍କ ଦକ୍ଷିଣାୟନ ସମୟରେ ଅର୍ନ୍ତଭୁକ୍ତ । ଏହି ଦିବସଠାରୁ ପୁରୀ ଶ୍ରୀମନ୍ଦିରେ ଶ୍ରୀ ଜଗନ୍ନାଥଙ୍କ ପହିଲି ଭୋଗ ଆରମ୍ଭ ହୋଇ ଉତ୍ତରାୟଣ ସଂକ୍ରାନ୍ତି ଜାନୁୟାରୀ ୧୪ ତାରିଖରେ ବା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିଥାଏ । ସୂଚନାଯୋଗ୍ୟ ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କର କର୍କଟ ସଂକ୍ରାନ୍ତି ଜୁଲାଇରେ ଦକ୍ଷିଣାୟନ ବନ୍ଦପନା ଓ ମକର ସଂକ୍ରାନ୍ତି ଜାନୁୟାରୀରେ ଉତ୍ତରାୟଣ ବନ୍ଦାପନା ହୋଇଥାନ୍ତି । ଜ୍ୟୋର୍ତିବିତ୍‌ଙ୍କ ମତରେ ଧନୁ ସଂକ୍ରାନ୍ତିରୁ ଧନୁ ରାଶିର ଆର୍ବିଭାବ ସମ୍ପର୍କରେ କୁହାଯାଇଛି ପୌଷ ମାସର ଧନୁ ସଂକ୍ରାନ୍ତି ରାତ୍ରି ଘ୪/୨୨ ମିନିଟ୍ ସମୟେ ସଂକ୍ରମଣାତ୍ ପରଦିନ ବୁଧବାର ସୂର୍ଯ୍ୟୋଦୟ ଠାରୁ ଦିବାର୍ଦ୍ଧ ମଧ୍ୟେ ପୁଣ୍ୟକାଳ । କେବଳ ସେତିକି ନୁହେଁ, ପୌଷମାସର ଶୀତ ପ୍ରଭାତରେ ପ୍ରଭାତୀ ଧୂପ ଖେଚୁଡ଼ୀର ବ୍ୟବସ୍ଥା କେବଳ ଶ୍ରୀକ୍ଷେତ୍ରସ୍ଥ ଶ୍ରୀମନ୍ଦିର କାହିଁକି, କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ବଳଦେବଜୀଉ ଓ ଅନ୍ୟାନ୍ୟ ଦେବମନ୍ଦିର ତଥା ମଠବାଡ଼ିମାନଙ୍କରେ ଖଞ୍ଜା ଯାଇଛି । ଜଗନ୍ନାଥ ତ ଆମ ଓଡ଼ିଶୀ ସଂସ୍କୃତିର ପ୍ରତୀକ । ସେ ବଡ଼ ଭୋଗଲାଳସୀ । ପ୍ରସାଦର ଉପଭୋଗକୁ ଆମେ 'ଭୋଗ' କହିଥାଉଁ । ଏହି ଖାଦ୍ୟଦ୍ରବ୍ୟ ପ୍ରତି ଗୁରୁତ୍ୱ ଦେବା ମୂଳରେ ଉପନିଷଦର 'ଅନ୍ନ ହିଁ ବ୍ରହ୍ମ' ବାଣୀ ଯେ ଉଦ୍‌ଘୋଷିତ ଏଥିରେ ସନ୍ଦେହ ନାହିଁ । କାରଣ ଭାଗବତରେ ଉକ୍ତି ହେଉଛି - ''ଅନ୍ନ ବିହୁନେ ହଂସ ହାନି, ଯୋଗ ସାଧିବୁ କାହା ଘେନି ।'' ତେଣୁ ''ଅନ୍ନର ମୂଳେ ଏ ଜଗତ, ସର୍ବଦା ହୋଏ ଆତଯାତ'' ଉକ୍ତି ପ୍ରଣିଧାନ ଯୋଗ୍ୟ ଏବଂ ଏତଦ୍ଦୃଷ୍ଟେ ଧନୁମୁଆଁର ଗୁରୁତ୍ୱ ବର୍ଷକ ମଧ୍ୟରେ ଧନୁସଂକ୍ରାନ୍ତିକୁ ହିଁ ସ୍ମରଣୀୟ କରି ରଖିଅଛି । କେବଳ ଧନୁ ସଂକ୍ରାନ୍ତି ଅବସରରେ ଯାହା ଲୋକ ରୀତିନୀତିର ପ୍ରଚଳିତ ଧନୁ ମୁଆଁ ସ୍ୱତନ୍ତ୍ର ରହିଥିଲେ ବି ମୁଆଁକୁ ପସନ୍ଦ କରୁନଥିବା ପିଲା ଠାରୁ ବୁଢ଼ାଙ୍କ ସଂଖ୍ୟା ଖୁବ୍ କ୍ୱଚିତ୍ ଥିବେ। ମୁଆଁ ତିଆରିରେ ନଡ଼ିଆ ସହ ଜୁଆଣୀ ରହୁଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅତ୍ୟନ୍ତ ଉପଯୋଗୀ।

ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ପାଖରେ କାର୍ତ୍ତିକ ମାସରେ ବେଣ୍ଟ ମୁଆଁ ଭୋଗ ଲାଗି କରାଯାଏ। ଶ୍ରୀଲିଙ୍ଗରାଜ ମନ୍ଦିରରେ ଧନୁ ସଂକ୍ରାନ୍ତି ଠାରୁ ଆରମ୍ଭ କରି ମକର ସଂକ୍ରାନ୍ତି ଯାଏ ପୁରା ମାସକ ଯାକ ଠାକୁରଙ୍କୁ ମୁଆଁ ଭୋଗ ଲାଗି କରାଯାଏ। କେନ୍ଦ୍ରାପଡ଼ାର ଶ୍ରୀବଳଦେବ ଜୀଉଙ୍କ ପାଖରେ ମଧ୍ୟ କାର୍ତ୍ତିକ ପୂର୍ଣ୍ଣିମାରେ ମୁଆଁ ଭୋଗ ପରମ୍ପରା ରହିଛି ଲୋକମାନଙ୍କର। ଗ୍ରାହକଙ୍କୁ ଆକର୍ଷିତ କରିବା ଲାଗି ଏବେ ବିଭିନ୍ନ ଆକୃତିର ମୁଆଁ ପ୍ରସ୍ତୁତ କରାଯାଉଛି। ଆଜିକାଲି ବଜାରରେ ଚାନ୍ଦମୁଆଁ, ଚାରିକୋଣିଆ ମୁଆଁ, ହାର୍ଟମୁଆଁ, ଡାଇମଣ୍ଡ ମୁଆଁ, ଚେପଟାମୁଆଁ ଇତ୍ୟାଦି ଉପଲବ୍ଧ ହେଉଛି। ଧନୀ ହେଉ ବା ଗରିବ ମଫସଲ ହେଉ ବା ସହର, ମଠ ମନ୍ଦିର ସବୁଠି ଧନୁ ସଂକ୍ରାନ୍ତିର ଅପୂର୍ବ ମହନୀୟତା ମୁଆଁ ସହିତ ସମ୍ପର୍କିତ ହୋଇଥାଏ। ଆଜିର ପାଶ୍ଚାତ୍ୟ ବିପଣୀର ପସରା ବା ଚାଇନା ବଜାରର ଇନ୍ଦ୍ରଜାଲର ଭେଳିକି ସଉଦା ଭିତରେ ଧନୁ ମୁଆଁ କିନ୍ତୁ ହଜି ଯାଉନାହିଁ। ଧନୁ ସଂକ୍ରାନ୍ତିର ପବିତ୍ର ଅବସର ଆମ ପ୍ରିୟ ଓଡ଼ିଆ ଘରର ପାଟି ସୁଆଦ ମୁଆଁଟିକୁ ଯେ ନ ହଜାଇ ବରଂ ଆମ ପୂର୍ବସୁରୀଙ୍କ ହାତ ପ୍ରସ୍ତୁତି ସହ ସେମାନଙ୍କ ଅପୂର୍ବ ଖାଦ୍ୟ ପ୍ରସ୍ତୁତିର ପରିପାଟିକୁ ଯେ ଉଜ୍ଜୀବିତ କରୁଛି ଏହା ବେଶ୍ ଆନନ୍ଦର କଥା।


ଯାଜପୁର ରୋଡ଼, ଯାଜପୁର,
ଦୂରଭାଷ : ୯୯୩୮୫୩୬୦୭୬


## ଖୁସିର ଅନ୍ତରାୟ ଅତ୍ୟଧିକ କାମନା



ବିଜୟଲକ୍ଷ୍ମୀ ଶତପଥୀ

ପ୍ରତ୍ୟେକ ବ୍ୟକ୍ତି ଜୀବନରେ ଖୁସି ଚାହେଁ। କିନ୍ତୁ ଖୁସି କେଉଁଠି ? ଖୁସିର ସନ୍ଧାନରେ ସେ ବାହାର ଦୁନିଆରେ ଘୁରି ବୁଲେ। ଗୋଟିଏ ପରେ ଗୋଟିଏ କାମନା ପୂରଣ ଦିଗରେ ଅଗ୍ରସର ହୋଇ ଅସରନ୍ତି କାମନାର ମାୟା ଜାଲରେ ଛନ୍ଦି ହୋଇଯାଏ। ସନ୍ତୋଷ ମନୁଷ୍ୟ ଏକ ଦୁର୍ଲ୍ଲଭ ଗୁଣ। ଏହା ଅନେକ ସାମର୍ଥ୍ୟ ଓ ସମ୍ଭାବନାର ସୂଚକ। ଆଜିର ପାର୍ଥିବ ଦୁନିଆରେ କେହି ଜଣେ ମଧ୍ୟ ସନ୍ତୋଷ ଜୀବନଯାପନ କରୁଥିବା ଜଣାଯାଏ ନାହିଁ। ଆମର ପ୍ରାପ୍ତି ଯେତେ ଅଧିକ, ଆସକ୍ତି ଓ ଲାଳସା ସେତେ ଅଧିକ। ଏହା ଜୀବନର ଅପ୍ରିୟ ଓ କଠୋର ବାସ୍ତବତା ଯେ ଆମେ ଯେତେ ଅଧିକ ପାର୍ଥିବ ସମ୍ପତ୍ତି ଅର୍ଜନ କଲେ ମଧ୍ୟ ତାହା ଆମକୁ ଖୁସି ପ୍ରଦାନ କରି ନଥାଏ। ଏଭଳି ଯଦି ହେଉଥାନ୍ତା, ପୃଥିବୀର ଧନୀ ରାଷ୍ଟ୍ର ମାନଙ୍କର ନାଗରିକମାନେ ସବୁଠୁ ଖୁସିରେ ଥିବା ବ୍ୟକ୍ତି ରୂପେ ବିବେଚିତ ହୁଅନ୍ତେ। କିନ୍ତୁ ସେ ଭଳି ହୁଏନି। ଓଲଟା ଏହାର ବିପରୀତ ଦେଖିବାକୁ ମିଳେ। ଅଜସ୍ର ଧନ ସମ୍ପତ୍ତିର ଅଧିକାରୀ ହୋଇ ସୁଖ ସ୍ୱାଚ୍ଛନ୍ଦ୍ୟ ମଧ୍ୟରେ ଥାଇ ମଧ୍ୟ ଅସ୍ଥିରତା, ଅଶାନ୍ତି ଓ ଅବସାଦରେ ଭରା ଜୀବନ ସେମାନେ ଅତିବାହିତ କରନ୍ତି ଏବଂ ପ୍ରାୟତଃ ମାନସିକ ଚାପ ମଧ୍ୟରେ ରହିଥାନ୍ତି। କାମନା ଜ୍ୱଳନ୍ତ ଅଗ୍ନି ଭଳି। ଏହା ମନୁଷ୍ୟ ପକ୍ଷେ ଅବଦମିତ ମନେହୁଏ। ଦୁନିଆରେ ଯାହାକୁ ବି ଆମେ ପଚାରିବା ସେ ଖୁସି କି ? ଉତ୍ତର ନଷ୍ଟୟ ନାଁରେ ଆସିବ। ମନୁଷ୍ୟ ଜନ୍ମରୁ ହିଁ ଖୁସିର ଅନ୍ୱେଷଣରେ ଲାଗିଛି। ବାହ୍ୟ ଜଗତର ବସ୍ତୁବାଦୀ ଦୁନିଆ ମଧ୍ୟରେ ଖୁସିକୁ ଖୋଜି ଚାଲିଛି। ହେଲେ ନିରାଶ ହେଉଛି।

ଅଥଚ ନିରାଶା ଭାବଯୁକ୍ତ ଅନୁଭବ ସତ୍ତ୍ୱେ ତାକୁ ଆହୁରି ହୃଦବୋଧ କରିବାକୁ ଅଛି ଯେ ପ୍ରକୃତ ଖୁସି ତ ଭଗବାନଙ୍କ ସହ ସଂଯୋଗ ସ୍ଥାପନରେ ହିଁ ମିଳିଥାଏ। କାମନା କମ ହେଲେ ସନ୍ତୁଷ୍ଟି ମିଳିଥାଏ। ଅତ୍ୟଧିକ କାମନା ଆମ ସନ୍ତୋଷରେ ବ୍ୟାଘାତ ସୃଷ୍ଟି କରେ। ଦିନ ସାରାର ଅକ୍ଲାନ୍ତ ପରିଶ୍ରମ ପରେ ଜଣେ ଦିନ ମଜୁରିଆ କେତେ ଶାନ୍ତିରେ ଶୋଇପଡ଼େ। ଅପରପକ୍ଷେ ନିଜର ଅବଦମିତ ତୃଷ୍ଣା ବା କାମନା ପାଇଁ ଜଣେ କୋଟିପତି ସାମାନ୍ୟ ପଲକ ଝପକାଇବା ପାଇଁ ମଧ୍ୟ ନିଦ ବଟିକାର ଆଶ୍ରୟ ନିଏ।

ଗୋଟିଏ କାମନା ପୂରଣ ହେଲେ ତାହା ଆଉ ଏକ ନୂଆ କାମନାକୁ ଜନ୍ମ ଦିଏ। କାମନା ପୂରଣ ନ ହେଲେ ତାହା ଅସନ୍ତୋଷର କାରଣ ହୁଏ। ତେଣୁ ପ୍ରତି କ୍ଷେତ୍ରରେ କାମନା ଆମର ହାନୀ ହିଁ କରିଥାଏ। ଅପରପକ୍ଷର ସନ୍ତୁଷ୍ଟି ଆମକୁ ଶୁଦ୍ଧ ନିର୍ମଳ ଖୁସି ପ୍ରଦାନ କରେ ଏବଂ ଆମକୁ ସୁସ୍ଥ ଓ ସୁଖୀ ରଖେ। ତେବେ କାମନାର ବିନାଶ ସିନା ଆମେ କରିପାରିବା ନାହିଁ, ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ କହିବା ଅନୁସାରେ କାମନାର ସିମାଙ୍କନର ଅଭ୍ୟାସ କରିପାରିବା। ଅର୍ଥ, ସମୟ, ଶକ୍ତି ଓ ଖାଦ୍ୟର ସଦୁପଯୋଗ ଆମ ଜୀବନକୁ ଏକ ସଠିକ ଦିଶାରେ ନେଇଯିବ ଏବଂ ଖୁସି ରହିବ ଆମ ହାତ ପାହାନ୍ତାରେ।


+ଖରିଆର ରୋଡ଼, ନୂଆପଡ଼ା


### କବିତା କୋଣାର୍କ

### ଧନୁ ସଂକ୍ରାନ୍ତି !

ଅଜିତ କୁମାର ରାଉତ

ପ୍ରଥମ ଦିନ ପୌଷ ମାସର
ନାମ ଧନୁ ସଂକ୍ରାନ୍ତି ,
ନାମ କୀର୍ତ୍ତନ ସ୍ଥଗିତ ରୁହେ ,
ଜଗନ୍ନାଥ ସଂସ୍କୃତି !
ପହଲୀ ଭୋଗ ଜଗା ଠାକୁର
ସଂକ୍ରାନ୍ତି ର ମହତ୍ତ୍ୱ ,
କାଳିଆଙ୍କର ଏ ଅଭିଷେକ
କୁସୁମେ ସୁଶୋଭିତ !
ପଞ୍ଜିକା ଲିଖନ ହୁଏ ଆରମ୍ଭ
ଧନୁ ସଂକ୍ରାନ୍ତି ଠାରୁ ,
ଶୁଭ ଏ ଦିନ ସଙ୍କରାନ୍ତିର
ଜଗା ପୂଜନ କରୁ !
ଅର୍ପଣ କରି ନୈବେଦ୍ୟ ତାଙ୍କୁ
ଉଖୁଡା ଆଉ ମୁହାଁ,
ଏହି ସଂକ୍ରାନ୍ତି ପବିତ୍ର ଦିନ
ଧନୁ ଯାହାର ନାଆଁ !
ମକର ଯାଏ ପାଳିତ ଏହା
ଧନୁ ସଂକ୍ରାନ୍ତି ପରା ,
ଉତ୍ତରାୟଣେ ଜୀବ ଛାଡ଼ିଲେ
ମୃତ ମୁକତି ସାରା ,
ଅନୁଷ୍ଠିତ ହେ ପୁଷ୍ୟାଭିଷେକ
କାଳିଆ ର କାହାଣୀ ,
ଜଗତ ନାଥ ସେ ଜଗନ୍ନାଥ
ସଂକ୍ରାନ୍ତି ବିବରଣୀ !


ଗ୍ରାମ-କଳାବାଡିଆ, ପୋ-ରାଜନଗର, ଜିଲ୍ଲା-ଷଢ଼େଇକଳା-ଖରସୁଆଁ, ଝାଡ଼ଖଣ୍ଡ ରାଜ୍ୟ
ମୋ:୬୨୦୫୩୪୩୫୬୯, ୯୯୩୪୧୮୭୫୮୨


### ସୁନା କ୍ଷେତ

ମନୋଜ କୁମାର ମେହେର

ଧରଣୀରୁ ସବୁଜିମା ହଟିଗଲା ପରେ
ଚାରିଆଡ଼େ ସୁନେଲି ରଙ୍ଗରେ
ଆଚ୍ଛାଦିତ ସୁନା କ୍ଷେତ,
ମାଟି ମାଆର ସନ୍ତାନ,
କେତେ କଷ୍ଟ ନ କରିଛି
ଏଇ ସୁନା ଫସଲ ପାଇଁ।
ଖରା ବର୍ଷା ଶୀତ କାକରରେ ଖଟିଛି
ହଡା ବଳଦ ଭଳି।
ମୁଣ୍ଡ ଝାଳକୁ ତା ଚିରା କନାରେ ପୋଛି
ଖଟି ଚାଲିଛି, କେବଳ ଏଇ
ସୁନା କ୍ଷେତ ପାଇଁ।
ଯାକୁ ନେଇ ଦେଖିଛି, ସ୍ୱପ୍ନ,
ସୁନା କ୍ଷେତରେ ସୁନା ଫଳାଇବ,
ବିକ୍ରିକରି ଝିଅ ବାହାଘର କରିବ,
ତା ସହିତ ପୁଅର ପାଠ ପଢା ବି।
ସତରେ, ଏ ସୁନେଲି କ୍ଷେତ ବି
ବେଳେ ବେଳେ ଅନେକ
ସପନ ଦେଖାଏ।
କେବେ ସତ ହୁଏ ତ କେବେ
ମରୀଚିକା ପାଲଟିଯାଏ।


ବାଣ୍ଡିବସ୍ତୁଲ, ଜୁନାଗଡ଼
କଳାହାଣ୍ଡି
ମୋ-୯୩୩୭୭୯୩୧୫୭

## ଶାନ୍ତିର ଠିକଣା

### ସୁହଂସ ଭୋଇ



କିଏ ଅଛ ଭାଇ ଦେବ କି ସୂଚେଇ
ଶାନ୍ତିର ଠିକଣା ଗୋଟି
ଅଛି କି ନ ଅଛି ରହିଛି କେଉଁଠି
କୁହ ତାର ଅବସ୍ଥିତି

ଗରିବ ଖୋଜୁଛି ଧନୀ ବି ଖୋଜୁଛି
ପାଇବାକୁ ଦିନ ରାତି
ଖୋଜି ଖୋଜି ଥୋକେ ଥକି ପଡ଼ିଲେଣି
ବୟସ ଯାଉଛି ବିତି

କିଏ କହେ ମନ ଭିତରେ ତା' ଘର
ଅଥବା ଅମରାବତୀ
କିଏ ଅଛ ଭାଇ ଦେବ କି ସୂଚେଇ
ଶାନ୍ତିର ଠିକଣା ଗୋଟି

ଗରିବ ବୁପୁଡା ଧାଏଁ ନିତିନିତି

ପେଟ ପାଇଁ ହାଣେ ମାଟି
କୋଠା ଜମିବାଡି ବଢିବ କେମିତି
ଧନୀ ଚାହେଁ ଯଶ ଖ୍ୟାତି

ଅଳ୍ପ କିଛି ଶାନ୍ତି ମିଳିବଟି ଯଦି
ବାସନାର ହେଲେ ଇତି
କିଏ ଅଛ ଭାଇ ଦେବ କି ସୂଚେଇ
ଶାନ୍ତିର ଠିକଣା ଗୋଟି


♥ପହଣ୍ଡି, ବିଜେପୁର, ବରଗଡ଼
ମୋ: ୯୪୩୭୫୨୨୪୫୫


## ପ୍ରେମ ସୌଦାଗର

### ପ୍ରଶାନ୍ତ କୁମାର ଦାଶ



ବହୁତ ପାଇଛି ପାଇ ହରେଇଛି
ତୁମକୁ ପାଇ ମୁଁ ଭଲ
ହୃଦୟ ଭିତରୁ ମଉଳି ଗଲାଣି
ପ୍ରୀତି ସଜଫୁଟା ଫୁଲ ।।

ଯାହା ଥିଲା ଆମ ମିଳନ କାହାଣୀ
ସବୁତ ଅଭୁଲା ସ୍ମୃତି
ବୁଲି ବୁଲି ମୁଁ ଯେ ଅମଡ଼ା ବାଟରେ
ଗାଉଚି ପ୍ରେମର ଗୀତି ।।

କିଣି ନେଇଥିଲ ମୋ ମନ ହୃଦୟ
ନିରୁତା ଗ୍ରାହକ ସାଜି
ମତେ ଠକିଦେଇ ଲୁହ କୋହ ଦେଇ
ଯାଇଛ ଦୂରକୁ ଆଜି ।।

କିଣୁଛି ସପନ ମନ ଛନ ଛନ
ପ୍ରିୟା ଗୋ ତୁମରି ପାଇଁ
ଦେଖୁଛି ତୁମର ମନ ମରମରେ
ମୋଲାଗି ଦରଦ ନାହିଁ ।।

ଏବେ ମୁଁ ତୁମର ପ୍ରେମସୌଦାଗର
ଅମଳ କରୁଛି ଖୁସୀ
ଦେଖୁଚି ସପନେ ହସରୁ ମାଣିକ
ମୁକୁତା ପଡୁଛି ଖସି ।।

କହିଥିଲ ବୋଲି ତୁମ ମନ ଖୋଲି
ରଖିଚି ରଜନୀଗନ୍ଧା
ଆସିଲେ ସଜନୀ ଗୋଲାପରେ ତୁମ
କବରୀ ହୋଇବ ବନ୍ଧା ।।

ଚିରିଦେଲା ଭଳି ଛାତିରୁ କଲିଜା
ଚୁମାଟିଏ ଗାଲେ ଦେବ
ଭାଙ୍ଗିଯାଇଥିବା ପ୍ରେମର ସଉଧ
ନୂଆକରି ଗଢା ହେବ ।।


♥କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦


## ନିଃଶବ୍ଦ ଧ୍ୱନ

### ସ୍ମିତା. ଜି. ମହାପାତ୍ର



ତମସାଛନ୍ନ ରାତ୍ରିରେ ନିଃଶବ୍ଦ ଧ୍ୱନକୁ
କେହି ଶୁଣୁ ବା ନା ଶୁଣୁ ମୁଁ କିନ୍ତୁ ଶୁଣି ପାରେ..
ଏଣୁ ସେ ଟିକ ଟିକ ଶବ୍ଦକୁ
କହେ ରହି ଯା କ୍ଷଣେ
କଣ କେବେ ମାନେ ମୋ କଥା ?
ନା ବୁଝେ ମୋ ଅନ୍ତର ବ୍ୟଥା ?
ଅନାୟାସ ରେ ଏମିତି ବିକଟାଳ
ଶବ୍ଦ କରି ଧାଉଁଛି
ମୁଁ ତା ସହ ତାଳ ଦେଇ ପାରୁନି.
ସେ ଯେତେ ଆଗକୁ ଚାଲୁଛି ମୁଁ ସେତେ ପଛକୁ
ଫେରୁଛି
ଏକାନ୍ତରେ ମନେ ପଡନ୍ତି ଅନେକ,
କିନ୍ତୁ ସମସ୍ତେ ଏକାପରି ନୁହନ୍ତି
କିଏ ମନେ ପଡେ ଖୁସିର ମୁହୂର୍ତ୍ତ ରେ..
କିଏ ମନେ ପଡେ ଅତୀତ ର ସଫେଦ
କାଗଜରେ
କିଏ ମନେ ପଡେ ହିସାବ କିତାବରେ
ବିରଳ ମନେ ପଡନ୍ତି ଖାସ ମୁହୂର୍ତ୍ତ ରେ...
କାହିଁକି ନା ମୋ ଦୁର୍ଦ୍ଦିନରେ
ମୁଁ ଆପଣାର ମଣୁଥିବା
ଲୋକ ମାନେ ଜଣେ ପରେ ଜଣେ ହାତ ଛାଡି
ଚାଲି ଯାଉଥିଲେ..
ଆଉ ମୁଁ ନିଃସହାୟ ହୋଇ ବିଶାଳ ଆକାଶରେ
ତାରା ଭିତରେ
ନିଜକୁ ଖୋଜୁଥିବା. ସମୟରେ ସେଇ ବିରଳ
ସାଥୀଙ୍କ ହାତର ସ୍ପର୍ଶ ମୁଁ
ଅନୁଭବକରି ପାରୁଥିଲି..
ବ୍ୟସ୍ତ ବହୁଳ ଜୀବନ ପରିଧିରେ
ତାଙ୍କ ନିଃଶବ୍ଦ ଧ୍ୱନ
ମୋ ମନକୁ ଝଙ୍କୃତ କରେ..
ମୁଁ ଚାହେଁ ବା ନ ଚାହେଁ
ସେମାନେ ନିତି ପ୍ରତିବିମ୍ବିତ
ହୁଅନ୍ତି ମୋ ମନ ଅଗଣାର ଶିଶିର ରେ...
ସେତିକି ବେଳେ ମୁଁ ଶୁଣି ପାରେ ତାଙ୍କ
ପଦ ଧ୍ୱନିର ନିଶବ୍ଦଧ୍ୱନକୁ...


♥ବାରିପଦା


## ନିଜ ସାଥେ

### ଲତିକା ମହାପାତ୍ର

ବଂଚିବାକୁ ହେଲେ ମରିବା ଜରୁରୀ
ତିଳ ତିଳ
ଆଘାତର ଲମ୍ବା ପଟୁଆର ବହି
ସହନଶକ୍ତିର ପରୀକ୍ଷା ଦେଇ
ନିଜ ସହ ଚୁକ୍ତିପତ୍ର ଲେଖି
ସନ୍ଧି କରି ସମୟର ସନ୍ତ୍ରାସ ସହ

ଏଠି କାହାକୁ ବୁଝେଇବା ଜରୁରୀ ନୁହେଁ
ପାରୁଚ ତ ନିଜକୁ ବୁଝାଅ
ଅଭ୍ୟାସ କର
ଏଇ ମନ୍ତ୍ର ଅନୁଭବ ଓ ଉଚ୍ଚାରଣ କର

ସଂସାର ବାଧ କରେ
କରିବାକୁ ସାଲିସ
ନିଶ୍ୱାସ ଚାଲୁଥିଲା ବେଳେ
କେତେ ଥର ବଂଦହୁଏ
କାଇଁକି ଗଣୁଚ ?

ଗୋଟାଏ ଆବୁଡ଼ା ଖାବୁଡ଼ା ରାସ୍ତାରେ
ଯାତ୍ରା ଜାରି ରଖ ବାଟୋଇ
ଆଲୁଅ ଦିଶୁଚି
ଦିଶିଲାଣି ଛିଟା ଆଲୁଅର..


♥ ତାଳଚେର




## ଗଣତନ୍ତ୍ରର ହତ୍ୟା

### ସୁଚରିତା ମହାନ୍ତି



ଭକୁଆ ଜନତା କିଛି ବୁଝେ ନାହିଁ
ମିଛେ କରେ ହୋ ହାଲ୍ଲା
ନିର୍ବାଚନ ବେଳେ ନେତାମାନେ ଆସି
କରୁଥା'ନ୍ତି କେତେ ଗେହ୍ଲା ।

ମିଛ ପ୍ରତିଶ୍ରୁତି ଦେବା ନେବାରେ
ଅଡୁଆ ଛିଣ୍ଡଇ ଯେତେ
ଗଧ ପାଦ ଧରି ମୁଣ୍ଡିଆ ମାରନ୍ତି
ନେତାଏ କାହିଁରେ କେତେ ।

ବିକାଶ ଆଲୁଅ ଦେଖେଇ ଦେଖେଇ
ଜନତାଙ୍କୁ ବଶ କରି
ଭୋଟ ସରିଲେ ଆଉ କେ ଅବା
ନେତାଙ୍କୁ ପାରଇ ଧରି ।

ମାଗଣା ଖିଆଙ୍କୁ ଫରକ ପଡ଼େନି
ଯାହାର ଫାଟୁଛି ଫାଟୁ
ଦିନକୁ ଦିନ ନୂଆ ଯୋଜନା ଯେତେ
ଯାହାକୁ କାଟୁଛି କାଟୁ ।

ଭକୁଆ ଜନତା ନେତାଙ୍କୁ ମାନନ୍ତି
ସତେକି ମନ୍ଦିର ଦିଅଁ
ମାଛ ତେଲରେ ମାଛ ଭାଜିବାର
ନେତାଏ ଜାଣନ୍ତି ଖିଅ ।

ନେଡ଼ିଗୁଡ଼ କହୁଣିକୁ ବହିଗଲେ
ଜନତା ଛାଡ଼ନ୍ତି ରଡ଼ି
ନାକରେ ଆଙ୍ଗୁଠି ଗେଞ୍ଜି ନେତା ହସେ
ମାରେ କେତେ ବାହାଦୁରୀ ।

ଗଣତନ୍ତ୍ରର ହତ୍ୟା କରି
ନେତାଏ ବସନ୍ତି ରାଜଗାଦିରେ
ଭକୁଆ ଜନତା ଭକୁଆ ହେଇ ରହେ
ନାଗରିକ ହେବା ଲୋଭରେ ।

ଭୋଟ ବର୍ଜନ ଥରେ କରି ଦେଖ
ସୁଧୁରିବେ ଯେତେ ନେତା
ସ୍ୱାଭିମାନ ପାଇଁ ବିପ୍ଳବ କର
ଉଚ୍ଚକର ନିଜ ମଥା ।

ଭୋକିଲା ପେଟରେ ଗୋଇଠା ମାରି
କିଏ କ'ଣ ନେତା ହୁଏ
ଜନତା ଜନାର୍ଦ୍ଦନ ଏକଥା ଯଦି
ନେତା ପାଶୋରି ଯାଏ

କଥାକଥାକେ ଫୁଟାଣି ମାରି
ଫୁଟେଇ ଦିଅନ୍ତି ବୋମା
ବିରୋଧୀ ଦଳ ନଥାନ୍ତି କେହି
ତାଙ୍କର ନଥାଏ ପୂର୍ଣ୍ଣଚ୍ଛେଦ କି କମା

ତାଙ୍କ ଭିତରେ ଚାଲେ ସଲାସୂତର
ଲୋକଙ୍କୁ ଯାହା ବୁଲାନ୍ତି ଭୁଆଁ
ରାଜନୀତି ମାୟା ବୁଝି ନପାରି
ପୁଣି ଜନତା ସାଜେ ଭକୁଆ ।

ସେବା ମନୋଭାବ ସେବକର ଥିଲେ
ସେ କ'ଣ ଅର୍ଥ-ବ୍ୟବସାୟ କରେ
ଭୋଟ ପାଇ ନିର୍ବାଚିତ ହୋଇ
ଶେଷେ ଭୋଟରଙ୍କୁ ମାରୁଥାଏ ।


♥ବାରିପଦା,ମୟୂରଭଞ୍ଜ
ମୋ: ୮୯୧୭୫୭୧୨୦୨


## ଶୀତ

### ଦିନେଶ ମେହେର



ଅନବରତ କୁହୁଡ଼ି ଘେରରେ
ବର୍ତ୍ତମାନ ମହୁଲପାଟଣା,
ସବୁଆଡ଼େ କେବଳ
ଧୂମସିଆ ଧୂମସିଆ ସଫେଦ୍
କାନ୍ଥ ଠିଆ ହେଲାଭଳି,
ବାଟ, ଘାଟ କିଛି ଦିଶେନି...!

ଘାଟି ଉପରକୁ ଉଠୁଉଠୁ
ଗାଡ଼ିର ବ୍ଲିଙ୍କ ଲାଇଟ୍ ଜଳେଇ
ଉଠିବାକୁ ହୁଏ,
ପରେ ପରେ ଇନ୍ଦ୍ରାବତୀ ମୁହାଣରେ ପହଞ୍ଚି
ଦେଖି ହୁଏ ଶୀତର ବାସ୍ତବ ଚିତ୍ର;

ଆଖି ସାମ୍ନାରେ ଶୀତ କରୁଛି ତାଣ୍ଡବ,
ଥରେଇ ଦିଏ ଦେହରୁ ହୃଦୟ,
ମହୁଲ ଗଛରୁ ଥିପୁଥାଏ କାକର,
ଏ କାକର ମହୁଲ ସ୍ପର୍ଶ ପାଇ
ମତୁଆଲା କରିଦିଏ,
ମୋ ଭଳି ଗୋଟେ ନିଶାଖୋର୍ ଯୁବକ
ମାତାଲ୍ ହେଇ ପଡ଼ି ରହେ
ଘାଟିର ଉପର ମୁଣ୍ଡରେ,

ହଠାତ୍,
ନଜର ପଡ଼େ
ବଳିଆ ରଣାର ସୋରିଷ କ୍ଷେତ ଉପରକୁ,
ହଳଦୀରଙ୍ଗର ସୋରିଷ ଫୁଲ ସବୁ
ସତେ କି କଳାହାଣ୍ଡିର ମୁକୁଟ
ସାଜି ଠିଆ ହେଇଛନ୍ତି,
ଇଶାରାରେ କଥା କହୁଛନ୍ତି
ଡଙ୍ଗର, ପର୍ବତ, ନଦୀ, ଝରଣା ସବୁ।
ସେଇଠି ମୁଁ ହଜେ,
ହଜେ ମୋର କବିପଣିଆ
କବିତା ଲେଖିବା ଆରମ୍ଭ କରେ
ଶବ୍ଦ ଖୋଜେ, ବାକ୍ୟ ତିଆରେ
ତଥାପି ଅସମ୍ପୂର୍ଣ୍ଣ କବିତାଟିଏ ହେଇ
ବାରମ୍ବାର ଥମି ଯାଏ
ହାତଗଢ଼ା ଶବ୍ଦ ସବୁ...!

କେଜାଣି,
ଶୀତ ଆସିଲେ ଏଇ ଶବ୍ଦ ମାନେ
କାହିଁକି ଅନଶନରେ ବସି ଯାଆନ୍ତି ?
ଯେତେ ଚେଷ୍ଟା କଲେ ବି ଯୋଡ଼ି ହୁଏ ନାହିଁ
ସେମାନଙ୍କୁ,
ଗଢ଼ି ହୁଏନାହିଁ ଶବ୍ଦର କୋଣାର୍କ...!

ଇଛା ଥିଲା,
ସେମାନଙ୍କୁ ଯଦି ଯୋଡ଼ିଯାଡ଼ି ଲେଖିଥାନ୍ତି
ତାହେଲେ ବଦଳି ଯାଇଥାନ୍ତା
ପାହାଡ଼ର ସଂଜ୍ଞା....!


♥ଜୁନାଗଡ଼, କଳାହାଣ୍ଡି
ମୋ - ୮୦୧୮୮୨୮୪୫୬


## ହୃଦୟକୁ ମୋର ଚୋରେଇ ନେଇଛି

### ହରିଶ୍ଚନ୍ଦ୍ର ବେହେରା



ହୃଦୟକୁ ମୋର ଚୋରେଇ ନେଇଛି
କେଉଁ ମାୟାବିନୀ କହ
ନିଃସଙ୍ଗ ଜୀବନେ ଆଉକି ଆସିବ
ସେଦିନର ଗହ ଗହ । ୦ ।

ତୁମରି ଗାଁ ର ଜହ୍ନ ରାତିଟିଏ
କରୁଥିଲା ପୁଲକିତ
ଆମ ଗାଁ ନଈ ସେ ରାତିକୁ ନେଇ
ଗାଉଥିଲା କେତେ ଗୀତ
ମୋ ମନ ଚାତକୀ ଜୋଛନା ପିଆସୀ
ଚାହିଁ ଥିଲା ଅହ ରହ । ୧ ।

ସେ ଦିନର ସୁଖ କିଏ ଲୁଟି ନେଲା
ଏବେତ ବିଷାଦ ଋତୁ
ଟିକିରାବି ଅଛି ଝିପି ମେଘ ଅଛି
ଫୁଟୁନିତ ବାଲି ଛତୁ
କେଉଁଠି ହଜିଲା କୋଇଲିର କୁହୁ
ସବୁଠି ନିଦାଘ ଦାହ । ୨ ।

ଆକାଶବି ଅଛି ମେଘ ଋତୁ ଅଛି
କାହିଁ ଗଲା ଇନ୍ଦ୍ରଧନୁ
ଆକ୍ରୁର ରଥରେ ଗଲା ମଥୁରାକୁ
ଫେରିଲାନି କଳା କାହ୍ନୁ
ପଳାସ ସୁନ୍ଦରୀ କି ଆନନ୍ଦ ଦେଖ
ହସୁଅଛି ଟହ ଟହ । ୩ ।


♥କଲ୍ୟାଣ ନଗର, ବାଲେଶ୍ୱର -୧
ମୋ: ୯୪୩୭୮୧୩୭୦୮


## ପ୍ରେମାଞ୍ଜଳି

### ସୁଜିତ୍ କୁମାର ମିଶ୍ର





ଅନନ୍ୟ ସୃଜନୀ ଆଧ୍ୟାତ୍ମିକ ଧ୍ୱନି ଆଦି ଭୌତିକତା ସ୍ରୋତ,
ପୁଣ୍ୟ ମାଟିର ପୁରୁଷାକାର ସେ ପୂଜ୍ୟ ରମାକାନ୍ତ ରଥ ।
'ସଚିତ୍ର ଅନ୍ଧାର' 'ସନ୍ଦିଗ୍ଧ ମୃଗୟା' 'ଶ୍ରୀରାଧା' 'ସୀମାନ୍ତ ବାସ,
ଅନେକ କୋଠରୀ ସପ୍ତମ ଋତୁର ଅନୁରାଗ ଭାବରସ ।

ଯଶ ଖ୍ୟାତି ଜ୍ୟୋତି ଯଶସ୍ୱୀଙ୍କ ପ୍ରୀତି ତୋଫା ଜହ୍ନରାତି ପରି,
ବୟସ ସାଜିନି ପାଣ୍ଡୁର ସଇସ ପାଣ୍ଡୁଲିପି ପ୍ରୀତି ଡୋରି ।
ବୟସର ଅଙ୍କ ନୁହେଁ ସେ ମରତେ ତରୁଣ ତୋରଣ ମନ,
ସରାଗ ତଟିନୀ ପ୍ରବାହ ଅଥକ ସୀମାହୀନ ସମ୍ବେଦନ ।

ଚେତନାର ଝର ଗଭୀର ସ୍ୱାକ୍ଷର ଛୁଆଁରେ ମହକ ଛାଡି,
ବହଳ ଅନ୍ଧାରେ ଆଲୋକ ରୋଷଣୀ ବିଚ୍ଛୁରିତ ଅସରନ୍ତି ।

ତରୁଣ ତେଜର ସାରସ୍ୱତ ଜ୍ଞାନ ଅରୁଣ ଉଦୟ ଛବି,
ଅନ୍ତର୍ମୁଖୀ ବେଶ ଅନନ୍ତ ଭାବର ବୈତରଣୀ ଭିଜିଭିଜି ।

ସର୍ଜନାର ସ୍ୱିଗ୍ଧ ସୌନ୍ଦର୍ଯ୍ୟ ଅର୍ଚ୍ଚନା କେହି ପାରିବେନି କଳି,
ପ୍ରତି ପ୍ରାଣେ ତୁମେ ପ୍ରବଣର ଋତୁ ପୁଲକିତ ପ୍ରେମାଞ୍ଜଳି ।


♥ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨


## ମୁଁ ଓ ମୋର ନିରବତା

### ପ୍ରତିଭା ଦାଶ



ତୁମ ପ୍ରେମର କାହାଣୀରେ
ମୁଁ ଦରଫୁଟା ଫୁଲ
ନା ରହିଛି ମୋର କୌଣସି ରଙ୍ଗ
ନା ଚହଟୁଛି ମୁଁ ଚାରି ଦିଗେ ।

ନିଜକୁ ତୁମରି ରଙ୍ଗରେ ରଙ୍ଗେଇବାକୁ
କରିଛି ମୁଁ ଅବିରତ ପ୍ରୟାସ
ଦେଖିନି ଉଚ୍ଚନୀଚ ଭେଦଭାବ
ରଖିନି ଆଭିଜାତ୍ୟ ଚିହ୍ନର ହିସାବ ।

ତଥାପି ତୁମେ ଶୁଣିପାରିଲନି
ମୋ ପ୍ରେମର ଆତୁର ବିଳାପ
ନା ମୋତେ ବୁଝିବାକୁ ଚେଷ୍ଟା କଲ
ନା ପ୍ରେମର ଗଭୀରତକୁ ମାପି ପାରିଲ ।

କଳୁଷିତ ପ୍ରେମ ଭାବି
ପ୍ରବଞ୍ଚନାର ଆଭରଣରେ
ଆବେଗ ଭରା ଆହ୍ୱାନରେ
ମୋତେ ଧିକ୍କାର କରି ଚାଲିଲ ।

ଲୋକଲଜ୍ଜା ପାଇଁ
ନିଜର ଇଜ୍ଜତକୁ ଆବୃତ ପୂର୍ବକ
ମୁଁ ଓ ମୋର ନିରବତା ତୁମକୁ
ଦେଇଛି ପ୍ରଶ୍ରୟ ଏବଂ କରିଛି ମହାନ ।


♥ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ତୁମେରପାଣି
ଜିଲ୍ଲା - ନୂଆପଡ଼ା
ମୋ:- ୭୮୯୪୫୨୮୪୯୩


## ଭିନ୍ନ ଛୁଆଁ

### ସଦାଶିବ ବିଶ୍ୱାଳ



ସବୁ ଛୁଆଁ ଏକା ନୁହେଁ
ପ୍ରତି ଛୁଆଁ ଆଣେ ଭିନ୍ନ ଅନୁଭୂତି
ସ୍ଥାନ, କାଳ, ପାତ୍ରରେ
ବଦଳି ଆଣେ ପୁଲକ ବା ଭୀତି

ଛୁଆଁ ପୁଣି ଖରାପ ବା ଭଲ
ଛୁଉଁଥିବା ବ୍ୟକ୍ତିପରେ ନିର୍ଭର କରେ
ଆଣଇ ମନେ ଭୀତି ଅବା
ମନ ପୁଲକିତ ହୁଏ ଉଚ୍ଛୁଳା ପ୍ରେମରେ

ଯେତେ ଛୁଆଁ ଛୁଇଁ ଯାଏ
ଅଭିଆଡ଼ି କୁଆଁରୀ ତନୁରେ
ସବୁ ଛୁଆଁରେ ପ୍ରଣୟ ଉକୁଟେନି
ମନ ସଂକୁଚିତ ହୁଏ କେବେ ଅଜଣା ଭୟରେ

ମଳୟ ପବନ ବିନା
ଚନ୍ଦନ ମହ ମହ ବାସେନି
ଯେତେ ରଙ୍ଗ ଲାଗିଯାଏ ପଣତରେ
ସବୁ ରଙ୍ଗ ରଚି ବସି ଯାଏନି
ଏମିତି ସେ ପ୍ରେମ ରଙ୍ଗ
ଯୌବନ ଛୁଆଁ ପାଇଲା ପରେ
ରଚି ଯାଏ ଦେହରେ ମନରେ
କେବେ ଫିକା ପଡେ ନାହିଁ
ବର୍ଷା ଅବା ଋତୁ ବସନ୍ତରେ

କିନ୍ତୁ...
ପ୍ରଭେଦ ଠଉରାଇବା
ଭଲ, ମନ୍ଦ ଛୁଆଁର ଭିତରେ
ମନ ପରିସ୍ଥିତି, ହୃଦୟ ଆବେଗ ପରଖି
ପ୍ରତିକ୍ରିୟା ଦେବା, ଠକିବାନି ଜୀବନରେ


♥ଏଣ୍ଡ ମ୍ୟାନେଜମେଣ୍ଟ ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ମୋହନଦାସ ଏନକ୍ଲେଭ
ଖଣ୍ଡଗିରି, ଭୁବନେଶ୍ୱର

# ଧାନକିଣାରେ ସରକାରଙ୍କ ବଡ ଷଡଯନ୍ତ୍ର ଅଭିଯୋଗ : ପୂର୍ବତନ ସାଂସଦ ବାଲଗୋପାଳଙ୍କ ଆନ୍ଦୋଳନ ଚେତାବନୀ, ପଶ୍ଚିମାଚଂଳର ଚାଷୀ ଏକ ହେବାକୁ ଆହ୍ୱାନ

ବଲାଙ୍ଗିର,୧୪/୧୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ସମେତ ପଶ୍ଚିମ ଓଡିଶାର ଚାଷୀଙ୍କ ଧାନ ଅମଳ ହେବାପରେ ମଧ୍ୟ ମଣ୍ଡି ଖୋଲି ସରକାର ଧାନ କିଣୁନାହାଁନ୍ତି । ମଣ୍ଡି ନଖୋଲି ଧାନ ନକିଣିବା ସରକାରଙ୍କର ଏକ ବଡ ଷଡଯନ୍ତ୍ର ବୋଲି ଅଭିଯୋଗ ଉଠାଇଛନ୍ତି ବଲାଙ୍ଗୀରର ପୂର୍ବତନ ସାଂସଦ ବାଲଗୋପାଳ ମିଶ୍ର । ତେଣୁ ପଶ୍ଚିମାଚଂଳର ସମସ୍ତ ଚାଷୀ ଏକ ହୋଇ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ଶ୍ରୀ ମିଶ୍ର ଆହ୍ୱାନ ଦେଇଛନ୍ତି । ଆଜି ସ୍ଥାନୀୟ ଏସକେ ରିଜେନ୍ସୀ ହୋଟେଲ ଠାରେ କୋସଲୀ କିଷାନ ସଭା ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ଶ୍ରୀ ମିଶ୍ର କହିଲେ ଯେ, ଚାଷୀମାନେ ଗତ ଏକ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ଧାନ ଅମଳ କରି ଖରାରେ ସୁଖାଉଛନ୍ତି । ଡିସେମ୍ବର ୧୪ ତାରିଖ ସୁଦ୍ଧା ଜିଲ୍ଲାରେ ଧାନମଣ୍ଡି ଖୋଲାଯାଇନାହିଁ । ମଣ୍ଡି ଖୋଲିବାର ବ୍ୟବସ୍ଥା କରାଯାଇ ନାହିଁ । ଏପରିକି ମାତ୍ର ୧୦ ପ୍ରତିଶତ ଚାଷୀଙ୍କର ଟୋକନ ଆସିଛି । ଯେଉଁମାନଙ୍କର ଟୋକନ ଆସିଛି ସେମାନେ ମଣ୍ଡିକୁ ଧାନ ନେଲେ କିଣାଯାଉନାହିଁ । ସେଥିପାଇଁ ଚାଷୀମାନେ ଧାରକରଜ କରି କରିଥିବା ଚାଷର ଫସଲକୁ କମ ଦରରେ ଦଲାଲଙ୍କ ପାଖରେ ବିକ୍ରୀ କରିବାକୁ ବାଧ୍ୟ ହେଉଛନ୍ତି । ବରଗଡ ଜିଲ୍ଲାରେ ଚାଷୀମାନେ ତାତିଲେଣି ଓ ଆନ୍ଦୋଳନକୁ ଓହ୍ଲାଇଲେଣି । ତେଣୁ ପଶ୍ଚିମ ଓଡିଶାର ସମସ୍ତ ଚାଷୀ ଓ ସଂଗଠନମାନେ ଏକ ହୋଇ ସବୁ ଜିଲ୍ଲାରେ ଆନ୍ଦୋଳନ କରନ୍ତୁ ବୋଲି ପୂର୍ବତନ ସାଂସଦ ବାଲଗୋପାଳ ମିଶ୍ର ଆହ୍ୱାନ ଦେଇଥିଲେ । ବଲାଙ୍ଗୀର ଜିଲ୍ଲାରେ ଆସନ୍ତା ୫ ଦିନ ମଧ୍ୟରେ ମଣ୍ଡି ଖୋଲି ଧାନ କିଣା ନଗଲେ ଚାଷିଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇବୁ ଓ ସେଥିପାଇଁ ଯଦି କୌଣସି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୁଏ ତାହେଲେ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଖୋଲା ଚେତାବନୀ ଦେଇଛନ୍ତି । ଶ୍ରୀ ମିଶ୍ର ଆହୁରି କହିଲେ ଯେ, ବିଗତ ବର୍ଷମାନଙ୍କରେ ଚାଷିଙ୍କ ସୁଖିଲା ଧାନରୁ ୫ କେଜି ଲେଖାଏଁ ମଣ୍ଡିକଟ କରାଯାଇଥିଲା । ଯାହାକି ଚାଷିଙ୍କ କଷ୍ଟଲବ୍ଧ ଫସଲରୁ ଲୁଟ ବୋଲି କୁହାଯିବ । ସରକାର ଇନପୁଟ ଏସିଷ୍ଟାନ୍ସ ଦେଉଛନ୍ତି କିନ୍ତୁ ଏପଟେ କ୍ୱିଂଟାଲ ପିଚ୍ଛା ୫ କିଲୋ ଧାନ କାଟିଛନ୍ତି । ଫଳରେ ଚାଷିଙ୍କ ମୁଣ୍ଡରେ କ୍ଷତି ଜବରଦସ୍ତି ଲଦି ଦିଆଯାଉଛି । ଆଗକୁ କୋସଲୀ କିଷାନସଭା ପକ୍ଷରୁ ଚାଷିଙ୍କୁ ଏକଜୁଟ କରି ଆନ୍ଦୋଳନକୁ ଓହ୍ଲାଇବୁ ଓ ଅନ୍ୟ ଜିଲ୍ଲାମାନଙ୍କରେ ମଧ୍ୟ ଚାଷି ଏକ ହୋଇ ଲଢେଇ କରିବାକୁ ବାଲଗୋପାଳ ଆହ୍ୱାନ ଦେଇଥିଲେ । ଠିକ ସେହିପରି ବଲାଙ୍ଗୀର ଜିଲ୍ଲାରେ ଚାଷିଙ୍କ ସମସ୍ୟାକୁ ସରକାର ଅଣଦେଖା କରି ଚାଲିଛନ୍ତି । ଜିଲ୍ଲାରେ ଜଳସେଚନ ହାର ବଢ଼ି ପାରୁନାହିଁ । ବଲାଙ୍ଗୀର ସହର ମଧ୍ୟରେ ଗୋଟିଏ ସମୟରେ ଆଦର୍ଶ ବଗିଚାରେ କୃଷି ଗବେଷଣା କରାଯାଉଥିଲା । ବିଭିନ୍ନ ପ୍ରଜାତିର ଫଳଗଛ, ଫୁଲଗଛ ତଥା ଫସଲମାନଙ୍କୁ ନେଇ ଗବେଷଣା କରାଯାଉଥିଲା । କିନ୍ତୁ, ଆଜି ବଲାଙ୍ଗୀର ଅବହେଳିତ ହୋଇ ପଡିରହିଛି । କୃଷି ବିଶ୍ୱବିଦ୍ୟାଳୟ ବଲାଙ୍ଗୀରର ନ୍ୟାର୍ଯ୍ୟ ଦାବି । କିନ୍ତୁ ବଲାଙ୍ଗୀରର ଦୁର୍ବଳ ନେତୃତ୍ୱ ଯୋଗୁଁ ତାହା ହୋଇପାରୁନାହିଁ । ଯଦି ବଲାଙ୍ଗୀରରେ ଏହା ସ୍ଥାପନ ନହେଲା ତାହେଲେ ଆଗାମୀ ଭବିଷ୍ୟତର ପିଢୀ ସେହି ନେତାଙ୍କୁ କ୍ଷମା କରିବେ ନାହିଁ ବୋଲି ପୂର୍ବତନ ସାଂସଦ ଶ୍ରୀ ମିଶ୍ର କହିଥିଲେ ।

ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ କୁସମେଲ ସରପଂଚ କୌସ୍ତୁଭ ସାହୁ, ଝରନୀପାଲି ସମିତିସଭ୍ୟ ନରେଶ ସାହୁ, ସରଗାଡ ସମିତିସଭ୍ୟ ବୀରେନ ସାହୁ, ପଟୁଆପାଲି ପେକ୍ସର ସଭାପତି ପ୍ରମୋଦ ମିଶ୍ର ଓ ଆଗଲପୁର ପେକ୍ସ ସଭାପତି ଦେବେନ୍ଦ୍ର ମେହେର ପ୍ରମୁଖ ମଂଚାସୀନ ଥିଲେ ।

# ବରାହାଟିପୁରା ନୀଳକଣ୍ଠେଶ୍ୱର ମନ୍ଦିର କୋଠ ତହସିଲଦାର ବଳରାମ ପଣ୍ଡାଙ୍କ ଦେହାନ୍ତ

କେନ୍ଦୁଝର,୧୪/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକର ବରାହାଟିପୁରା ଗ୍ରାମର ବାସିନ୍ଦା, ବଳରାମ ପଣ୍ଡା (୮୪ )ଙ୍କ ଗତକାଲି ରାତିରେ ନିଜ ବାସଭବନ ରେ ଦେହାନ୍ତ ଘଟିଛି । ସ୍ୱର୍ଗତ ବଳରାମ ପଣ୍ଡା ନିଜ ଜନ୍ମ ମାଟିକୁ ଭଲପାଇ ଡାକ୍ତରୀ ସେବା, ଡାକ ବିଭାଗ ସେବା ସହ ସଫଳ କୃଷକ, ସାମାଜିକ ଓ ଧାର୍ମିକ ଅନୁଷ୍ଠାନରେ ନିଜକୁ ସମ୍ପୂର୍ଣ ନିୟୋଜିତ କରି ଘଟଗାଁ ଅଂଚଳରେ ଓ କେନ୍ଦୁଝର ଜିଲ୍ଲାରେ ପରିଚିତ ବ୍ୟକ୍ତି ଭାବେ ସାଧାରଣରେ ଗ୍ରହଣୀୟ ହୋଇଥିଲେ, ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ଚିକିତ୍ସା ହୋଇ ଭୁବନେଶ୍ୱର ଏକ ଘରୋଇ ମେଡିକାଲରୁ ଆସି ନିଜ ବାସଭବନରେ ଥିବାବେଳେ ଗତକାଲି ସ୍ୱର୍ଗବାସ ଘଟିଛି । ସେ ମିଷ୍ଟଭାସି, ସରଳ, ସଚୋଟ ବ୍ୟକ୍ତ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁତ୍ରଟୁନୁ ପଣ୍ଡା, ମୁନୁ ପଣ୍ଡା, ପୁତ୍ର ବଧୂ,ମିତା ପଣ୍ଡା ଓ ନିତା ପଣ୍ଡା, ନାତି ନାତୁଣୀ, ପରିବାର କୁଟୁମ୍ବରୁ ଶେଷ ସମୟରେ ଉପସ୍ଥିତ ରହିଥିଲେ । ମୃତ୍ୟୁ ଖବର ଶୁଣି, ବରାହାଟିପୁରା ଗ୍ରାମର ବହୁ ଲୋକ ତାଙ୍କ ବାସଭବନରେ ପହଂଚି ପାର୍ଥିବ ଶରୀରକୁ ଶେଷ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ । ଘଟଣା ଶୁଣି ଗ୍ରାମରେ ଶୋକ ପ୍ରକାଶ ପାଇଥିବା ବେଳେ, ସରପଂଚ ଗୋବର୍ଦ୍ଧନ ନାଏକ, ଗ୍ରାମର ବିଦ୍ୟାଳୟର ଶିକ୍ଷକ, ବହୁବ୍ୟକ୍ତି ରୁଣ୍ଡ ହୋଇ ଥିଲେ ।

ଘଟଗାଁ ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ଜେନା, ଶିକ୍ଷକ ରୋହିତ ବେହେରା କେନ୍ଦୁଝର ସାଂସଦ ପ୍ରତିନିଧି ଅଖିଳ କୁମାର ପାତ୍ର, ରଂଜିତ ନାୟକ, ଅଜୟ ପଣ୍ଡା, ବିଜେପି ବିଧାୟକ ପ୍ରାର୍ଥୀ ଡଃ. ଶମ୍ଭୁନାଥ ରାଉତ, ମନ୍ଦିର ପୂଜକ ହରି ଆଚାର୍ଯ୍ୟ ଓ ବରିଷ୍ଠ ପୂଜକଗଣ, ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ପରେ, ଶିବ ମନ୍ଦିର ପଛ ଗ୍ରାମର ଶ୍ମଶାନରେ ପାର୍ଥିବ ଶରୀରକୁ ସଂସ୍କାର କରାଯାଇଥିଲା ।

# ଶିଶୁ ସାହିତ୍ୟ ମୋହରେ ଯୁବପିଢ଼ି: ସେଲ୍ଫି ପଏଂଟ ଆକର୍ଷଣର କେନ୍ଦ୍ର

## ଜାପାନ ଦେଶର ଗ୍ରାଫିକ ଉପନ୍ୟାସ ପଢ଼ିବା ପାଇଁ ଷ୍ଟଲରେ ଯୁବ ପାଠକଙ୍କ ଭିଡ଼

ଭୁବନେଶ୍ୱର ,୧୪/୧୨ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ହେଉଛି ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ । ଆଜି ରବିବାରର ଶୀତୁଆ ସନ୍ଧ୍ୟାରେ ପୁସ୍ତକ କିଣିବାକୁ ପ୍ରଦର୍ଶନୀ ପଡ଼ିଆରେ ପାଠକମାନଙ୍କର ବେଶ୍ ଭିଡ଼ ଜମିଥିଲା । ତେବେ ଚଳିତ ବର୍ଷର ପୁସ୍ତକ ମହୋତ୍ସବରେ ଶିଶୁ ସାହିତ୍ୟ, ଗ୍ରାଫିକ ଉପନ୍ୟାସର ଚାହିଦା ବେଶ୍ ବଢ଼ିଛି ।

ପୁସ୍ତକ ମହୋତ୍ସବରେ ପ୍ରୀତମ୍ ପ୍ରକାଶନ ଏବଂ ସ୍କୋଲାଷ୍ଟିକ ଇଣ୍ଡିଆ ପ୍ରକାଶନ ତରଫରୁ ସ୍ୱତନ୍ତ୍ର ଭାବେ ଶିଶୁ ସାହିତ୍ୟ ଓ ଗ୍ରାଫିକ ଉପନ୍ୟାସକୁ ନେଇ ଷ୍ଟଲ ନିର୍ମାଣ କରାଯାଇଛି । ସାଇମନ ଓ ସୁଷ୍ଟର ପ୍ରକାଶନ ତରଫରୁ ମଧ୍ୟ ଗ୍ରାଫିକ ଉପନ୍ୟାସର ଷ୍ଟଲ ରହିଛି । ଏହିସବୁ ଷ୍ଟଲମାନଙ୍କରେ ଶିଶୁ ପାଠକ ଏବଂ ଯୁବପିଢ଼ିଙ୍କର ବେଶ୍ ଭିଡ଼ ଜମୁଛି । ପ୍ରୀତମ୍ ପ୍ରକାଶନର ପ୍ରକାଶକ ମନୋରମା ବିଶ୍ୱାଳ ମହାପାତ୍ର କହିଛନ୍ତି ଯେ, 'ପ୍ରୀତମ୍ ପ୍ରକାଶନ ତରଫରୁ ୮୦ରୁ ଅଧିକ ଓଡ଼ିଆ ଶିଶୁ ସାହିତ୍ୟ ପୁସ୍ତକ ପ୍ରକାଶିତ ହୋଇଛି । ବହୁ ପୁସ୍ତକ ହିନ୍ଦୀ, ବଙ୍ଗଳା ଓ ପଞ୍ଜାବୀ ଭାଷାରେ ମଧ୍ୟ ଅନୁବାଦିତ ହୋଇଛି । ଆଜିର ମୋବାଇଲ ଯୁଗରେ ମଧ୍ୟ ଶିଶୁ ସାହିତ୍ୟର ଚାହିଦା କିଛି କମିନି, ବରଂ ଶିଶୁ ସାହିତ୍ୟ ପୁସ୍ତକ ସାହିତ୍ୟ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ବିଶେଷ ଭାବରେ ଯୁବପିଢ଼ି ଶିଶୁ ସାହିତ୍ୟ ପ୍ରତି ଆକୃଷ୍ଟ ହେବା ଶିଶୁ ସାହିତ୍ୟର ସ୍ୱର୍ଣ୍ଣିମ ଭବିଷ୍ୟତକୁ ସୂଚିତ କରୁଛି ।'

ସେହିପରି ଭାବେ ସ୍କୋଲାଷ୍ଟିକ ଇଣ୍ଡିଆ ଏବଂ ସାଇମନ ଓ ସୁଷ୍ଟର ପ୍ରକାଶନ ଷ୍ଟଲରେ ଗ୍ରାଫିକ ଉପନ୍ୟାସକୁ ସ୍ଥାନିତ କରାଯାଇଛି । ସ୍କୋଲାଷ୍ଟିକ ଇଣ୍ଡିଆ ଷ୍ଟଲରେ 'ଗେରୋନିମୋ ଷ୍ଟିଲଟନ ଶୃଙ୍ଖଳାର ଶିଶୁ ସାହିତ୍ୟ' ପୁସ୍ତକ ରଖାଯାଇଛି ଯାହାକୁ ଶିଶୁ ପାଠକମାନେ ବେଶ୍ ପସନ୍ଦ କରୁଛନ୍ତି । ରଙ୍ଗୀନ କାଗଜ ଓ ସୁନ୍ଦର ଚିତ୍ରର ଦୁନିଆ ଶିଶୁ ପାଠକଙ୍କ ମନ ମୋହିବାରେ ବେଶ୍ ସଫଳ ହୋଇପାରିଛି ।

ସାଇମନ ଓ ସୁଷ୍ଟର ପ୍ରକାଶନ ଷ୍ଟଲରେ ଜାପାନ ଦେଶର ପ୍ରସିଦ୍ଧ ଲେଖକ ଓସାମା ତେଜୁକା, ଜୁନ୍‌ଜି ଇଟୋ, ମାସାଶି କିଶିମୋଟୋଙ୍କ ଗ୍ରାଫିକ ଉପନ୍ୟାସ ରହିଛି ଯାହା ଯୁବପିଢ଼ିଙ୍କୁ ଆକୃଷ୍ଟ କରିପାରିଛି । 'ଗ୍ରାଫିକ ଉପନ୍ୟାସରେ କମିକ୍ ଚରିତ୍ରକୁ ନେଇ କାହାଣୀର ସରଂଚନା କରାଯାଇଥାଏ, ଯାହାକି ବେଶ୍ ନିଆରା ଏବଂ ଏହାକୁ ଖୁବ କମ୍ ସମୟ ମଧ୍ୟରେ ପଢ଼ିହୁଏ । ତେଣୁ ଅନ୍ୟ ଉପନ୍ୟାସ ତୁଳନାରେ ଗ୍ରାଫିକ ଉପନ୍ୟାସ ଆମର ବେଶି ପସନ୍ଦ', ବୋଲି ଯୁବ ପାଠକମାନେ ମତ ରଖିଛନ୍ତି ।

ପୁସ୍ତକ ମହୋତ୍ସବରେ ବିଭିନ୍ନ ପୁସ୍ତକ ବିକ୍ରେତାଙ୍କ ଷ୍ଟଲରେ ୫୦ ଟଙ୍କା, ୧୦୦ ଟଙ୍କା ଓ ୨୦୦ ଟଙ୍କା ମୂଲ୍ୟରେ ପ୍ରସିଦ୍ଧ ଲେଖକମାନଙ୍କର ପୁରୁଣା ବହି ସବୁ ଉପଲବ୍ଧ ହେଉଛି । ବିଦେଶୀ ଲେଖକ ଷ୍ଟିଫେନ୍ କିଙ୍ଗ, କଲିନ୍ ହୁଭର, ଜିଲିଆନ୍ ଫ୍ଲିନ, ଲିଆନ ମୋରିଆର୍ଟି, ଜନ ଗ୍ରୀସମ୍ ଭିକ୍ଟୋରିଆ ଏବେୟାର୍ଡ଼ଙ୍କ ଲିଖିତ ଫାଂଟାସି, ହରର, ଥ୍ରୀଲର ପୁସ୍ତକକୁ ଯୁବପିଢ଼ି ବେଶ୍ ପସନ୍ଦ କରୁଛନ୍ତି । କମ୍ ମୂଲ୍ୟରେ ନିଜ ପସନ୍ଦର ପୁସ୍ତକ ପାଇ ପାରୁଥିବାରୁ ପାଠକମାନେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି । ଚଳିତ ଥରର ପୁସ୍ତକ ମହୋତ୍ସବରେ ଆକର୍ଷଣର କେନ୍ଦ୍ର ସାଜିଛି ସେଲ୍ଫି ପଏଂଟ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସେଲ୍ଫି ପଏଂଟ ନିର୍ମାଣ କରାଯାଇଛି । ସେଲ୍ଫି ପଏଂଟରେ ମହାକବି ସାରଳା ଦାସଙ୍କ କୁଟୀର ଠାରୁ ନେଇ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, କବି ରମାକାନ୍ତଙ୍କ ରଚିତ ଶ୍ରୀରାଧା, କାଳଜୟୀ କବିତା ଚିଲିକା, ଉପନ୍ୟାସ ଯାଜ୍ଞସେନୀ, ପୁସ୍ତକ ନର କିନ୍ନର, ଯନ୍ତ୍ରାରୂଢ଼, ବୈଦେହୀଶ ବିଳାସ, ବୁକର ପୁରସ୍କାର ପ୍ରାପ୍ତ ପୁସ୍ତକ ଦ ସେଭେନ ମୁନ୍ସ ଅଫ୍ ମାଲି ଅଲମେଡ଼ା ଆଦିର ଫୋଟୋଚିତ୍ରକୁ ସେଲ୍ଫି ପଏଂଟରେ ସ୍ଥାନିତ କରାଯାଇଛି । ସେଲ୍ଫି ପଏଂଟରେ ପାଠକମାନେ ଫୋଟୋ ଉଠାଇ 'ପୃଷ୍ଠା ଖୋଲନ୍ତୁ, ସ୍ୱପ୍ନକୁ ଜାଗ୍ରତ କରନ୍ତୁ' ହ୍ୟାଚ୍‌ଟ୍ୟାଗ ବ୍ୟବହାର କରି ସୋସିଆଲ ମିଡ଼ିଆରେ ଅପଲୋଡ଼ କରୁଛନ୍ତି । ଯୁବପିଢ଼ିଙ୍କ ମଧ୍ୟରେ ବହି କିଣିବା ଓ ବହି ପଢ଼ିବାର ପରମ୍ପରାକୁ ଲୋକପ୍ରିୟ କରିବା ନିମନ୍ତେ ସେଲ୍ଫି ପଏଂଟ ତିଆରି ହେବା ଏବଂ ସେଠାରେ ଆମ ସାହିତ୍ୟ ଜଗତର ସାରସ୍ୱତ କୃତିକୁ ସ୍ଥାନିତ କରିବା ଏକ ସୁନ୍ଦର ପ୍ରୟାସ ବୋଲି ସାଧାରଣରେ ମତପ୍ରକାଶ ହୋଇଛି । ପ୍ରକାଶଯୋଗ୍ୟ ଯେ, ଚଳିତ ବର୍ଷର ପୁସ୍ତକ ମହୋତ୍ସବରେ ୫୫୦ଟି ଷ୍ଟଲ ନିର୍ମାଣ ହେବା ସହ ୨୦୦ରୁ ଉର୍ଦ୍ଧ୍ୱ ପ୍ରକାଶକ ଓ ପୁସ୍ତକ ବିକ୍ରେତା ପୁସ୍ତକ ମହୋତ୍ସବରେ ଅଂଶଗ୍ରହଣ କରିଛନ୍ତି । ପାଠକମାନେ ବହି କିଣିବା ସହ କୋରାପୁଟ କଫିର ମଜା ନେଉଛନ୍ତି ଓ ଫୁଡ଼ ଷ୍ଟଲରେ ମିଲେଟ୍ ଦ୍ୱାରା ପ୍ରସ୍ତୁତ ହୋଇଥିବା ସୁସ୍ୱାଦୁ ଖାଦ୍ୟକୁ ବେଶ୍ ପସନ୍ଦ କରୁଛନ୍ତି ।

# ଜାତୀୟ ଶକ୍ତି ସଂରକ୍ଷଣ ଦିବସ ୨୦୨୫ ଓଡ଼ିଶାରେ ପାଳିତ

ଭୁବନେଶ୍ୱର,୧୪/୧୨ (ନି.ପ୍ର): ଜାତୀୟ ଶକ୍ତି ସଂରକ୍ଷଣ ଦିବସ ୨୦୨୫ ଅବସରରେ, ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଭୁବନେଶ୍ୱରର ଲୋକସେବା ଭବନରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶକ୍ତି ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଏବଂ ଶକ୍ତି ଦକ୍ଷତାରେ ଉଲ୍ଲେଖନୀୟ ଅବଦାନକୁ ପାଳନ କରାଯାଇଥିଲା । ସକାଳେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶକ୍ତି ସଂରକ୍ଷଣ ସଚେତନତା ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ, ଯେଉଁଥିରେ ପ୍ରମୁଖ ଶାସନ ସଚିବ ଶକ୍ତି ବିଭାଗ, ଶ୍ରୀ ବିଶାଳ କୁମାର ଦେବ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ଶ୍ରୀ ମନୋଜ କୁମାର ତ୍ରିପାଠୀ ଯୋଗ ଦେଇଥିଲେ । ଶକ୍ତି ବିଭାଗର ଅଧିକାରୀମାନଙ୍କ ସହିତ ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କ ରାଲି କଳିଙ୍ଗ ଷ୍ଟାଡିୟମର ୩ ନମ୍ବର ଗେଟରୁ ଲୋକସେବା ଭବନ ପର୍ଯ୍ୟନ୍ତ ହୋଇଥିଲା ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଅଭିଭାଷଣରେ ଶକ୍ତି ସଂରକ୍ଷଣକୁ କେବଳ ଏକ ଅଭ୍ୟାସ ଭାବରେ ନୁହେଁ, ବରଂ ଏକ ଜାତୀୟ କର୍ତ୍ତବ୍ୟ ଭାବରେ ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ପ୍ରତ୍ୟେକ ଘରେ ଆର୍ଥିଂ କରିବା ଏବଂ ସ୍ମାର୍ଟ ମିଟରର ବ୍ୟାପକ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ ଯାହା ଶକ୍ତି କ୍ଷତି ହ୍ରାସ କରିବାର ସମ୍ଭାବନା ରଖେ ।ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆହୁରି ମଧ୍ୟ କହିଛନ୍ତି, ଓଡ଼ିଶା ସରକାର ଜଳବାୟୁ ସ୍ଥିରତା ଏବଂ ସ୍ଥାୟୀ ବିକାଶ ଉପରେ ଜାତୀୟ ମିଶନ ସହିତ ସମନ୍ୱୟ ରଖି ଶକ୍ତି ଦକ୍ଷତା ଏବଂ ପରିବେଶଗତ ପରିଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ ସର୍ବଦା ପ୍ରତିବଦ୍ଧ । ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ ଉଲ୍ଲେଖ କରିଥିଲେ ଯେ, ଏକକାଳୀନ ଶକ୍ତି ଉତ୍ପାଦନ ଯୋଡିବା ସହିତ ଆମେ ଶକ୍ତି ସଂରକ୍ଷଣ ଉପରେ ଧ୍ୟାନ ଦେବା ଉଚିତ ଯାହା ସବୁଠାରୁ ଶସ୍ତା, ସ୍ୱଚ୍ଛ ଉତ୍ସରୁ ଉତ୍ପାଦିତ । ନୀତି ସ୍ତରରେ, ପମ୍ପଡ଼ ଷ୍ଟୋରେଜ ନୀତି ପୂର୍ବରୁ କାର୍ଯ୍ୟକାରୀ ହୋଇଛି ଏବଂ ସମ୍ପ୍ରତି ଭାସମାନ ସୌର ନିର୍ଦ୍ଦେଶାବଳୀ ଜାରି କରାଯାଇଛି ଯାହା ସୌର ପବନ, ଜଳ, ଇତ୍ୟାଦି କ୍ଷେତ୍ରରେ ଓଡ଼ିଶାର ନବୀକରଣୀୟ ଶକ୍ତି କ୍ଷମତାକୁ ତ୍ୱରାନ୍ୱିତ କରିପାରିବ । ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ନିର୍ଦ୍ଦେଶକ ଡ କେ. ମୁରୁଗେସନ ଶିକ୍ଷକମାନଙ୍କୁ ଶକ୍ତି ସଂରକ୍ଷଣ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅଭିନବ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବାକୁ କହିଥିଲେ । ସିପିଆରଆଇର ପୂର୍ବତନ ମହାନିର୍ଦ୍ଦେଶକ ଶ୍ରୀ ଏ.କେ. ତ୍ରିପାଠୀ ଗ୍ରୀଡ୍ ସ୍ଥିରୀକରଣ ସହିତ ନବୀକରଣୀୟ ଶକ୍ତି କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ମନୋଜ କୁମାର ତ୍ରିପାଠୀ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ ) ଏସଡିଏ(ଓ) ଦ୍ୱାରା ଗ୍ରହଣ କରାଯାଇଥିବା ଶକ୍ତି ସଂରକ୍ଷଣ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ । ସମାରୋହ ସମୟରେ, ଉପମୁଖ୍ୟମନ୍ତ୍ରୀ ସିପିପି/ଆଇପିପି, ଇସ୍ପାତ ଏବଂ ବିଦ୍ୟୁତ୍, ଏମ୍‌ଏସଏମଇ, ଶିକ୍ଷାନୁଷ୍ଠାନ ଇତ୍ୟାଦି ବିଭିନ୍ନ ବର୍ଗରେ ବିଜେତାମାନଙ୍କୁ ଓଡ଼ିଶା ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର (ଓଏସଇସିଏ)ରେ ସମ୍ମାନିତ କରିଥିଲେ ।

ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଯେଉଁଥିରେ ସାରା ଓଡ଼ିଶାରେ ବ୍ଲକ ସ୍ତରୀୟ ଏବଂ ଜିଲ୍ଲା ସ୍ତରରେ ୨.୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ୮ମ, ୯ମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ଏବଂ ଶ୍ରେଷ୍ଠ ୩ ଜଣ ଛାତ୍ରଛାତ୍ରୀଙ୍କୁ ୮୦୦୦, ୫୦୦୦ ଏବଂ ୩୦୦୦ ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା ଏବଂ ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ସ୍ମାରକୀ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ, ଯେଉଁମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ମୁଖ୍ୟ ଇଞ୍ଜିନିୟର ଶ୍ରୀ ଅଶୋକ କୁମାର ଦାସ ସମସ୍ତ ସମ୍ମାନିତ ଅତିଥି ଏବଂ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଦିନ, ପ୍ରତ୍ୟେକ ସମ୍ମାନିତ ବ୍ୟକ୍ତି ଗୁରୁତ୍ୱାରୋପ କରିଥିଲେ ଯେ ଶକ୍ତି ସଂଚୟ ହେଉଛି ଶକ୍ତି ଉତ୍ପାଦନ ।

# ଗିରଫ ମହିଳାଙ୍କ ଘର ଜାଳି ଦେଲେ

ଗଞ୍ଜାମ,୧୪/୧୨ (ନି.ପ୍ର): ପୁରୁଷୋତମପୁର ବ୍ଲକ ସାମନ୍ତରାପୁର ଗାଁ ରେ ଗତ ୧୦ ତାରିଖ ରାତିରେ ସୋନାଲି ସ୍ୱାଇଁ, ପଡୋଶି ଆଦିତ୍ୟ ଯେନା(୯)ର ତଂଟି ଚିପି ହତ୍ୟା କରିଥିବା ଘଟଣା ସମ୍ପର୍କରେ କବିସୂର୍ଯ୍ୟ ନଗର ପୁଲିସ ତଦନ୍ତରୁ ଜାଣିବା ପରେ ସୋନାଲିକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗତକାଲି ବିଳମ୍ବିତ ରାତିରେ ଉତ୍ୟକ୍ତ ଗ୍ରାମବାସୀ ସୋନାଲିର ଘରେ ନିଆଁ ଲଗାଇ ପୋଡି ଦେଇଥିଲେ । ଖବର ପାଇ ଦମକଳ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଁଚି ଅଗ୍ନିକୁ ଆୟତ କରିବା ସହ ସୁରକ୍ଷିତ ଭାବେ ଘରେ ଶୋଇଥିବା ଅନ୍ୟ ସଦସ୍ୟମାନଙ୍କୁ ଉଦ୍ଧାର କରିଛନ୍ତି ।

# ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ନିର୍ବାଚିତ କର୍ମକର୍ତ୍ତା ଘୋଷଣା ଓ କର୍ମକର୍ତ୍ତାଙ୍କ ଶପଥ ପାଠ

ଜୟପୁର,୧୪/୧୨ (ନି.ପ୍ର): ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ର ନିର୍ବାଚିତ କର୍ମକର୍ତା ଘୋଷଣା ଓ କର୍ମକର୍ତାଙ୍କ ସପଥ ପାଠ ନିମନ୍ତେ ତା ୧୪.୧୨.୨୦୨୫ ରିଖ ଦିନ ଧାର୍ଯ୍ୟ କରିଥିଲେ । ରାଜ୍ୟ ସଂଘ ଏ ନେଇ ରାଜ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକ ମଧ୍ୟ ନିଯୁକ୍ତ କରାଯାଇଥିଲା ।

ଏ ନେଇ ଓଡ଼ିଶା ଅମଲା ସଂଘ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଶ୍ରୀ ଶଶୀଭୂଷଣ ଦାଶ୍ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମାଲକାନଗିରି ଓ ନବରଙ୍ଗପୁର ର ନେତୃବୃନ୍ଦ ରାଜ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବରେ ଯୋଗଦାନ କରିବା ସହିତ କୋରାପୁଟ ଜିଲ୍ଲା ଶାଖା ର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଶତାଧିକ ଅମଲା ଯୋଗଦାନ କରିଥିଲେ । ପ୍ରଥମେ ଶ୍ରୀ ଦାଶ୍ ସଭାକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଅତିଥି ମାନଙ୍କୁ ମଂଚାସିନ ହେବା ନିମନ୍ତେ ନିମନ୍ତ୍ରଣ କରିଥିଲେ ଓ ସମସ୍ତ ସାମ୍ବାଦିକ ବନ୍ଧୁ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଗଣ ମାଧ୍ୟମ ପ୍ରତିନିଧି ମାନେ ଯେଉଁ ଭଳି ଭାବରେ ନିଃସ୍ୱାର୍ଥପର ସେବାରେ ନିଜକୁ ନିୟୋଜିତ କରିବା ସହିତ ନିରପେକ୍ଷ ଖବର ପ୍ରସାରଣ କରୁଛନ୍ତି ତେଣୁ ସେ ସମସ୍ତ ଗଣ ମାଧ୍ୟମ ପ୍ରତିନିଧି ମାଳଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ ।

ଜଣେ ଗଣ ମାଧ୍ୟମ ପ୍ରତିନିଧି ସ୍ୱର୍ଗତ ଅଶୋକ ପଲେଇ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହୋରାଇଥିବା ଯୋଗୁ ଗଭିର ଦୁଃଖ ପ୍ରକାଶ କରିବା ସହିତ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ସମସ୍ତ ଉପସ୍ଥିତ ସଦସ୍ୟମାନେ ୨ ମିନିଟ୍ ନିରୋବ ପ୍ରାର୍ଥନା କରିଥିଲେ । ତା ପରେ ନିର୍ବାଚନ ପର୍ଯ୍ୟବେକ୍ଷକ ନିର୍ବାଚିତ କର୍ମକର୍ତାଙ୍କ ନାମ ଘୋଷଣା କରିଥିଲେ ।

ସଭାପତି ଜଗନ୍ନାଥ ମାଝୀ, ସମ୍ପାଦକ ଜଗେନ୍ଦ୍ର ଚୈଧୁରି, କୋଷାଧ୍ୟକ୍ଷ ନାଗେଶ୍ୱର ରାଓ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଘୋଷଣା କରିଥିଲେ, ଓ୍ୱାଇ ଶ୍ରୀନିବାସ ରାଓ ଅଧ୍ୟକ୍ଷ, କୈଳାସ ସାମନ୍ତରାୟ ମୁଖ୍ୟ ଉପଦେଷ୍ଟା, ରାଜେନ୍ଦ୍ର ନାରାୟଣ ପାଢି ଓ ବୃନ୍ଦାବନ ପଣ୍ଡା, ଉପଦେଷ୍ଟା ଙ୍କ ସମେତ ସମସ୍ତ ପଦବି ନିମନ୍ତେ ଚୟନ କରାଯିବା ପର୍ଯ୍ୟବେକ୍ଷକ ଘୋଷଣା କରିଥିଲେ ।

ରାଜ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବରେ ଶ୍ୟାମସୁନ୍ଦର ନାୟକ ଓ ଅରୁଣ କୁମାର ରଥଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ ।

# ମିତ୍ରସଂଘ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା

ପୁରୀ,୧୪/୧୨ (ନି.ପ୍ର): ଶ୍ରୀକ୍ଷେତ୍ରର ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ମିତ୍ରସଂଘର ରୌପ୍ୟ ଜୟନ୍ତୀ ଉପଲେକ୍ଷ ନବକଳେବର ରୋଡ ସ୍ଥିତ ଗଙ୍ଗାମାତା ଲେନର ସ୍ୱାମୀ ବିବେକାନନ୍ଦ ବିଦ୍ୟା ନିକେତନ ପରିସରରେ ବିଭିନ୍ନ ବିଦ୍ୟାଳୟ ଓ ଅନୁଷ୍ଠାନର ସିନିୟର,ସବ ଜୁନିୟର ଓ ଜୁନିୟର ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଯୋଗ, ଡ୍ୟାନ୍ସ ଚେସ ,ଫେନସି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଯୋଗର ସିନିୟର ବିଭାଗରେ ପ୍ରଥମ ଓମପ୍ରକାଶ ସାହୁ, ଦ୍ୱିତୀୟ ତୁଳସୀ ଜେନା, ତୃତୀୟ ଅନିତା ସାମନ୍ତରାୟ, ସବଜୁନିୟର ବିଭାଗରେ ସ୍ୱୟଂ ପ୍ରକାଶ, ଦ୍ୱିତୀୟ ସ୍ୱାତୀ କୁମାରୀ ଦାସ, ତୃତୀୟ ପିୟୁଷ ମହାପାତ୍ର, ଜୁନିଅର ପ୍ରଥମ ଜୀବନ ଜେନା, ଦ୍ୱିତୀୟ ଆୟୁଷ ଜେନା, ପ୍ରିତମ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଚାରକ ଭାବେ ମୃତ୍ୟୁଞ୍ଜୟ ପାଣି ଓ ସୌମ୍ୟଶ୍ରୀ ଦାସ ଯୋଗ ଦେଇଥିଲେ । ଚେସରେ ଚାରି ପଏଂଟ ପାଇ ରୁଦ୍ର ନାରାୟଣ ପୂରଣ ପଣ୍ଡା ପ୍ରଥମ ଓ ଦ୍ୱିତୀୟ ଅଭିଷେକ ସୁବୁଦ୍ଧି , ତୃତୀୟ ଅନିକେତ ସରାଫ, ଚତୁର୍ଥ ସୋଭିତ ସାହୁ ଓ ପଞ୍ଚମ ଅଭିଦ୍ୱୟ ପାତ୍ର ଏବଂ ସ୍ୱୟାନ୍ତନ ଦାସ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି । ବିଚାରକ ଭାବେ ଅଶୋକ ଶତପଥୀ ଓ ଦାଶରଥୀ ମହାନ୍ତି ଯୋଗ ଦେଇଥିଲେ । ଡ୍ୟାନ୍ସ ବିଚାରକ ଭାବେ ଭୁବନେଶ୍ୱର ଡ୍ୟାନ୍ସ କୋରିଓଗ୍ରାଫର କବିର ପ୍ରସାଦ ପ୍ରଧାନ, ବିଭୁବଚନ ସିଂ,ଜଗନ ରେଡ୍ଡୀ ଉପସ୍ଥିତ ଥିଲେ । ମଡର୍ଣ୍ଣ ଡ୍ୟାନ୍ସ ସବଜୁନିୟରେ ପ୍ରଥମ ସାଇକ୍ରିଷ୍ଣା ରାଉତ, ଦ୍ୱିତୀୟ କଳ୍ପନା ବେହେରା, ତୃତୀୟ ଐଶ୍ୱର୍ଯ୍ୟ ପାତ୍ର, ଜୁନିୟରରେ ପ୍ରଥମ ଆୟୁଷ ରଞ୍ଜନ ଦାସ, ଦ୍ୱିତୀୟ ଆଦିକନ୍ତ ସାହୁ ,ତୃତୀୟ ରିତେଶ ଭୋଲ ଏବଂ ସିନିୟରରେ ପ୍ରଥମ ବିଶ୍ୱଜିତ ଦାସ,ଦ୍ୱିତୀୟ ବି ବୟ କିଡ୍ନୀ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ରାଜୀବ ଲୋଚନ ପରିଡା । ସେହିପରି ଫେନସି ବିଚାରକ ଭାବେ ରାଜଲକ୍ଷ୍ମୀ ମିଶ୍ର ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠାନର ସଭାପତି ସୁବାସିନୀ ଶତପଥୀ , ଆବାହକ ଅନନ୍ତ ଶତପଥୀ,ସମ୍ପାଦକ ରାଜୀବ କୁମାର ମହାପାତ୍ର, ସହ ସମ୍ପାଦକ ସସ୍ମିତା ଶତପଥୀ, ଶ୍ୟାମଲ କୁଣ୍ଡୁ, ଦେବାଶିଷ ମହାପାତ୍ର, ଦେବାଶିଷ ଦାସ, ନମିତା ଶତପଥୀ ,ମନିଷା ମହାନ୍ତି, ମୃତ୍ୟୁଞ୍ଜୟ ପାଣି, ଆଲୋକ ମହାନ୍ତି ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ ।

# ସ୍ୱାମୀଙ୍କ ସହ ନିଜ ଜୀବନର ସୁରକ୍ଷା ପାଇଁ ଏସପିଙ୍କ ଦ୍ୱାରସ୍ଥ ହେଲେ ମହିଳା

କୋରେଇ,୧୪/୧୨ (ନି.ପ୍ର): କୁଆଖିଆ ଥାନା ଅନ୍ତର୍ଗତ ମୁଗୁପାଳ ଗୁରୁସାହିର ମିନାକ୍ଷି ଗୁରୁ ତାଙ୍କ ସହିତ ତାଙ୍କ ସ୍ୱାମୀଙ୍କ ଜୀବନ ସୁରକ୍ଷା ପାଇଁ ଆଜି ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ପ୍ରକାଶଯେ ମୁଗୁପାଳ ଗୁରୁସାହିର ମିନାକ୍ଷି ଗୁରୁ ସେକ ରହିମୁଦ୍ଦିନ ନାମକ ଜଣେ ମୁସଲିମ ଯୁବକଙ୍କୁ ବିବାହ କରିଛନ୍ତି । ତାଙ୍କ ସାହିର କିଛି ଅସାମାଜିକ ଯୁବକ ତାଙ୍କୁ ଓ ତାଙ୍କ ସ୍ୱାମୀଙ୍କୁ ବାରମ୍ବାର ମାଡ ମାରିବା ସହ ଗୁରୁସାହି ଛାଡି ଚାଲିଯିବାକୁ ଧମକ ଦେଉଛନ୍ତି । ଏମିତିକି ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଉଛନ୍ତି । ଏଭଳି କାର୍ଯ୍ୟ ଅନେକ ବାର କରିବା ସହିତ ଗତ ୯ତାରି ତାଙ୍କ ସ୍ୱାମୀ ହରିପୁର ହାଟରୁ ଫେରୁଥିବା ବେଳେ ଲାଲା ଗୁରୁ, ଉମାକାନ୍ତ ଦାସ, ସଂଜୟ ଗୁରୁ, ପବିତ୍ର ଗୁରୁ, ମିଟୁ ଗୁରୁ, ବିଜୟ ଗୁରୁ, ଚିଂଟୁ ଗୁରୁ, ଦାଦୁ ଦାସ ପ୍ରମୁଖ ମିଳିତ ଭାବେ ସଂଘବଦ୍ଧ ହୋଇ ତାଙ୍କ ସ୍ୱାମିଙ୍କୁ ମାଡମାରିବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ । ମିନାକ୍ଷିକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମୁସଲିମକୁ ବିବାହ କରିଥିବାରୁ ଗୁରୁସାହି ଛାଡି ଦେବାକୁ ଧମକ ଦେଇଥିଲେ । ଏନେଇ ଗତ ୧୦ ତାରିଖ ମିନାକ୍ଷି କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

# ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ପରିଚାଳନା ଓ ଯୋଗାଣ ଶୃଙ୍ଖଳ ପିଓଏମ୍ ଏସ୍ ଭାରତ ଅନ୍ତର୍ଜାତୀୟ ସମ୍ମିଳନୀ

ସମ୍ବଲପୁର,୧୪/୧୨ (ନି.ପ୍ର): ଭାରତର ଅନ୍ୟତମ ଅଗ୍ରଣୀ ମ୍ୟାନେଜମେଂଟ୍‌ପ୍ରତିଷ୍ଠାନ ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ପ୍ରଡକ୍ସନ୍ ଆଣ୍ଡ୍ ଅପରେସନ୍ସ ମ୍ୟାନେଜମେଂଟ୍ ସୋସାଇଟି (ପିଓଏମ୍‌ଏସ୍) ଭାରତ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ କରାଯାଇଛି । ପିଓଏମ୍‌ଏସ୍ ଇଣ୍ଡିଆ ଚାପ୍ଟର ସହଯୋଗିତାରେ ଆୟୋଜନ କରାଯାଇଥିବା ଏହି ସମ୍ମିଳନୀରେ ବିଶ୍ୱର ଅଗ୍ରଣୀ ପ୍ରତିଭା, ଶିଳ୍ପ ଲିଡର୍ ଓ ଶିକ୍ଷାବିତ୍‌ମାନେ ଅଂଶଗ୍ରହଣ କରିଥିଲେ । ପିଓଏମ୍‌ଏସ୍ ହେଉଛି ଏକ ଅନ୍ତର୍ଜାତୀୟ ପେସାଦାର ସଂସ୍ଥା ଯେଉଁଥିରେ ସାରା ବିଶ୍ୱର ଅପରେସନ୍ସ (ପରିଚାଳନା) ଓ ଯୋଗାଣ ଶୃଙ୍ଖଳ ପରିଚାଳନା ପେସାଦାରମାନେ ରହିଛନ୍ତି । ଭୂରାଜନୈତିକ ସଙ୍କଟ, ମହାମାରୀ ଓ ପ୍ରଯୁକ୍ତିରେ ଦ୍ରୁତ ପରିବର୍ତନ କିଭଳି ଯୋଗାଣ ଶୃଙ୍ଖଳକୁ ନୂଆ ଆକାର ପ୍ରଦାନ କରି ତାହାକୁ ସ୍ଥାୟୀ, ଡିଜିଟାଲ ସମନ୍ୱିତ ଓ ସ୍ଥିର କରୁଛି ତାହା ଉପରେ ଆଲୋକପାତ କରାଯାଇଥିଲା । କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ମୁଖ୍ୟ ଅତିଥି ଶଶି ଶେଖର ମହାନ୍ତି, ନ୍ୟାସନାଲ ଏଜୁକେସନ ଟେକ୍ନୋଲୋଜି ଫୋରମ (ଏନଇଏଫଟି)ର ଅଧ୍ୟକ୍ଷ ଡକ୍ଟର ଅନିଲ ସହସ୍ରବୁଦ୍ଧେ, ପିଓଏମଏସର ସଭାପତି ପ୍ରଫେସର ଶୋଭା କୁମାର, ପିଓଏମଏସ ଭାରତ ଚାପ୍ଟରର ସଭାପତି ପ୍ରଫେସର ସଂଜୀବ ଏ ଜର୍ଜ, ଇଣ୍ଡିଆନ ସ୍କୁଲ ଅଫ ବିଜନେସ୍‌ର (ଆଇବିଏସ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ପ୍ରାକ୍ଟିସ ପ୍ରଫେସର ପ୍ରଫେସର ଚନ୍ଦନ ଚୌଧୁରୀ, ପିଓଏମଏସର ସହକାରୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ନାଗେଶ ମୂର୍ତି, ସମ୍ମିଳନୀର ଅଧ୍ୟକ୍ଷ ପ୍ରଫେସର କୌସ୍ତୁଭ ଚକ୍ରବର୍ତୀ ଓ ସମ୍ମିଳନୀର ସହ ଅଧ୍ୟକ୍ଷ ଆଇଆଇଏମ ସମ୍ବଲପୁରର ପ୍ରଫେସର ସନ୍ଦୀପ ମୁଖୋପାଧ୍ୟାୟ ଉପସ୍ଥିତ ଥିଲେ । ସମ୍ମିଳନୀରେ ମିଚିଗାନ ବିଶ୍ୱବିଦ୍ୟାଳୟ, ସେଲର କଲେଜ ଅଫ ବିଜନେସ, ପାମ୍ପଲିନ କଲେଜ ଅଫ ବିଜନେସ, ଫକ୍‌ସ ସ୍କୁଲ ଅଫ ବିଜନେସ, ଆଇଆଇଟି ବମ୍ବେ, ଆଇଆଇଏମ ଅହମଦାବାଦ, ଆଇଆଇଏମ କୋଜିକୋଡ ଓ ଇଣ୍ଡିଆନ ସ୍କୁଲ ଅଫ ବିଜନେସରୁ ବିଶିଷ୍ଟ ବକ୍ତାମାନେ ଯୋଗ ଦେଇଥିଲେ । ଏଥି ସହିତ ମିଟ୍ ଓ୍ୱାର୍ଲ ପିଜ୍ ୟୁନିଭର୍ସିଟି, ରୟାଲ ହୋଲୋଓ୍ୱେ ୟୁନିଭର୍ସିଟି ଅଫ ଲଣ୍ଡନ, ଆଇଆଇଏମ ବାଙ୍ଗାଲୋର, ଆଇଆଇଏମ ଅହମଦାବାଦ, ଆଇଆଇଏମ କୋଲକାତା, ଆଇଆଇଏମ ଲକ୍ଷ୍ନୌ, ଆଇଆଇଏମ କୋଜିକୋଡ, ଆଇଆଇଏମ ସମ୍ବଲପୁର, ଆଇଆଇଏମ ରାଂଚି, ଆଇଆଇଏମ ବିଶାଖାପାଟଣା, ଆଇଆଇଏମ ଉଦୟପୁର, ଏନଆଇଟି ପାଟନାର ୫୦୦ରୁ ଅଧିକ ଛାତ୍ରଛାତ୍ରୀ, ଗବେଷକ, ଶିକ୍ଷାବିତ୍ ଓ ଶିଳ୍ପ ଲିଡର ଅଂଶଗ୍ରହଣ କରିଥିଲେ ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଜନଶୁଣାଣି



ବାଲିଆପାଳ , ୧୫/୧୨ (ନି.ପ୍ର): ବାଲିଆପାଳ ବ୍ଲକ ସଭାଗୃହ ପରିସରରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀଙ୍କ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକର ୨୮ ପଞ୍ଚାୟତରୁ ଆସିଥିବା ୧୬୦ ଜଣ ହିତାଧିକାରୀ ନିଜ ନିଜର ଅଭିଯୋଗ ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେଗୁଡିକ ମଧ୍ୟରୁ ୩୫ଜଣ ହିତାଧିକାରୀ ଭତ୍ତା ପାଇଁ ଅଭିଯୋଗ କରିଥିଲେ, ସେହିପରି ପ୍ରଧାନମନ୍ତ୍ରୀ ଆବାସ ଘର ପାଇଁ ଜଣେ ହିତାଧିକାରୀ ଜିଲ୍ଲାପାଳଙ୍କୁ ଗୁହାରି କରିଥିଲେ। ନୂତନ ରେସନ କାର୍ଡ ପାଇଁ ୭ଜଣ ହିତାଧିକାରୀ ଦରଖାସ୍ତ ଦେଇଥିଲେ। ବ୍ଲକର ଜମିଜମା ମାମଲା ପାଇଁ ୪୬ଜଣ ହିତାଧିକାରୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ।ସେଥିମଧ୍ୟରୁ ୧୭ଟି ଅଭିଯୋଗର ତତକ୍ଷଣାତ୍ ଜିଲ୍ଲାପାଳ ସମାଧାନ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ନଦୀବନ୍ଧ, ଡ୍ରେନେଜ ପ୍ରଭୃତି ବିଭାଗରୁ ୭୧ଟି ଅଭିଯୋଗ ଆସିଥିଲା। ତେବେ ବିଷ୍ଣୁପୁର ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭିନ୍ନ ଦୁର୍ନୀତିରେ ସଂପୃକ୍ତ ଥିବା ଅଭିଯୋଗ କରି ତାଙ୍କର ତୁରନ୍ତ ବଦଳି ପାଇଁ ବିଷ୍ଣୁପୁର ପଞ୍ଚାୟତର ସମିତି ସଦସ୍ୟ ଚନ୍ଦ୍ରମୋହନ ଦାସ ଏବଂ ସମାଜସେବୀ ସରୋଜ ଦାସ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଥିଲେ। ସେହିପରି ବିଷ୍ଣୁପୁର ପଞ୍ଚାୟତର ସରପଞ୍ଚ ମହେଶ୍ୱର ଜେନା ପଢିଲେଖି ଜାଣିନଥିବା ଯୋଗୁଁ ନ୍ୟାୟାଳୟରେ ପରାଜିତ ହେବା ପରେ ମଧ୍ୟ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ପଞ୍ଚାୟତର ପରାଜିତ ସରପଞ୍ଚ ପ୍ରାର୍ଥୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ ଦ୍ୱାରା ବିଭିନ୍ନ ପଞ୍ଚାୟତରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟରେ ୪୦ ପ୍ରତିଶତ ପିସି ନିଆ ଯାଉଥିବା ନେଇ ସୂଚନା ଅଧିକାର ସଂଘ ସଭାପତି ଅନୁଜ କୁମାର ମହାପାତ୍ର ଏବଂ ବାଲିଆପାଳିଆ ସ୍ୱାଭିମାନି ମଞ୍ଚର ଆବାହକ ସତ୍ୟକାମ ମହାନ୍ତି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସୁବର୍ଣ୍ଣରେଖା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଚିକା ନିଯୁକ୍ତି ପାଇଥିବା ସଞ୍ଜୁ ଗିରି ୬ଦିନ କାର୍ଯ୍ୟ କରିବା ପରେ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟରୁ ବାହାର କରିଦେଇଥିବା ଯୋଗୁଁ ସମ୍ପୃକ୍ତ ପାଚିକା ଅଭିଯୋଗ କରିଥିଲେ। ମାତ୍ର ଜିଲ୍ଲାପାଳ ଯାହାଙ୍କ ବିରୁଦ୍ଧରେ ଅଭିଯୋଗ ତାଙ୍କୁ ହିଁ ଘଟଣା ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ଅଭିଯୋଗ ଶୁଣାଣୀ ଶିବିରରେ ବାଲେଶ୍ୱର ଜିଲ୍ଲାପାଳ, ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଭାଗର ସୁଧାକର ନାୟକ, ଉପଜିଲ୍ଲାପାଳ ଶିବ ମାଲବ୍ୟ ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ପ୍ରଭାତ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବସ୍ତା ଏସଡିପିଓ ମାନସ କୁମାର ଦେଓ, ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକ, ବାଲିଆପାଳ ଆଇଆଇସି ସାଲିଖନ ମୁର୍ମୁ, ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ଯୋଗଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣା ବ୍ଲକ ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ, ଜିପିଡିଓ ପ୍ରିୟବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରାଜଧାନୀରେ...

ଏଗାର ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ, ଦୁଷ୍କର୍ମ କରିଥିଲା । ଆଉ ଏହି ଘଟଣା ପ୍ରଘଟ କଲେ ଜୀବନରୁ ମାରି ଦେବାକୁ ଧମକ ବି ଦେଇଥିଲା । ଗତ ୪ ତାରିଖ ଦିନ ଏହି ବ୍ୟକ୍ତି ଜଣକ ଘରକୁ ଫେରିବା ପରେ, ଝିଅକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପାଇଥିଲେ । ପଚାରିବାରୁ ଘର ମାଲିକର ଭାଇ ନରେଶ ଏଭଳି ନାରକୀୟକାଣ୍ଡ ଘଟାଇଥିବା କହିଥିଲା ନାବାଳିକା ଜଣକ। ଅଭିଯୋଗ ପରେ, ଅଭିଯୁକ୍ତ ନରେଶକୁ ଗିରଫ କରିଥିଲା ମହିଳା ଥାନା ପୁଲିସ । ଆଉ ଆଜି ପୁଣି ଥରେ ନଈ ପଠାରେ ଯେଉଁ ଘଟଣା ଘଟିଲା ତାହାକୁ ନେଇ ଚର୍ଚ୍ଚା ଜୋର ।

# ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ




ବାଲେଶ୍ୱର , ୧୫/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ପାଛୁଡ଼ିଆ ଜିଷ୍ଟ ପୂର୍ ରେ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ର ଦ୍ୱାଦଶ ବାର୍ଷିକ ଉତ୍ସବ ତା - ୧୪/୧୨/୨୦୨୫ ରିଖ ରବିବାର ଦିନ ସଭାପତି କବୀର୍ କୁମାର ଝ୍ଙ୍କ ମଜୁଆଳ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ଆଫ୍ରିକା ମହାଦେଶର ସ୍ୱତନ୍ତ୍ର ରାଷ୍ଟ୍ର ଦୁତ ଦୀପକ ଭୋରା ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ବାଲେଶ୍ୱର ଉପଜିଲ୍ଲାପାଳ ସୁଧାକର ନାୟକ , ବାଲେଶ୍ୱର କ୍ରୀଡା ଅଧିକାରୀ ପୂର୍ଣ୍ଣ ଜେନା , ସମ୍ମାନୀୟ ଅତିଥି ଭାବେ କବି ପ୍ରଶାନ୍ତ ଦାସ , ମେଡିକାଲ କଲେଜ ମନସ୍ତତ୍ୱ ବିତ୍ ଡକ୍ଟର ମାନସ ରଞ୍ଜନ ସାହୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବ ଜ୍ୟୋତି ଦାସ , ସମାଜ ସେବୀ ପୂର୍ବତନ ଲୋକପାଳ ସୁବ୍ରତ କର , ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ର ଶିକ୍ଷାନୁଷ୍ଠାନ ପରିଚାଳନା କମିଟିର ସମ୍ପାଦକ ଓ ପବ୍ଲିକ ସ୍କୁଲ ର ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଦୀପକ ଭୋରକ୍ଷ ତାଙ୍କ ବକ୍ତବ୍ୟରେ କହିଥିଲେ ବିଶ୍ୱସ୍ତରରେ ଭାରତର ସାମ୍ପ୍ରତିକ ସ୍ଥିତି ନିକଟ ଭବିଷ୍ୟତରେ ବିକଶିତ ହେବାକୁ ଯାଉଥିବା ଦେଶକୁ ଆଗକୁ ବଢ଼ାଇବାରେ ଛାତ୍ର ଛାତ୍ରୀ ଙ୍କ ଭୂମିକା ସମ୍ପର୍କରେ ଭୋରା ଉଦାହରଣ ସହ ଉପସ୍ଥାପନ କରିଥିଲେ । ବିଶ୍ୱସ୍ତରରେ ଶିକ୍ଷାଦାନ ର ପ୍ରଚଳନ ଉପରେ ଗୁରୁତ୍ୱରୋପ କରିଥିଲେ । ଅନ୍ୟ ସମ୍ମାନୀୟ ଅତିଥି ମାନେ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ର ବାର୍ଷିକ ଉତ୍ସବ ସଭାପତି ଓ ସମ୍ପାଦକ କର୍ମ କର୍ତ୍ତା ସବୁ ବର୍ଷ ପରି ଚଳିତ ବର୍ଷ ଆୟୋଜନ କରିଥିବାରୁ ଧନ୍ୟବାଦ୍ ଦେଇଥିଲେ । ବିଭିନ୍ନ ପ୍ରକାର କ୍ରୀଡା କୃତି ଛାତ୍ର ଛାତ୍ରୀ ଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ । ସଭାଶେଷରେ ପିଲାମାନଙ୍କର ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଶେଷରେ ସିଦ୍ଧି ବିନାୟକ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷ ସୁମନ୍ତ କୁମାର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ବାର୍ଷିକ ଉତ୍ସବରେ ସ୍କୁଲର ସମସ୍ତ କର୍ମଚାରୀ ବୃନ୍ଦ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ନୂତନ ରାସନ କାର୍ଡ ପ୍ରଦାନର ଶୁଭାରମ୍ଭ



ବାରିପଦା , ୧୫/୧୨ (ନି.ପ୍ର): ଆଜି ବାରିପଦା ପୌରପାଳିକା କାର୍ଯ୍ୟାଳୟ ପରିସରରେ ବାରିପଦା ସହରାଞ୍ଚଳ ଅନ୍ତର୍ଗତ ୨୮ଟି ୱାର୍ଡରେ ଆଦ୍ୟାବଧି ଚିହ୍ନିତ ହୋଇଥିବା ନୂତନ ଯୋଗ୍ୟ ବିବେଚିତ ହିତାଧିକାରୀ ମାନଙ୍କୁ ନୂତନ ରାସନ କାର୍ଡ ବଣ୍ଟନ ନିମନ୍ତେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଗରପାଳ ଶ୍ରୀ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ, ଡ଼. କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପନଗରପାଳିକା ଶ୍ରୀମତୀ ସୀମା ଦାସ ଯୋଗ ଦେଇଥିଲେ। ପ୍ରାରମ୍ଭରେ ନଗରପାଳ ଶ୍ରୀ ମହାନ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ କହିଥିଲେ ଯେ ବାରିପଦା ପୌରାଞ୍ଚଳର ୨୮ଟି ୱାର୍ଡରେ ଅଦ୍ୟାବଧି ନୂତନ ୪୨୮ଟି ପରିବାରଙ୍କୁ ଯୋଗ୍ୟ ହିତାଧିକାରୀ ଭାବେ ଚିହ୍ନିତ କରାଯାଇଛି ଏବଂ ସେଥି ମଧ୍ୟରୁ ଆଜି ଏହି କାର୍ଯ୍ୟକ୍ରମ ରେ ୧୬୭ ଜଣଙ୍କୁ ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ଏହି ନୂତନ ରାସନ କାର୍ଡ ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ପର୍ଯ୍ୟାୟ କ୍ରମେ ଅନ୍ୟମାନଙ୍କୁ ଏହି କାର୍ଡ ପ୍ରଦାନ କରାଯିବ। ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ, ହିତାଧିକାରୀ ମାନଙ୍କୁ ନୂତନ ରାସନ କାର୍ଡ ପ୍ରଦାନ କରିବା ଅବସରରେ କହିଥିଲେ ଯେ, ବାରିପଦା ସହରରେ ଆଗକୁ ଅନେକ କିଛି ଉନ୍ନତି ମୂଳକ କାର୍ଯ୍ୟ କରିବା ପାଇଁ ଯୋଜନା ରହିଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ବାରିପଦା ସହରକୁ ଏକ ସ୍ମାର୍ଟ ସିଟି କରିବା, ସହର ଭିତରେ ଥିବା ଅନେକ ଗୁଡିଏ ପରିତ୍ୟକ୍ତ ପୋଖରୀକୁ ପୁନଃରୁଦ୍ଧାର ସହ ଏହାର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ଏବଂ ରାସ୍ତାଘାଟର ପ୍ରଶସ୍ତିକରଣ ଇତ୍ୟାଦି ଅନେକ ଉନ୍ନତି ମୂଳକ କାର୍ଯ୍ୟ ହେବ ଏବଂ ଏଥିପାଇଁ ସହରବାସୀଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସଚିବ ଶ୍ରୀ ରାମ ଚନ୍ଦ୍ର ସୋରେନ, ଆଦିବାସୀ ମୋର୍ଚ୍ଚାର ରାଜ୍ୟ ସଭାପତି ଶ୍ରୀଯୁକ୍ତ କାନ୍ଦ୍ରା ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରପାଳିକାର ସମସ୍ତ ୱାର୍ଡର କାଉନସିଲର, ବିଭଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## କୁମାରଖୁଣ୍ଟି ହାତୀ ପାଠଶାଳାକୁ ଗଲା କେନ୍ଦୁଝରରୁ ଉଦ୍ଧାର ହାତୀ ଛୁଆ

ଭୁବନେଶ୍ୱର, ୧୫/୧୨ (ନି.ପ୍ର): କେନ୍ଦୁଝରରୁ ଉଦ୍ଧାର ହୋଇଥିବା ଛୁଆ ହାତୀକୁ ଚନ୍ଦକା-ଡମପଡା ଅଭୟାରଣ୍ୟର କୁମାରଖୁଣ୍ଟି ହାତୀ ପାଠଶାଳାକୁ ଅଣାଯାଇଛି। ୬ମାସର ଏହି ଛୁଆ ହାତୀ ଏଠି କୁମକୀ ପ୍ରଶିକ୍ଷଣ ନେବ। ଜଙ୍ଗଲ ଜଗିବ ଓ ପର୍ଯ୍ୟଟକଙ୍କୁ ପିଠିରେ ବସି ବୁଲାଇବ। ଏଭଳି ଚିନ୍ତାକରି ବନବିଭାଗ କେନ୍ଦୁଝରରୁ ଆଣି କୁମାରଖୁଣ୍ଟି ଜଙ୍ଗଲରେ ଛାଡ଼ିଛି। ଗତ ୨୪ ତାରିଖରେ କେନ୍ଦୁଝର ଶୁକଡୋଳା ଖସରା ଜଙ୍ଗଲରେ ଏହି ଛୁଆ ହାତୀ ଗୋଟେ କୂଅରେ ଖସି ପଡ଼ିଥିଲା। ବନବିଭାଗ ଖବର ପାଇ ଜେସିବି ସାହାଯ୍ୟରେ ହାତୀକୁ ଉଦ୍ଧାର କରିଥିଲା।

# ସୁସାହିତ୍ୟିକ ଡ. ବଂଶୀଧର ଚୌଧୁରୀଙ୍କ ବିୟୋଗରେ ଶୋକସଭା

ବାଲେଶ୍ୱର, ୧୫/୧୨ (ନି.ପ୍ର): ଡ. ବଂଶୀଧର ଚୌଧୁରୀ ଏକାଧାରରେ ଫକୀର ମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ଯୁଗ୍ମ ସମ୍ପାଦକ, ସମ୍ପାଦକ, ମେଳାପୀ ଅଧ୍ୟାପକ, କବି, ପ୍ରାବନ୍ଧିକ,ଗବେଷକ, ଦୃଢ଼ ସଂଗଠକ ଭଦ୍ର, ମାର୍ଜିତ ସଚ୍ଚୋଟ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ।ଗତ୯ତାରିଖ ଭୋର ପ୍ରାୟ୪ଟା୨୦ମିନିଟ ସମୟରେ ସେ ପରଲୋକରେ ଗମନ କରିଛନ୍ତି।ଫକୀର ମୋହନ ସାହିତ୍ୟ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ଓ ସମ୍ପାଦକ ଡ.ରତ୍ନାକର ସିଂହଙ୍କ ଶୋକସଭା ସଂଚାଳନରେ ଡ. ବଂଶୀଧର ଚୌଧୁରୀଙ୍କୁ ଭଲ ପାଉଥିବା ମର୍ମାହତ ବନ୍ଧୁ ପରିଜନ ,ବୁଦ୍ଧିଜୀବୀ, ସାହିତ୍ୟିକ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ଅଶ୍ରୁଳ ସ୍ମୃତି ତର୍ପଣ କରିଥିଲେ। ବରିଷ୍ଠତା ଭିତ୍ତିରେ ଶୋକ ସଭାରେ ପ୍ରଥମେ ପଦ୍ମଲୋଚନ ଦତ୍ତ ଶୋକ ବ୍ୟକ୍ତ କରିବା ସଙ୍ଗେସଙ୍ଗେ ଜଣେ ଭଲ ମଣିଷକୁ ଆମେ ହରେଇଲୁ ବୋଲି ମତବ୍ୟକ୍ତ କରିଥିଲେ। ଏହାପରେ ଅନସୂୟା ନାୟକ ତାଙ୍କର ବିୟୋଗରେ ଭଲ ସାହିତ୍ୟିକଙ୍କୁ ଫକୀର ମୋହନ ମାଟି ହରାଇଲା ବୋଲି ଶୋକବ୍ୟକ୍ତ କରିଥିଲେ। ଡ. କ୍ଷିତିଶ୍ୱର ଦାଶ ତାଙ୍କର ଶୋକବାର୍ତ୍ତାରେ ସେ ଜଣେ ଦୃଢ଼ମନା ,ଗୁଣଗ୍ରାହୀ, ସଫଳ ଅଧ୍ୟାପକ, ଓ ଅଧ୍ୟକ୍ଷ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ।ଉପ ସଭାପତି ଦୀନବନ୍ଧୁ ଲେଙ୍କା ଦିବଙ୍ଗତ ଚୌଧୁରୀଙ୍କୁ ବିନୟୀ,ନମ୍ର ଓ ସ୍ପଷ୍ଟ ବାଦୀ ରୂପେ ଅଭିହିତ କରିଥିଲେ ।ଅନ୍ୟତମ ବରିଷ୍ଠ ସଦସ୍ୟ ଅଶ୍ୱିନୀ ଶତପଥୀ ଯାହାଙ୍କୁ ଗୋଡି ମାଟି ଝୁରେ ସେ ମରି ମଧ୍ୟ ଅମର ରହେ ବୋଲି ମତବ୍ୟକ୍ତ କରିଥିଲେ।ପ୍ରାକ୍ତନ ସଭାପତି ଡ.ହରିଶ୍ଚନ୍ଦ୍ର ବେହେରା ତାଙ୍କରି ସଭାପତିତ୍ୱ କାଳରେ ଡ.ଚୌଧୁରୀ ସମ୍ପାଦକ ଥିଲେ।ପୂର୍ବରୁ ସେ ମଧ୍ୟ ଯୁଗ୍ମ ସମ୍ପାଦକ ରହିଥିଲେ।ତାଙ୍କର ଏଭଳି ଅବେଳରେ ବିଦାୟ ତାଙ୍କୁ ବେଶ ମର୍ମାହତ କରିଛି ବୋଲି ମତପ୍ରକାଶ କରିଥିଲେ।ଡ. ଶିରୀଶ ଚନ୍ଦ୍ର ଜେନା ତାଙ୍କ ମାଧୁର୍ଯ୍ୟ ବ୍ୟକ୍ତିତ୍ୱରେ ସେ ବେଶ ପ୍ରଭାବିତ ହୋଇଥିଲେ ବୋଲି ମତ ଦେଇଥିଲେ।ତାଙ୍କର ବନ୍ଧୁ ଉଦୟ ନାରାୟଣ ଦାସ ସେ ଲେଖାଲେଖିରେ ପ୍ରେରଣା ବଂଶୀଠୁ ପାଇଥିଲଏବଂ ତାଙ୍କର ଏହି ବନ୍ଧୁ ପ୍ରେରଣାଦାତା ବଂଶୀଧର ଚୌଧୁରୀଙ୍କୁ ତାଙ୍କର ଶତାବ୍ଦୀ ପୁରୁଷ ବହିରେ ରବୀନ୍ଦ୍ର ମୋହନ ଦାସଙ୍କ ସହିତ ତୁଳନା କରାଯାଇଥିବା ଆଧ୍ୟାୟକୁ ପାଠକରି କାନ୍ଦକାନ୍ଦ ହୋଇଯାଇଥିଲେ। ଅନ୍ୟତମ ଘନିଷ୍ଠ ବନ୍ଧୁ ଡ. ରାଧାରଞ୍ଜନ ପଟ୍ଟନାୟକ ଶୋକସଭାରେ ଅଂଶ ଗ୍ରହଣ କରି କହିଲେ ଯେ'ମୁଁ କାହାର ଶୋକସଭାରେ ମୋ ଆଖିରୁ ଲୁହ ଗଡେ ନାହିଁ, ଅଥଚ ଆଜି ମୋ ଆଖିର ଲୁହ ମୋର ବୋଲ ମାନୁନାହିଁ।ସତେ ଯେପରି ମୋ ଆଖିର ଲୁହରେ ତାଙ୍କର କବିତାକୁ ଧୋଉଛନ୍ତି ବାରମ୍ବାର।ମୋ ଚାରିପାଖରେ ବୁଲୁଥିବା ମଣିଷଟେ ଚାଲିଯିବା ବିଶ୍ୱାସ କରିପାରୁ ନାହିଁ' ।ଏହି ଶୋକ ସଭାରେ ଉପ ସଭାପତି ଅଞ୍ଜଳି ପଣ୍ଡା, ବନ୍ଧୁ ଶଚୀନ୍ଦ୍ର କର ବନ୍ଧୁ ଶ୍ୟାମ ବାବୁ, କାଳିକିଙ୍କର ଦାସ, ସ୍ମୃତିଲେଖା ଦେ, ଦୀପ୍ତିରେଖା ଦାସ, ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ,ଯୁଗ୍ମ ସମ୍ପାଦକ ରାଜେଶ ଗିରି, ପ୍ରାକ୍ତନ ଯୁଗ୍ମ ସମ୍ପାଦକ ଚନ୍ଦ୍ରାଅଂଶୁ ବାନାର୍ଜୀ, ଆଇନଜୀବୀ ଦୀପକ ଦାସ କରୁଣାକର ସୋ,ବିଦ୍ୟାଧର ଦାସ ଆହୁରି ଅନେକ ବୁଦ୍ଧିଜୀବୀ ସାହିତ୍ୟିକ ଓ ବଂଶୀଧର ପ୍ରେମୀ ସ୍ମୃତି ଅର୍ଘ୍ୟ ପ୍ରଦାନ ସଙ୍ଗେସଙ୍ଗେ ସେ ଯେଉଁଠି ଥାଆନ୍ତୁ ସୁଖ ଶାନ୍ତିରେ ଥାଆନ୍ତୁ ବୋଲି ମତବ୍ୟକ୍ତ କରିଥିଲେ।

# ଅଣଦେଖା କଲେ ସରକାରୀ ବାବୁ: ପାଠପଢ଼ାରେ ଡ଼ୋରି ବାନ୍ଧିଥିବା 'ବାବାଜି' ସାଜିଲେ ଦିନ ମଜୁରିଆ



ଉଦଳା, ୧୫/୧୨ (ନି.ପ୍ର): ଯେ ହେଉଛି ମୟୂରଭଂଜ ଜିଲ୍ଲା କୁଳିଅଣା ବ୍ଲକର ଚାନ୍ଦୁଆ ପଂଚାୟତ ଅନ୍ତର୍ଗତ କଖାରୁଶୋଳ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସନୁ ସିଂଙ୍କର ପୁତ୍ର 'ବାବାଜି' ବିଗତ କରୋନା ସମୟରୁ ପାଠପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଖବର ନେବାରୁ 'ବାବାଜି' ଏକଡ଼ାଳି ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢୁଥିଲେ । କରୋନା ଯୋଗୁ ବିଦ୍ୟାଳୟ ଛୁଟି ରହିବା ଫଳରେ ସେ ପାଠ ଠାରୁ ଦୂରେଇ ଯାଇଥିଲେ । ବିଦ୍ୟାଳୟ ଖୋଲିବା ପରେ ସେ ପୁଣିଥରେ କିପରି ବିଦ୍ୟାଳୟକୁ ଯିବେ ଓ ପାଠ ପଢ଼ିବେ ସେଥିପାଇଁ କୌଣସି ମହଲରେ କିଛି ତତ୍ପରତା ପ୍ରକାଶ ପାଇଲା ନାହିଁ । ଶେଷରେ ସେ ବାଧ୍ୟ ହୋଇ ପାଠପଢ଼ାରେ ଡ଼ୋରି ବାନ୍ଧିଲେ । ତେବେ ବିଦ୍ୟାଳୟ ଖାତାରେ 'ବାବାଜି'ଙ୍କ ନାମ ଗଡ଼ି ଚାଲିଛି କି କଟିଯାଇଛି ତାହା ପରିବାର ଲୋକଙ୍କୁ ଜଣାନଥିବାର ସେମାନେ କହିଛନ୍ତି । 'ବାବାଜି'ଙ୍କୁ ବର୍ତ୍ତମାନ ବୟସ ୧୭ବର୍ଷ ଚୁଇଁଥିବା ବେଳେ ସେ ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ଖାଦ୍ୟ ଯୋଜନାରେ ମିଳୁଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ 'ବାବାଜି' ବଂଚିତ ଅଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଆଦିବାସୀ ଲୋକଙ୍କର ସବୁ ପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ସଦର ମହକୁମା ବାରିପଦା ଠାରେ ରହିଛି । ତେବେ 'ବାବାଜି' ଜଣେ ଆଦିବାସୀ ସମ୍ପ୍ରଦାୟ ପିଲା ହୋଇଥିବା ବେଳେ ତାଙ୍କର ଦୁଃଖ ବୁଝିବା ପାଇଁ ଉକ୍ତ ପ୍ରକଳ୍ପ ତତ୍ପରତା ପ୍ରକାଶ ନକରି କାହିଁକି ନିରବ ରହିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଉକ୍ତ ଘଟଣାରେ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଦ୍ୱାରଶୁଣୀ ଘାଟି ରାସ୍ତାରେ କଟକଣା: ପ୍ରତ୍ୟେକ ଗୁରୁ -ଶୁକ୍ରବାର ୩ ଘଣ୍ଟା ବନ୍ଦ ରହିବ

ବାରିପଦା, ୧୫/୧୨ (ନି.ପ୍ର): ଦ୍ୱାରଶୁଣୀ ଘାଟି ମଧ୍ୟ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟ ପାଇଁ ଲାଗିଛି କଟକଣା । ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ପଥର ବିସ୍ଫୋରଣ କାର୍ଯ୍ୟ ପାଇଁ ସତର୍କତା ପଦକ୍ଷେପ ସ୍ୱରୂପ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଆଦେଶ ଜାରି କରାଯାଇଛି । ପ୍ରତ୍ୟେକ ସପ୍ତାହରେ କେବଳ ଗୁରୁବାର ଓ ଶୁକ୍ରବାର ଦିନ ୧ଟା ରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ଏହି ରାସ୍ତା ମଧ୍ୟ ଦେଇ ଯିବାଆସିବା ବନ୍ଦ ରହିବ । ଏହି ନିଷେଧାଦେଶ ଆସନ୍ତା ୧୮-୧୨-୧୦୨୫ରୁ ଆରମ୍ଭ ହୋଇ ଆସନ୍ତା ବର୍ଷ ୨୦୨୬ ଫେବୃଆରୀ ୨୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏହି ଦିନ ମାନଙ୍କରେ ଦ୍ୱାରଶୁଣୀ ଘାଟିକୁ ଯୋଡୁଥିବା ଉଭୟ ବାଙ୍ଗିରିପୋଷି ଓ ବିଶୋଇ ପାର୍ଶ୍ୱରେ ଥିବା ପ୍ରବେଶ ପଥ ବନ୍ଦ ରହିବ । ଯେକୌଣସି ଯାନବାହାନ(ଦୁଇ ଚକିଆରୁ ଉର୍ଦ୍ଧ୍ୱ ସମସ୍ତ ଯାନ) ଓ ପଥଚାରୀ ଏହି ସମୟରେ ଯାତାୟାତ କରି ପାରିବେ ନାହିଁ । ଏହାସହ ଘାଟୀ ଆଖପାଖରେ ଗାଈଛେଳି ଚାରଣ କରାଇବା ମଧ୍ୟ ବାରଣ କରାଯାଇଛି । ସେହିପରି ଆମ୍ବୁଲାନ୍ସ ଓ ଦମକଳବାହିନୀ ଯାନ ତଥା ବିଭିନ୍ନ ଜରୁରୀକାଳୀନ ଯାନ ରାସ୍ତା ନିର୍ମାଣକାରୀ ସଂସ୍ଥା ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ପାଖରୁ ଅନୁମତି ମିଳିବା ପରେ ହିଁ ଯାତାୟତ କରିପାରିବେ । କିନ୍ତୁ ସାଧାରଣ ଲୋକଙ୍କ ଯାନ ତଥା ପରିବହନକାରୀ ଯାନ କଟକଣା ସମୟରେ ଉପଯୁକ୍ତ ପାର୍କିଂ ସ୍ଥାନରେ ରହି ଅପେକ୍ଷା କରିବାକୁ ପଡିବ । କଟକଣା ସମାପ୍ତ ହେବା ପରେ ପ୍ରାଥମିକତା ଭିତ୍ତିରେ ପ୍ରଥମେ ସାଧାରଣ ଲୋକଙ୍କ ଯାନକୁ ଯାତାୟତ ପାଇଁ ଛଡାଯିବ । ତେବେ କ୍ଷୁଦ୍ର ଯାନ ବ୍ୟବହାରକାରୀ ସାଧାରଣ ଲୋକ ସୁଗମ ଯାତାୟାତ ପାଇଁ ବ୍ୟବସ୍ଥା ଅନୁଯାୟୀ ବିଶୋଇ -ଅର୍ଗଳବିନ୍ଧା-ଶଙ୍ଖାଭଙ୍ଗା-ଯୋକା-ଚନ୍ଦନପୁର-କତରା ଛକକୁ ବିକଳ୍ପ ରାସ୍ତା ଭାବରେ ବ୍ୟବହାର କରିପାରିବେ । ଯେକୌଣସି ଅପ୍ରିତିକର ପରିସ୍ଥିତିର ମୁକାବିଲା ପାଇଁ ବ୍ୟାପକ ପୋଲିସ ମୁତୟନ କରିବାକୁ ବିଶୋଇ ଓ ବାଙ୍ଗିରିପୋଷି ଥାନାକୁ ଜିଲ୍ଲା ପ୍ରଶାସନ ତରଫରୁ ଅବଗତ କରାଯାଇଛି ।

# ମହାରାଜା ବୈକୁଣ୍ଠ ନାଥ ସ୍ମୃତି ସଂସଦ ଆନୁକୁଲ୍ୟରେ ବିଶାଳ ରକ୍ତଦାନ ଶିବିର

ବାଲେଶ୍ୱର , ୧୫/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମାଣିଖମ୍ବ ରାଜବାଟୀ ଛକରେ ମହାରାଜା ବୈକୁଣ୍ଠ ନାଥ ସ୍ମୃତି ସଂସଦ ଆନୁକୁଲ୍ୟରେ ଏକ ବିଶାଳ ରକ୍ତଦାନ ଶିବିର ସଭାପତି ସୁଜିତ୍ ଦେବ ଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ରକ୍ତଦାନ ଶିବିର କୁ ମୁଖ୍ୟ ଅତିଥି ବାଲେଶ୍ୱର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ଫିତାକାଟି ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ରକ୍ତଦାନ ଶିବିର ରେ ଅନୁଷ୍ଠାନ ସାଧାରଣ ସମ୍ପାଦକ ରାମ ନାରାୟଣ ଦେ , ଉପସଭାପତି ମ୍ୟୁନିସପାଲିଟି ପୂର୍ବତନ ଭାଇସ ଚେୟାରମେନ ରଶ୍ମିରେଖା ଦେବ , ବିଜେପି ଯୁବନେତା ଗୌରାଙ୍ଗ ଦାସ , ପୂର୍ବତନ ମ୍ୟୁନିସପାଲିଟି ଓ ବ୍ରିଟ ଚେୟାରମେନ ଆଲୋକ କୁମାର ସାହୁ , କଂଗ୍ରେସ ଯୁବନେତା ସମାଜ ସେବୀ ସରୋଜ ଲେଙ୍କା ( ପପୁ ଭାଇ ) , ଆଶ୍ରିତା ତରେଇ , ବିଜେପିର ଗଙ୍ଗା ଭାଇ , ବିଜେପିର ଯୁବନେତା ରାଜେନ୍ଦ୍ର ଚାଟାର୍ଜୀ , କାଉନସିଲର ମୀନା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ସଭାପତି ସୁଜିତ୍ କୁମାର ଦେବ ତାଙ୍କ ବକ୍ତବ୍ୟରେ କହିଥିଲେ ଏହି ରକ୍ତଦାନ ଶିବିର ରେ ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥି ମାନେ ଯୋଗ ଦେଇ ସାଫଲ୍ୟ ମଣ୍ଡିତ କରିଥିବାରୁ ତାଙ୍କର ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ଧନ୍ୟବାଦ୍ ଦେଇଥିଲେ । ବୈକୁଣ୍ଠ ନାଥ ସ୍ମୃତି ସଂସଦ କମିଟିର ସମସ୍ତ ସଭ୍ୟ ସଭ୍ୟା ଓ ଯୁବଗୋଷ୍ଠୀ ଯେଉଁ ମାନେ ରକ୍ତଦାନ ଶିବିର କାର୍ଯ୍ୟ ପରିଚାଳନା କରୁଥିବାରୁ ଧନ୍ୟବାଦ୍ ଦେଉଛି ବୋଲି କହିଥିଲେ । ମୁଖ୍ୟ ଅତିଥି ସ୍ୱରୂପ କୁମାର ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ରକ୍ତଦାନ ମହା ପୁଣ୍ୟ ତେଣୁ ଯେଉଁ ମାନେ ରକ୍ତଦାନ କରୁଛନ୍ତି ସେମାନଙ୍କୁ ଧନ୍ୟବାଦ୍ ଦେଉଛି। ସମ୍ମାନୀୟ ଅତିଥି ମାନେ କହିଥିଲେ ଯେ ସଭାପତି ତାଙ୍କର ପିତାଙ୍କ ଅମର ଆତ୍ମା ର ସତ୍ ଗତି ଓ ମନେ ପକାଇବା ପାଇଁ ଏହି ଆୟଜନ କରୁଥିବାରୁ ଧନ୍ୟବାଦ୍ ଦେଇଥିଲେ। ସଭାପତି ଏହି ରକ୍ତଦାନ ଶିବିର ରେ ୧୦୦ ରୁ ୧୫୦ ୟୁନିଟ ରକ୍ତ ସଂଗ୍ରହ ହେବ ବୋଲି ଆଶା କରିଛନ୍ତି ଏହି ଶିବିରକୁ ଗୋବିନ୍ଦ ଚନ୍ଦ୍ର ଦ୍ୱିବେଦୀ , ଆଦ୍ୟାଶା ଦ୍ୱିବେଦୀ , ସୁରଜ୍ କାନ୍ତ ରଣା , ସଞ୍ଜୟ ବାରିକ , ପଙ୍କଜ କୁମାର ଦାସ , ସଞ୍ଜୟ ଭୂଷଣ କର , ପ୍ରଦୀପ ଚନ୍ଦ୍ର ପାଲ , ଶୁମ୍ଭ କର , ହରିହର ମହାରଣା , ଲୋକନାଥ , ସୁଦର୍ଶନ ମାଝୀ, ଗୋପାଳ ଚନ୍ଦ୍ର ଆଢ୍ୟ , ହରେକୃଷ୍ଣ ବାରିକ ପ୍ରମୁଖ ରକ୍ତଦାନ ଶିବିର କାର୍ଯ୍ୟ ପରିଚାଳନା ରେ ସହଯୋଗ କରିଥିଲେ ।

**OFFICE OF THE BARIPADA MUNICIPALITY**
**BARIPADA, MAYURBHANJ- 757001**
**Tel : 06792-252703**
**Website :www.baripadamunicipality.ine-mail : baripadam.hud@nic.in**

**No.** 1924 **/PW/Date** 10-12-2025

**QUOTATION CALL NOTICE**

| | | |
|---|---|---|
| 1. | Name of the work | : **Supply of Animal Rescue Vehicle with Hydraulic Lifting facility to Baripada Municipality"** |
| 2. | Date of sale of bid document | : From 10.30 AM dtd.12.12.2025 up to 1.00 PM of dt.22.12.2025 |
| 3. | Last date & time of receipt of bid documents | : Up to 1.00 of dt. 24.12.2025 |
| 4. | Date and time of opening of bid documents | : At 4.00 PM of dt. 24.12.2025 |
| 5. | Mode of deposit towards cost of Bid document & EMD | : As per detailed quotation call notice |
| 6. | Name and address of the Officer Inviting quotation | : Executive Officer, Baripada Municipality. |

Further details can be had from the web site "***Mayurbhanj District Website www.mayurbhanj.odisha.gov.in***" from 10.30 AM of dt.12.12.2025 to 1.00 PM of Dt.22.12.2025 or from the office of the undersigned during office hours on all working days.

**Executive Officer**
**Baripada Municipality**

OIPR: 13078/11/0065/2526

ଧ୍ୱନି ପ୍ରତିଧ୍ୱନି



# ଝିଅ ଜନ୍ମ ଦିନରେ ଆୟୋଜନ କଲେ ରକ୍ତଦାନ ଶିବିର



ବସ୍ତା , ୧୫/୧୨ (ନି.ପ୍ର):) ବସ୍ତା ବ୍ଲକ୍ ନାବରା ଗ୍ରାମର ଭୋଳନାଥ କରଙ୍କ ପୁଅ ଜୀବନ କରଙ୍କ ଝିଅ ତ୍ରୟମ୍ବିକା (ସିୟା)ର ଦିତୀୟ ଜନ୍ମ ଦିନରେ ଆଜି ଏକ ରକ୍ତଦାନ ଶିବିର ତ୍ରୈଲୋକ୍ୟରେ ଥିବା ଅନ୍ନପୂର୍ଣ୍ଣା ଇଞ୍ଜିନିୟରିଂ ୱାର୍କସପରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଶିବିରକୁ ବିଧାୟିକା ସୁବାସିନି ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ଉପସଭାପତି ତଥା ପରିବେଶବିତ ସୁମନ୍ତ କୁମାର ଜେନା,ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରା ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଝିଅର ଅଜା କାର୍ତ୍ତିକ ଚନ୍ଦ୍ର ରାଉତ ଓ ପିତା ଜୀବନ କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ୫୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ।ମା ପୂଜା କର, ଜେଜେବାପା ଭୋଳାନାଥ କର, ହରିହର କର, ମଧୁସୂଦନ କର, ପ୍ରଣବ ପାତ୍ର, ଜେଜେମା ଲକ୍ଷ୍ମୀପ୍ରିୟା କର, ମାମୁ କରନ ରାଉତ, ମଞ୍ଜୁଲତା ରାଉତ, ଅଜିତ ଚାନ୍ଦ, ରାଜୀବ ମହାନ୍ତି, ଶାନ୍ତିଲତା ବିଶ୍ୱାଳ, ଅମର ମାନ୍ନା, ଚଇନା ଅନ୍ନପୂର୍ଣ୍ଣା, ପରିଚାଳନାରେ ସହଯୋଗ କରିଥିଲେ ।

# ସରିଲା ମହୋତ୍ସବ: ଅଳିଆଗଦାରେ ପୋତିରହିଛି ବରହମପୁର ମିନି ଷ୍ଟାଡିୟମ୍

ନୀଳଗିରି , ୧୫/୧୨ (ନି.ପ୍ର): କ୍ଷଣିକ ମନୋରଞ୍ଜନ ପାଇଁ ପରିବେଶକୁ ପ୍ରଦୂଷଣ କରିବା ଏବଂ ତତ୍ତ୍ୱାବଧାନ ନନେବା, ଫଳରେ ଆଗାମୀଦିନରେ ଏକ ବିରାଟ ମହାମାରୀକୁ ଆମନ୍ତ୍ରଣକରିବା ଭଳିଆ ଘଟଣା ଦେଖିବାକୁମିଳିଛି ନୀଳଗିରି ବ୍ଲକ୍ ବରହମପୁର ମିନି ଷ୍ଟାଡିୟମ ପରିସରରେ। କିଛିଦିନ ପୂର୍ବରୁ ବଣସୀମା ମହୋତ୍ସବ ନାମରେ ଏକ ମହୋତ୍ସବ ଆୟୋଜିତ ହୋଇଥିଲା। ଏଠାରେ ପ୍ରତିଦିନ ସନ୍ଧ୍ୟାରେ ଏକ ବିରାଟମଞ୍ଚ କରାଯାଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ, ନାଚ, ଗୀତର ଆସର ଦେଖିବାକୁ ମିଳିଥିଲା। ଓଡ଼ିଶାର କୋଣ ଅନୁକୋଣରୁ ଲବ୍ଧପ୍ରତିଷ୍ଠ କଳାକାରଙ୍କ ଅଭିନୟ, ସଙ୍ଗୀତ, ଯାଦୁ, ଦୋଳି, ଘରକରଣା ସାମଗ୍ରୀ ଆଦି ବହୁ ସାମଗ୍ରୀର ପସରା ଖୋଲିଥିଲା। ଦୈନନ୍ଦିନ ହଜାରହଜାର ଦର୍ଶକଙ୍କ ସମାଗମ ଫଳରେ ସ୍ଥାନଟି ଉତ୍ସବମୁଖର ହୋଇପଡ଼ିଥିଲା। ମାତ୍ର ରାନ୍ଧିବାପରେ ଚୁଲିମୁହଁ କଳାପରି ଉତ୍ସବ ସରିଲା ସତ କିନ୍ତୁ ଉକ୍ତ ପଡିଆଟି ଆବର୍ଜନାମୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଉକ୍ତ ପଡିଆରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଖେଳ କସରତ କରିବାକୁ ଅମଙ୍ଗ ହେଉଛନ୍ତି। ପରିବେଶ ଦୁର୍ଗନ୍ଧମୟ ହୋଇପଡ଼ିଥିବା ବେଳେ ପଡିଆସାରା ପ୍ଲାଷ୍ଟିକଜରି ପଡିରହିଥିବା ଦେଖିବାକୁ ମିଳିଛି। ଏନେଇ ଉଦ୍ୟକ୍ତାମାନଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେଥିପ୍ରତି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ଏପରିକି ମହୋତ୍ସବ ସରିବାର ଦୀର୍ଘ ୧୫ଦିନ ପର୍ଯ୍ୟନ୍ତ ଦୋଳି ପଡିରହିବା କାରଣରୁ ଏଠାରେ ପିଲାମାନେ କୌଣସି ଖେଳ ଖେଳିପାରୁନଥିବା ମଧ୍ୟ ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି। ଦୁଇଦିନ ତଳେ ଦୋଳି ହଟିଯାଇଥିଲେ ହେଁ ଏବେବି ଅପନ୍ତରା ହୋଇପଡ଼ିଛି ଷ୍ଟାଡିୟମ ପରିସର । ତେବେ କେବେ ପରିଷ୍କାରହୋଇ ଏକ ସୁସ୍ଥପରିବେଶ ଦେଖାଦେବ ତାକୁ ହିଁ ଅପେକ୍ଷା।



# ଧର୍ମଶାଳା ଘଟଣା ଦୁର୍ଭାଗ୍ୟ ଜନକ ଘଟଣା : ଅମର ଶତପଥୀ

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ଧର୍ମଶାଳା ବିଶୃଙ୍ଖଳା ଘଟଣାକୁ ନିନ୍ଦା କରିବା ସହ ଏହା ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ବରିଷ୍ଠ ରାଜନେତା ଅମର ପ୍ରସାଦ ଶତପଥୀ।

ସେ କହିଛନ୍ତି ଯେ ଶାସନ ଆସିବ ଯିବ, ତାହା ହେଉଛି ଗଣତନ୍ତ୍ରର ସୁନ୍ଦରତା । ଶାସନ ପରିବର୍ତ୍ତନ ଯେଉଁଥିପାଇଁ ହୋଇଥିଲା, ଆଇନ ଶୃଙ୍ଖଳା ଗୋଟେ ବଡ଼ ସମସ୍ୟା ଥିଲା। ତାକୁ ଦୂର ନକରିବା, ଏବଂ ତାହାକୁ ସଠିକ ତଦନ୍ତ ନହେଲେ ଦୁର୍ଭାଗ୍ୟଜନକ । ସତ୍ୟକୁ ଲୁଚାଇ ହେବ ନାହିଁ । ସତ୍ୟ ନିଶ୍ଚୟ ଉଜାଗର ହେବ । ଏହା ଆମ ଜିଲ୍ଲାର ସୁନାମରେ କଳଙ୍କ ଆଣିଛି। ଉଭୟ ପକ୍ଷ ସଂଯମତା ରକ୍ଷା କରନ୍ତୁ । କିନ୍ତୁ ହିଂସାତ୍ମକ କଥାର କୌଣସି ସମାଧାନ ନାହିଁ । ହିଂସା ଆଉ ଗୋଟେ ହିଂସାର କାରଣ । ମୁଁ ଏହାର ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରୁଛି, ସ୍ଥାନୀୟ ପୋଲିସ ଏହାର ସମାଧାନ କରିପାରିବ ନାହିଁ । ଯାଜପୁରକୁ ଶାନ୍ତ କରାଯାଉ।

# ପତିରାଜପୁର ପଡିଆରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

ଖଇରା, ୧୫/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପତିରାଜପୁର ଖେଳ ପଡିଆରେ ୨ଦିନିଆ ସାଂସଦ ଖେଳ ମହୋତ୍ସବ ସୋମବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି । ବିଧାୟକ ପଦ୍ମଲୋଚନ ପଣ୍ଡା,ଭାଜପାର ବାଲେଶ୍ୱର ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଭଦ୍ରକ ଜିଲା ସଭାପତି ଭଗବାନ ପଣ୍ଡା,ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ସ୍ଥାନୀୟ ସରପଞ୍ଚ ପୁଷ୍ପଲତା ଘଡେଇ, ସିମୁଳିଆ ଖେଳ ମହୋତ୍ସବ ସଂଯୋଜକ ନିଳମାଧବ ପଣ୍ଡା, ଖଇରା ସଂଯୋଜକ କିଶୋର କିଙ୍କର ପଢିହାରୀ, ବଡଜୟିପୁର ସମିତିସଭ୍ୟା ପାର୍ବତୀ ସେଠୀ ପ୍ରମୁଖ ଉଦଘାଟନୀ ସମାରୋହରେ ଅତିଥି ଭାବେ ଯୋଗ ଦେଇ ସୁସ୍ଥ ସମାଜ ଗଠନ ପାଇଁ କ୍ରୀଡା ଅପରିହାର୍ଯ୍ୟ । ଏଣୁ କ୍ରୀଡାର ପ୍ରୋତ୍ସାହନ ପାଇଁ ସରକାରଙ୍କର ଏହା ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ । କୈଳାସ ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ୪ମଣ୍ଡଳ ସଭାପତି ଲକ୍ଷ୍ମୀଧର ନାୟକ,ମାନସ କୁମାର ମୁଦୁଲି,ସୁମନ୍ତ କୁମାର ଜେନା ଓ ରମେଶ କୁମାର ଜେନା ପ୍ରମୁଖ ଅତିଥି ଭାବେ ମଞ୍ଚରେ ଉପସ୍ଥିତ ଥିଲେ । ବିଧାୟକଙ୍କର କ୍ରୀଡା ପତାକା ଉତ୍ତୋଳନ ପରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀ ଓ ଛାତ୍ରଙ୍କ ମଧ୍ୟରେ ପୃଥକ ଭାବେ ଦୌଡ, ଲମ୍ଫ ଡିଆଁ, ସାଇକେଲିଂ, ସର୍ଟପୁଟ ଥ୍ରୋ, ସ୍କିପିଂ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅଜୟ କୁମାର ବେହେରା, ଉପେନ୍ଦ୍ର ଭୂୟାଁ, ଉଦ୍ଧବ ଘଡେଇ ପ୍ରମୁଖ ସହଯୋଗ କରିଥିଲେ ।




# ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦିବସ

ଭଦ୍ରକ , ୧୫/୧୨ (ନି.ପ୍ର): ପି ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକରେ କେ . ଭି. ଏସ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଅଛି କ୍ଷ ଏହି ଅବସରରେ ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ଶ୍ରୀ ଦିଲ୍ଲୀପ ରାଉତରାୟ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ , କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ ଏବଂ ସମ୍ବର୍ଦ୍ଧିତ ବକ୍ତବ୍ୟ ପ୍ରଦାନ ପୂର୍ବକ ଛାତ୍ର ଛାତ୍ରୀ ମାନଙ୍କର ଉତ୍ସାହ ବୃଦ୍ଧି କରିଥିଲେ । ଅବସର ପ୍ରାପ୍ତ ଶିକ୍ଷକ, ଶିକ୍ଷୀକା ଏବଂ ପୁରାତନ ଛାତ୍ରଛାତ୍ରୀ ମାନେ ଅତିଥି ରୂପେ ଯୋଗ ଦେଇ କାର୍ଯକ୍ରମ ର ଶୋଭା ମଣ୍ଡନ କରିଥିଲେ ।ବିଦ୍ୟାଳୟର ଅଧକ୍ଷା ପଦ୍ମାବତୀ ଦ୍ୱିବେଦୀ ଙ୍କ ଦ୍ୱାରା ଅତିଥି ପରିଚୟ ଏବଂ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ଏବଂ ନୃତ୍ୟ ପ୍ରଦର୍ଶନ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଅଧକ୍ଷା ପଦ୍ମାବତୀ ଦ୍ୱିବେଦୀ, ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଦୀଲେଶ୍ୱର ସାହୁ , ସୁରେନ୍ଦ୍ର କୁମାର ରାଉତ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ଭଦ୍ରକ ର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ର ସଫଳ ରୂପାୟନ ନିମନ୍ତେ ବିଦ୍ୟାଳୟର ତଥା ଅନ୍ୟ ସମସ୍ତ ଶିକ୍ଷକ ଏବଂ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ଜାତୀୟ ଗୀତ ଗାନ ରେ କାର୍ଯକ୍ରମ ସମାପ୍ତ ହୋଇଥିଲା।



# ଓଡ଼ିଶା ପୁଲିସର ନୂଆ ୱେବସାଇଟ୍ ଲୋକାର୍ପିତ

ଭୁବନେଶ୍ୱର, ୧୫/୧୨ (ନି.ପ୍ର): ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ଓଡ଼ିଶା ପୁଲିସର ଲୋକସେବା ଓ ପାରଦର୍ଶିତାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଧୁନିକ ଜ୍ଞାନ କୌଶଳରେ ନିର୍ମିତ ଏକ ନୂତନ ୱେବସାଇଟ୍ କୁ ଲୋକାର୍ପଣ କରିଛନ୍ତି । ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଆୟୋଜିତ ହୋଇଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ପ୍ରସ୍ତୁତ ହୋଇଥିବା ଏହି ୱେବସାଇଟକୁ ଡିଜିପି ଉନ୍ମୋଚନ କରିଥିଲେ । ଆଗାମୀ ଦିନରେ ସାଧାରଣ ବ୍ୟକ୍ତି ବିଶେଷଙ୍କ ନିମନ୍ତେ ଏହି ୱେବ ସାଇଟଟି ବହୁ ଉପଯୋଗୀ ହେବ ଏବଂ ଏହା ମାଧ୍ୟମରେ ଲୋକମାନେ ପୁଲିସ ବିଭାଗର ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇପାରିବେ ବୋଲି ସେ ମତପ୍ରକାଶ କରିଛନ୍ତି । ନୂତନ ୱେବସାଇଟ୍ ରେ ସାଧାରଣ ନାଗରିକଙ୍କ ପାଇଁ ବିଭିନ୍ନ ଅନଲାଇନ୍ ସେବା, ପୁଲିସ ସୂଚନା, ନୋଟିସ୍, ପ୍ରେସ୍ ବିଜ୍ଞପ୍ତି, ନିଯୁକ୍ତି ସମ୍ବନ୍ଧୀୟ ତଥ୍ୟ, ଟ୍ରାଫିକ୍ ଓ ସୁରକ୍ଷା ସଚେତନତା, ନାଗରିକ ସେବା, ଅପରାଧ ନିରୋଧକ ପଦକ୍ଷେପ, ଗୁରୁତ୍ୱପୂର୍ଣ୍ଣ ସୂଚନା, ଆଇନଗତ ବ୍ୟବସ୍ଥା, ବାର୍ତ୍ତା ଭଳି ସୂଚନା ଉପଲବ୍ଧ ରହିଛି। ଏହି ନୂତନ ୱେବସାଇଟ୍ ଓଡ଼ିଶା ପୁଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ଯୋଗାଯୋଗକୁ ଆହୁରି ସୁଦୃଢ଼ କରିବ । ଏହି ଦ୍ୱିଭାଷା (ଓଡ଼ିଆ ଓ ଇଂରାଜୀ) ୱେବସାଇଟ୍ ଟି ସାଧାରଣ ଜନତାଙ୍କୁ ସହଜ, ସୁବିଧାଜନକ ଓ ଯଥା ଶୀଘ୍ର ପୁଲିସ ସମ୍ପର୍କିତ ସୂଚନା ଓ ସେବା ପାଇପାରିବେ । ସାଧାରଣ ଲୋକମାନେ କମ୍ପ୍ୟୁଟର, ଲାପଟପ, ମୋବାଇଲ ଆପ ଜରିଆରେ ଏହି ୱେବ ସାଇଟ କୁ ଖୋଲି ବିଭିନ୍ନ ସୂଚନା ପାଇପାରିବେ । ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ, ଏସଏଫଏସଏଲ, ଡ଼. ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଡିଆଇଜି(ପ୍ରୋଭିଜନିଙ୍ଗ) ଚରଣ ସିଂ ମିନାଙ୍କ ସମେତ ଆଭାସି ମାଧ୍ୟମରେ ସମସ୍ତ ଜିଲ୍ଲା ଏସପି ଓ ବାଟାଲିୟନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଉଇଜ୍ ଡମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ବଣଭୋଜି




ଲଙ୍ଗଳେଶ୍ୱର, ୧୪/୧୨ (ନି.ପ୍ର): କଷାଫଳ ଉଇଜଡମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶେରଗଡ଼ ବାଲେଶ୍ୱର ପକ୍ଷରୁ ଶୀତ କାଳୀନ ବଣଭୋଜି ୨୦୨୫ କାର୍ଯ୍ୟକ୍ରମ କଷାଫଳ ସମୁଦ୍ର ବେଳାଭୂମିରେ ମହା ଆଡ଼ମ୍ବରରେ ପାଳିତ ହୋଇ ଯାଇଛି। ଅନୁଷ୍ଠାନର ଚେୟାରମେନ ସ୍ମିତା ଦେବୀ ମୁଖ୍ୟ ପରିଚାଳକ, ଇଂ ନନ୍ଦଦୁଲାଲ୍ ଘଡ଼େଇ, ସମ୍ପାଦକ ଜନ୍ମେଜୟ ଶତପଥୀ ପ୍ରମୁଖ ଉପସ୍ଥି ତ ଥିଲେ। ମୁଖ୍ୟ ଅତିଥି ଭାବେ ଭଗବାନ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ ଦାସ, ଏକାଡେମୀର ମୁଖ୍ୟ କ୍ଷିତିଶ କୁମାର ମଣ୍ଡଳ ମଞ୍ଚ ପରିଚାଳନା ଦାୟିତ୍ୱ , ମୁଖ୍ୟ ବକ୍ତା ଭାବରେ କାର୍ତ୍ତିକ ଚନ୍ଦ୍ର ଘଡେଇ ଏବଂ ସମ୍ମାନିତ ଅତିଥି ଭାବରେ କଷାଫଳ ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ମୁକୁନ୍ଦ ଆଦିକ, ଦିଲିପ୍ ପାତ୍ର, ପ୍ରଭାସ ସାହୁ, ଦୁଷ୍ମନ୍ତ ସେଠୀ, ପୂର୍ବତନ ସରପଞ୍ଚ ଶିବାନନ୍ଦ ପାତ୍ର, ବାଦଲ ବିଶ୍ୱାସ, ତଥା ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ, ସଂଗୀତ, ନାଟକ ଅଭିନୟ ଇତ୍ୟାଦି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ରାଜ୍ୟସ୍ତରୀୟ ଜାତୀୟ ଶକ୍ତି ସଂରକ୍ଷଣ ଦିବସରେ ଭୁବନେଶ୍ୱରଠାରେ ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରକଳ୍ପ ପ୍ରଶଂସିତ

ବୈଶିଙ୍ଗା , ୧୫/୧୨ (ନି.ପ୍ର): ବୈଶିଙ୍ଗା ଥାନ ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ର ନବମ ଶ୍ରେଣୀ ଛାତ୍ର ଶ୍ରୀମାନ ପରମେଶ୍ୱର ସାହୁଙ୍କ ପ୍ରକଳ୍ପ 'ଅଟମେଟିକ ଏନର୍ଜି ସେଭିଂ ଡିଭାଇସ୍' ଭୁବନେଶ୍ୱର ଲୋକସେବା ଭବନ ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଜାତୀୟ ଶକ୍ତି ସଂରକ୍ଷଣ ଦିବସରେ ଉଚ୍ଚ ପ୍ରଶଂସିତ ହୋଇଛି। ଦୈନନ୍ଦିନ ଜୀବନରେ ଶକ୍ତି ଅପଚୟ କୁ ରୋକିବା ସହିତ ଏହାର ନିୟନ୍ତ୍ରଣ କିପରି କରାଯିବ ତାହା ଏହି ପ୍ରକଳ୍ପ ମାଧମରେ ଦର୍ଶାଯାଇଛି । ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ଜଣେ ଲେଖାଏଁ ପ୍ରତିଯୋଗୀ ଏହି ରାଜ୍ୟ ସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନୀ ରେ ଅଂଶ ଗ୍ରହଣ କରି ନିଜ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ବିଜ୍ଞାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନାଙ୍କ ମାର୍ଗଦର୍ଶନ ରେ ପ୍ରସ୍ତୁତ ଏହି ପ୍ରକଳ୍ପ ଟି ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି ପାରିଛି। ଶକ୍ତି ବିଭାଗ, ଓଡ଼ିଶା ସରକାରଙ୍କ ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ ଏବଂ ଏସ.ଡି.ଏ ଆନୁକୂଲ୍ୟରେ , ସି.ଇ.ଏସ୍., ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହାୟତାରେ ଆୟୋଜିତ ୨୦୨୫ ରାଜ୍ୟ ସ୍ତରୀୟ ଶକ୍ତି ସଂରକ୍ଷଣ ଦିବସରେ ଓଡ଼ିଶାର ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହଦେଓ, ଶକ୍ତି ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ,ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ତଥା ସି. ଇ. ଏସ୍. ର ନିର୍ଦ୍ଦେଶକ ପ୍ରମୁଖ ପ୍ରକଳ୍ପଟିର ଉପାଦେୟତା ସଂପର୍କରେ ପଚାରି ବୁଝି ଥିଲେ। ଛାତ୍ର ଶ୍ରୀମାନ ସାହୁଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ , ଅଭିଭାବକ ଅଭିନନ୍ଦନ ଜଣାଇ ଛନ୍ତି।



# ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ତିରୋଧାନ ଦିବସ ଅବସରରେ ବିଶାଳ ରକ୍ତଦାନ ଶିବିର

ବାଲେଶ୍ୱର, ୧୫/୧୨ (ନି.ପ୍ର): ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ତିରୋଧାନ ଦିବସ ଅବସରରେ ସୋମବାର ପୂର୍ବାହ୍ନରେ ସ୍ଥାନୀୟ ହରିପ୍ଲାଜା। ପ୍ରାଙ୍ଗଣରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିକ୍ରମ ପଣ୍ଡା ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଏହି ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏହି ରକ୍ତଦାନ ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଉଦଘାଟନ କରିଥିବା ବେଳେ ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ,ବାଲେଶ୍ୱର ପୌରପାଳିକାର ଅଧକ୍ଷା ସବିତା ସାହୁ, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ବରିଷ୍ଠ ବିଜେପି ନେତା ଉମାକାନ୍ତ ମହାପାତ୍ର, ଶ୍ରୀନିବାସ ପ୍ରଧାନ, ଡ଼କ୍ଟର ଜ୍ଞାନେନ୍ଦ୍ର ବେହୁରିଆ, ମାନସ ଦାସ ପଟ୍ଟନାୟକ, ଶିକ୍ଷାବିତ୍ ବିଦ୍ୟୁବେନ୍ଦୁ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥଲେ। ଏହି ରକ୍ତଦାନ ଶିବିରରେ ମୋଟ ୪୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବାଲେଶ୍ୱର ରକ୍ତ ଭଣ୍ଡାରର ମୁଖ୍ୟ ପରିଚାଳକ ଡକ୍ଟର ବସନ୍ତ କୁମାର ଉପାଧାୟଙ୍କ ନେତୃତ୍ୱରେ ରେଡକ୍ରସ କର୍ମଚାରୀ ମାନେ ସହଯୋଗ କରିଥଲେ। ଏହି ରକ୍ତଦାନ ଶିବିରକୁ ସାମାଜିକ କର୍ମୀ ଆଶିଷ କୁମାର ଘୋଷ, ସଂଗ୍ରାମ ପଣ୍ଡା, ସାମ୍ବାଦିକ ହରେକୃଷ୍ଣ ଦାସ, ବିବେକାନନ୍ଦ ଦାସ, ସୁଶାନ୍ତ କୁମାର ରଣା, ରୂପକ ବେହେରା, ସୁଶିଲ ଜେନା, ସତ୍ୟନ୍ଦ୍ର ଦାସ, ସାଇରୁଲ ହକ୍, ଆଶ୍ରିତା ତରାଇ, ଅବଦୁଲ ଇଶ୍ରାଏଲ୍ ପ୍ରମୁଖ ପରିଚାଳନା କରିଥଲେ। ଶେଷରେ ବିକ୍ରମ ପଣ୍ଡା ଫାଉଣ୍ଡେସନ ଟ୍ରଷ୍ଟର ସଭାପତି ବିକ୍ରମ ପଣ୍ଡା ସମସ୍ତ ରକ୍ତଦାତାଙ୍କୁ ଧନ୍ୟବାଦ୍ ଦେବା ସହ ପ୍ରତିବର୍ଷ ଏଭଳି ରକ୍ତଦାନ ଶିବିରର ଆୟୋଜନ କରାଯାଇ ରକ୍ତର ଅଭାବକୁ ଦୂର କରାଯିବ ବୋଲି ସୂଚନା ଦେଇଥିଲେ। ଜିଲ୍ଲାରେ ଉଦବେଗଜନକ ଭାବେ ଥାଲାସେମିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ହେଉଥିବା ବେଳେ ସେମାନଙ୍କ ପାଇଁ ଆବଶ୍ୟକ ରକ୍ତର ଅଭାବ ରହିଛି। ସେଥିପାଇଁ ଏଭଳି ରକ୍ତଦାନ ଶିବିରର ଆବଶ୍ୟକତା ରହିଛି ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଥିଲେ।




# ଧାନ ମଣ୍ଡି ଖୋଲିବା ପାଇଁ ଦାବିପତ୍ର

ଜଳେଶ୍ୱର, ୧୫/୧୨ (ନି.ପ୍ର): ନଭେମ୍ବର ମାସରେ ମଣ୍ଡି ଖୋଲିବ ବୋଲି କହିଲେ କିନ୍ତୁ ନଭେମ୍ବର ଯାଇ ଡିସେମ୍ବର ଅଧା ହେଲାଣି ଧାନ ମଣ୍ଡି ଏଯାଏଁ ଖୋଲିଲା ନାହିଁ କି ଚାଷୀଙ୍କୁ ଟୋକନ୍ ଦିଆଗଲା ନାହିଁ।ଧାନ ଅମଳ କରି ଚାଷୀ ମୁଣ୍ଡରେ ହାତ ଦେଇ ବସିଛି।ଯାହାଫଳରେ ବଙ୍ଗ ବ୍ୟାପାରୀ ଙ୍କ ପାଦୁ ଭାବ ବଢ଼ି ବଢ଼ି ଚାଲିଛି। ଏ ନେଇ ଜଳେଶ୍ୱର ବ୍ଲକ୍ ରେ ଆଜି ସକାଳ ୧୦ ଘଟିକା ସମୟ ରେ ତୁରନ୍ତ ଧାନ ମଣ୍ଡି ଖୋଲିବା ଏବଂ ଚାଷୀଙ୍କୁ ଟୋକନ୍ ପ୍ରଦାନ ଦାବି ନେଇ ଜଳେଶ୍ୱର ତହସିଲଦାର କାର୍ଯ୍ୟାଳୟ ରେ ପହଞ୍ଚି ତହସିଲ୍‌ଦାର ଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। କୃଷକ ସଭା ମଞ୍ଚ ପୂର୍ବରୁ ଦୁଇ ଦୁଇ ଥର ଦାବି ପତ୍ର ପ୍ରଦାନ କରିଛନ୍ତି କିନ୍ତୁ କେବଳ ମିଥ୍ୟା ପ୍ରତିଶୃତି ମିଳିଛି। ତେଣୁ ଏକ ସପ୍ତାହ ମଧ୍ୟରେ ଧାନ କିଣା ନ ଗଲେ କୃଷକ ସଭା ତରଫରୁ ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଗଣଧାରଣା ଦିଆଯିବ ବୋଲି ତହସିଲଦାର ଙ୍କୁ ଚେତାବନୀ ଦେଇଛନ୍ତି।ଏହି ସମୟ ରେ ଜଳେଶ୍ୱର କୃଷକ ସଭା ତରଫରୁ କୃଷକ ସଭାର ରାଜ୍ୟ ସଭାପତି ସୀତାଂଶୁ ସେନାପତି,ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ଗିରି, ବ୍ଲକ ସମ୍ପାଦକ ଜୀବନ ପରିଡ଼ା, ଦିପ୍ତିମାନ ଆଚାର୍ଯ୍ୟ, ଅକ୍ଷୟ କୁମାର ମିଶ୍ର , ଦିଲ୍ଲୀପ ପରିଡ଼ା,ରାଜୀବ ପଣ୍ଡା, ଚନ୍ଦନ ଶତପଥୀ, ଗଣେଶ ପାତ୍ର,ପ୍ରଶାନ୍ତ କୁମାର ପାତ୍ର,ସବିତା ଭୂୟାଁ ,ମାନସ ସୀଟ,ସାଇମା ବିବି ପ୍ରମୁଖ ଉପସ୍ଥିତ ଥିଲେ।


## ମିଷ୍ଟାନ୍ନ ଭଣ୍ଡାର ପାଇଁ କୁଶଳୀ କାରିଗର ଓ ଦକ୍ଷତା ଥିବା ବ୍ୟକ୍ତି ଆବଶ୍ୟକ

ସହରରେ ଥିବା ଏକ ସୁନାମଧନ୍ୟ ମିଷ୍ଟାନ୍ନ ଭଣ୍ଡାର ପାଇଁ ବିଭିନ୍ନ ଯୋଗ୍ୟତା ଥିବା ବ୍ୟକ୍ତିବିଶେଷ ଆବଶ୍ୟକ। ମିଠା ମିସ୍ତ୍ରୀ, ସେଲ୍ସ ମ୍ୟାନ, ତେଲାଇ ମିସ୍ତ୍ରୀ ଆବଶ୍ୟକ। ଯୋଗ୍ୟତା ଓ କୁଶଳତା ଅନୁଯାୟୀ ସେମାନଙ୍କର ପାରିଶ୍ରମିକ ଦିଆଯିବ। ୬ ହଜାର ଟଙ୍କାରୁ ୧୬ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ବେତନ ପ୍ରଦାନ କରାଯିବ।

ଯୋଗାଯୋଗ : ୯୬୯୩୬୫୯୪୭୩/ ୮୨୬୦୯୧୯୧୧୭


❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida